R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୯୯
ତିଥି : ଦ୍ୱାଦଶୀ
୦୫ ଅଗଷ୍ଟ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 299
05 Aug 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା

## ସିସିଟିଭି ଫୁଟେଜ୍ ଆଧାରରେ କ୍ରାଇମ୍‌ବ୍ରାଞ୍ଚର ତନାଘନା

ବାଲେଶ୍ୱର, ୪।୮ (ସବ୍ୟୁ): ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତୀ ଘଟଣାରେ ସିସିଟିଭି ଫୁଟେଜ୍ ଆଧାରରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଆଗକୁ ବଢୁଛି । ସିସିଟିଭି ଫୁଟେଜରେ ଘଟଣା ଦିନ ସୌମ୍ୟାଶ୍ରୀ ସାଇକେଲ୍‌ରେ ଯିବାର ଏକ ଫଟୋ ନଜରକୁ ଆସିଛି । ତେବେ ସେ ଦିନ ସେ କୁଆଡେ



- ଆତ୍ମାହୁତୀ ଲାଗି ପ୍ରବର୍ତ୍ତାଇଥିବା ଦୁଇ ଛାତ୍ର ଗିରଫ
- ସୌମ୍ୟାଶ୍ରୀଙ୍କ ସାଇକେଲରେ ଯିବା ଫଟୋକୁ ନେଇ ଅନେକ ପ୍ରଶ୍ନ

ଯାଉଥିଲେ ତାହା ସ୍ପଷ୍ଟ ହୋଇନାହିଁ । ତେବେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଆତ୍ମାହୁତୀ ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ଘଟଣାର ୨୦ ଦିନ ପରେ ଦୁଇ ଛାତ୍ର ଶୁଭ୍ରସମ୍ବିତ୍ ନାୟକ ଓ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ଗତକାଲି ବିଳମ୍ବିତ ରାତିରେ ଗିରଫ କରାଯାଇଛି । ତେବେ ଏହି ଘଟଣାରେ ଆଉକିଛି ଲୋକଙ୍କର ସମ୍ପୃକ୍ତି ଥିବାନେଇ ଅନୁମାନ କରାଯାଉଛି ।

ସୌମ୍ୟାଶ୍ରୀ ନିଜ ସମସ୍ୟା ନେଇ ଲଢ଼େଇ କରୁଥିବା ବେଳେ କିଛି ଛାତ୍ର ତାଙ୍କୁ ଆତ୍ମଦାହ ପାଇଁ ପ୍ରବର୍ତ୍ତାଇ ଥିଲେ ବୋଲି ଅଭିଯୋଗ ହୋଇଥିଲା । ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମ କରୁଥିବା ବେଳେ ନିକଟରେ କିଛି ଛାତ୍ର ମୋବାଇଲ୍‌ରେ ଭିଡ଼ିଓ କରୁଥିବା ଦେଖାଯାଇଥିଲା । ଘଟଣାର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ସେଦିନର ସିସିଟିଭି ଭିଡ଼ିଓ ଫୁଟେଜ୍ ଯାଞ୍ଚ କରିବା ପରେ ଏହି ଦୁଇଛାତ୍ରଙ୍କ ସମ୍ପୃକ୍ତି ଥିବା ପ୍ରମାଣ ପାଇଥିବା (୯ ପୃଷ୍ଠାରେ)



## ଶିବୁ ସୋରେନ୍‌ଙ୍କ ପରଲୋକ

ନୂଆଦିଲ୍ଲୀ, ୪।୮ : ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିବୁ ସୋରେନଙ୍କ ପରଲୋକ ହୋଇଯାଇଛି । ୮୧ ବର୍ଷ ବୟସରେ ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି । ନୂଆଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଆଜି ସନ୍ଧ୍ୟାରେ ତାଙ୍କ ମରଶରୀର ରାଞ୍ଚିରେ ପହଞ୍ଚିଛି । ତାଙ୍କ



### ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଥିଲେ

### ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ନରେନ୍ଦ୍ର ମୋଦି, ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଶିବୁ ସୋରେନ୍‌ଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି ।

ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ସେ ମଧ୍ୟ ପ୍ରତିଷ୍ଠାତା ଥିଲେ । ସୋରେନ୍ ଏବେ ରାଜ୍ୟସଭା ସାଂସଦ ରହିଥିଲେ । ତାଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କ ପୁଅ ଓ ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ସୂଚନା ଦେଇଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଆଦରଣୀୟ ଦିସୁନ୍ ଗୁରୁ ଆମ ସମସ୍ତଙ୍କୁ ଛାଡି ଚାଲିଗଲେ । ଆଜି ମୁଁ ଶୂନ୍ୟ (୯ ପୃଷ୍ଠାରେ)

## ଆଇଏଏସ୍ ବିଷ୍ଣୁପଦଙ୍କ ଅଡୁଆ ବଢ଼ିଲା

### ସୁପ୍ରିମ୍‌କୋର୍ଟରେ ଆଗୁଆ ଜାମିନ୍ ଖାରଜ

ଭୁବନେଶ୍ୱର, ୪।୮ (ସବ୍ୟୁ) : ବିଷ୍ଣୁପଦ ସେଠୀଙ୍କ ଅଡୁଆ ବଢ଼ିଛି । ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଖାରଜ ହେବାପରେ ସୁପ୍ରିମ୍‌କୋର୍ଟକୁ ଶ୍ରୀ ସେଠୀ ଯାଇଥିଲେ । ମାତ୍ର ସେଠି ମଧ୍ୟ ତାଙ୍କୁ ଆଶ୍ୱସ୍ତି ମିଳିନାହିଁ । ସୁପ୍ରିମ୍‌କୋର୍ଟ ମଧ୍ୟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । ୧୦ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ଗତ ଜୁଲାଇ ୨୮ରେ ହାଇକୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିଥିଲେ ।

ଗତବର୍ଷ ଡିସେମ୍ବର ୬ରେ ସିବିଆଇ ଏକ ହୋଟେଲ ସାମ୍ନାରେ ଦେଢ଼ କୋଟି ଟଙ୍କାର ଡିଲ୍ ପାଇଁ ୧୦ ଲକ୍ଷ ଲାଞ୍ଚ କାରବାର ମାମଲାରେ ଏକ ଦାମୀ କାର୍ ଉପରେ ଚଢ଼ାଉ କରିଥିଲା । ବ୍ରିଜ୍ ଆଣ୍ଡ ରୁଫ୍ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀରେ ମଧ୍ୟ ସିବିଆଇ ତନାଘନା କରିଥିଲା । ଏହି ମାମଲାରେ ୩ ଜଣଙ୍କୁ ସିବିଆଇ ହେପାଜତକୁ ନେଇଥିଲା । ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ଡ୍ରାଇଭର, ଅଫିସ କର୍ମଚାରୀ, କେୟାରଟେକରଙ୍କୁ ସିବିଆଇ ଜେରା କରିଥିଲା । ଶ୍ରୀ ସେଠୀଙ୍କ ବାସଭବନରେ ସିବିଆଇ ରେଡ୍ କରିଥିଲା । ବିଷ୍ଣୁପଦ ସେଠୀଙ୍କୁ ମଧ୍ୟ ସିବିଆଇ ସମନ କରିଥିଲା । ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀର ମୁଖ୍ୟ ଚଞ୍ଚଳ ମୁଖାର୍ଜୀଙ୍କ ସହ ତାଙ୍କର ସମ୍ପର୍କ ନେଇ ଏହି ଚଢ଼ାଉ କରାଯାଇଥିଲା । ଗିରଫଦାରୀରୁ ବର୍ତ୍ତିବା ପାଇଁ ହାଇକୋର୍ଟ ଯାଇଥିଲେ । ହାଇକୋର୍ଟରେ ଜାମିନ ନ ମିଳିବାରୁ ସୁପ୍ରିମ୍‌କୋର୍ଟ ଯାଇଥିଲେ । ପରେ ସୁପ୍ରିମ୍‌କୋର୍ଟରୁ ମଧ୍ୟ ସେ ନିରାଶ ହୋଇଛନ୍ତି ।

### ରାହୁଲଙ୍କ ଉପରେ ସୁପ୍ରିମ୍‌କୋର୍ଟଙ୍କ କଡା ଟିପ୍ପଣୀ

## ପ୍ରକୃତ ଭାରତୀୟ ଏଭଳି କହିବେ ନାହିଁ

ନୂଆଦିଲ୍ଲୀ, ୪।୮ : ଭାରତଯୋଡ ଯାତ୍ରା ସମୟରେ ଚୀନ୍ ସମ୍ପର୍କରେ ରାହୁଲ ଗାନ୍ଧି ଦେଇଥିବା ମନ୍ତବ୍ୟ ନେଇ ସୁପ୍ରିମ୍‌କୋର୍ଟ ଆଜି ତାଙ୍କୁ କଡା ଭାଷାରେ ଟିପ୍ପଣୀ କରିଛନ୍ତି । ପ୍ରକୃତ ଭାରତୀୟ କେବେବି ଏଭଳି ମନ୍ତବ୍ୟ ଦେବେନାହିଁ ବୋଲି କହିଛନ୍ତି । ଏହାଛଡା ତାଙ୍କ ନାମରେ ହୋଇଥିବା ମାନହାନୀ ମୋକଦ୍ଦମା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ।

ଭାରତଯୋଡ ଯାତ୍ରା ସମୟରେ ରାହୁଲ କହିଥିଲେ ଯେ ଚୀନ୍ ସହ ମୁକାବିଲା କରିବାର ଏକମାତ୍ର ଉପାୟ ହେଉଛି ସେମାନଙ୍କ ସହ ଦୃଢ଼ତାର ସହ ମୁକାବିଲା କରିବା । ଚୀନ୍ ଭାରତର କୌଣସି ଭୂମି ଦଖଲ କରିନାହିଁ ବୋଲି ଏକମାତ୍ର ବ୍ୟକ୍ତି ପ୍ରଧାନମନ୍ତ୍ରୀଙ୍କର ଏହି ଧାରଣା ରହିଛି । ନିକଟରେ ପୂର୍ବତନ ସୈନିକ ଓ ଲଦାଖର ଏକ ପ୍ରତିନିଧି ମଣ୍ଡଳଙ୍କୁ ଭେଟିଥିଲି । ଯେଉଁମାନେ ସ୍ପଷ୍ଟ ଭାବରେ କହିଥିଲେ ଭାରତୀୟ କ୍ଷେତ୍ରର ୨୦୦୦ କିମିକୁ ଚୀନ୍ ଦ୍ୱାରା ଦଖଲ କରାଯାଇଛି । ଏହି



ମାମଲାର ଶୁଣାଣି ସୁପ୍ରିମ୍‌କୋର୍ଟରେ ଥିଲା । ଜଷ୍ଟିସ୍ ଦ୍ୱିପଙ୍କର ଦତ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଥିଲେ । ଜଷ୍ଟିସ୍ ଦତ୍ତ କହିଥିଲେ ଯେ ଆମେ ଏହି ମନ୍ତବ୍ୟକୁ ପଢ଼ିଛୁ । ୨୦୦୦ କର୍ମ କିମି ଭାରତୀୟ ସୀମାର ଚୀନ୍ ଦ୍ୱାରା ଅଧିଗ୍ରହଣ କରାଯାଇଛି ବୋଲି ସେ କିଭଳି ଜାଣିଲେ । ଆପଣ ସେଠି ଥିଲେ କି । ଯଦି ଆପଣଙ୍କ ପାଖରେ ଏହାର କୌଣସି ନିର୍ଭରଯୋଗ୍ୟ ତଥ୍ୟ ରହିଛି ତେବେ ତାହାର ପ୍ରମାଣ ଦିଅନ୍ତୁ । ଏଭଳି ମନ୍ତବ୍ୟ ଦିଅନ୍ତୁ ନାହିଁ । ରାହୁଲଙ୍କ ପକ୍ଷରୁ ଯୁକ୍ତି ବାଢ଼ି ବରିଷ୍ଠ ଆଇନ୍‌ଜୀବୀ ଏଏନ୍ ସିଂହଭି କହିଥିଲେ ଯେ ଲୋକଙ୍କ ସ୍ୱାର୍ଥ ପାଇଁ ଏଭଳି ମନ୍ତବ୍ୟ ଦିଆଯାଇଥିଲା । ଆମର ୨୦ ସୈନିକଙ୍କୁ ମାଡ ମରାଯାଇ ହତ୍ୟା କରାଯାଇଥିଲା । ଏହା ଚିନ୍ତାଜନକ କଥା । ତେବେ ଜଷ୍ଟିସ୍ ଦତ୍ତ ପଚାରିଥିଲେ ଯେ ବିରୋଧୀ ଦଳ (୯ ପୃଷ୍ଠାରେ)

### ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ବୋର୍ଡ ସଭାପତି

ଭୁବନେଶ୍ୱର, ୪।୮ (ସବ୍ୟୁ) : ମାଧ୍ୟମିକ ଶିକ୍ଷା ପରିଷଦ (ବିଓଏସ୍‌ଇ) ସଭାପତି ଶ୍ରୀକାନ୍ତ ତରାଇ ଲୋକସେବା ଭବନରେ ଆଜି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ସାକ୍ଷାତ କରିଛନ୍ତି । ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା ପରେ ସଭାପତି ମନ୍ତ୍ରୀ ଓ ସଚିବଙ୍କୁ ଭେଟିବା ଅନେକ ଗୁରୁତ୍ୱ ବହନ କରୁଛି । ପ୍ରଶ୍ନପତ୍ର ଲିକ୍ ମାମଲାରେ ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କ (୯ ପୃଷ୍ଠାରେ)

## ସମୂହ ନମାଜପାଠ ପରେ ବଳଙ୍ଗା ପୀଡ଼ିତାଙ୍କୁ କବର

ବଳଙ୍ଗା, ୪।୮ (ସବ୍ୟୁ) : ଦୁଇ ସପ୍ତାହ ଧରି ସଂଘର୍ଷ ପରେ ଜୀବନ ଯୁଦ୍ଧରେ ହାରି ଯାଇଥିବା ବଳଙ୍ଗା ପୀଡ଼ିତା ଅନ୍ତିମ ସଂସ୍କାର ହୋଇଛି । ସମୂହ ନମାଜପାଠ ପରେ ତାଙ୍କର ମରଶରୀରକୁ କବର ଦିଆଯାଇଛି । ଏହାପୂର୍ବରୁ ବଳଙ୍ଗାରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରି ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପହଞ୍ଚିଥିଲେ । ରବିବାର ମରଶରୀର ରାତି ୧୧ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା ପରେ କଡ଼ା



ସୁରକ୍ଷାରେ ଶେଷ ସତ୍କାର ପାଇଁ ତାଙ୍କ ଗ୍ରାମକୁ ନିଆଯାଇଥିଲା । ଗାଁରେ ମରଶରୀର ପହଞ୍ଚିବାପୂର୍ବରୁ ସେଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପିପିଲିବିଧାୟକଆଶ୍ରିତ ପଟ୍ଟନାୟକ ଓ ନିମାପଡ଼ା ପୂର୍ବତନ ବିଧାୟ ସୀମର ରଞ୍ଜନଦାସ ପ୍ରମୁଖ ପହଞ୍ଚି ସାରିଥିଲେ । ପରେ ଛାଇଯାଇଥିଲା ଅସମ୍ଭବ ନିରବତା । ପ୍ରିୟ ପରିଜନ । ସବୁଠାରୁ ଦୁଃଖଦାୟକ ଥିଲା । ପୀଡ଼ିତାଙ୍କ ପରିଜନ ମୀର (୯ ପୃଷ୍ଠାରେ)

## ପାଉଁଶ ନିଷ୍କାସନ ପାଇଁ ଚଳିତ ସପ୍ତାହରେ ନୂଆ ଏସ୍‌ଓପି : ମନ୍ତ୍ରୀ

ସମ୍ବଲପୁର, ୪।୮ (ସବ୍ୟୁ): ପାଉଁଶ ନିଷ୍କାସନ ପାଇଁ ଚଳିତ ସପ୍ତାହରେ ନୂଆ ଏସ୍‌ଓପି ଜାରି କରିବେ ରାଜ୍ୟ ସରକାର । ଏନେଇ ନୂଆ ଏସ୍‌ଓପି ପ୍ରସ୍ତୁତି ହୋଇଥିବା ନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ରାଜସ୍ୱ ମନ୍ତ୍ରୀ କହିଛନ୍ତି, ପାଉଁଶ ପୋଖରୀ ବାବଦରେ ରାଜ୍ୟ ସରକାର ଉଭୟ କେନ୍ଦ୍ର ଏବଂ ରାଜ୍ୟ ସଂସ୍ଥାମାନଙ୍କ ସହ ଆଲୋଚନା କରୁଛନ୍ତି । ଗାଁ ଭିତରେ ପାଉଁଶ ପୋଖରୀ ନକରିବା, ପାଉଁଶ ପୋଖରୀ ପାଇଁ ଲୋକ ଯେମିତି ବାସଚ୍ୟୁତ ହେବେ ନାହିଁ, ଟ୍ରକ୍ ମାଧ୍ୟମରେ ପାଉଁଶ ପରିବହନ ନକରି ପାଇପ ଯୋଗେ ସ୍ଲରିରେ ପରିଣତ କରି ଜନବସତି ନଥିବା ସ୍ଥାନ ଯାଏଁ ନେବା ଉପରେ ଗୁରତ୍ୱ ଦେବାକୁ ପଡ଼ିବ । ଏହାଦ୍ୱାରା ତାପଜ ବିଦ୍ୟୁତ କେନ୍ଦ୍ରରୁ ବାହାରୁଥିବା ପାଉଁଶ ସଠିକ୍ ଭାବେ ନିଷ୍କାସନ ହୋଇପାରିବ । ଏହାଦ୍ୱାରା ବାୟୁ (୯ ପୃଷ୍ଠାରେ)

### ୧୪ରୁ ଲଘୁଚାପ ଜନ୍ମାଷ୍ଟମୀରେ ବର୍ଷିବ

ଭୁବନେଶ୍ୱର, ୪।୮ (ସବ୍ୟୁ): ରାଜ୍ୟରେ ବର୍ତ୍ତମାନ ମୌସୁମୀ ନିଷ୍କ୍ରିୟ ରହିଛି । ଆସନ୍ତା ୧୩ରେ ଘୂର୍ଣ୍ଣିବଳୟ ହୋଇ ୧୪ରେ ଲଘୁଚାପ ରୂପ ନେବାର ସମ୍ଭାବନା ଅଛି । ଫଳରେ ମୌସୁମୀ ପୁଣି ସକ୍ରିୟ ହେବ । ଏହାସହ ଜନ୍ମାଷ୍ଟମୀରେ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ ।

ଶ୍ରୀ ପଶୁପାଳକ କହିଛନ୍ତି, ରାଜ୍ୟରେ ବଙ୍ଗୋପସାଗରୀୟ ଲଘୁଚାପ କିମ୍ବା ମୌସୁମୀ ଟ୍ରପ୍ ଠିକ୍ ସ୍ଥାନରେ ରହିଲେ ଭଲ ବର୍ଷା ହୋଇଥାଏ । କିନ୍ତୁ ବର୍ତ୍ତମାନ ମୌସୁମୀ ଟ୍ରପ୍ ଉତ୍ତରାଭିମୁଖୀ ହୋଇଛି । ଯାହାଦ୍ୱାରା ହିମାଳୟ ଅଞ୍ଚଳରେ ଭାରୀ ବର୍ଷା ହେଉଛି । ଏହା ସହିତ (୯ ପୃଷ୍ଠାରେ)

### ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା

## ଦାନା ବାନ୍ଧୁଛି ଆନ୍ଦୋଳନ


ସମ୍ବଲପୁର, (ସବ୍ୟୁ): ରାଜ୍ୟ ଓ କେନ୍ଦ୍ରରେ ବିଜେପିର ଡବଲ ଇଞ୍ଜିନ ସରକାର। ଗୋଟିଏ ଦଳର ସରକାର ହୋଇଥିବାରୁ ରାଜନୈତିକ ଦ୍ୱନ୍ଦ ନାହିଁ ଏଭଳି ସ୍ଥଳେ ଦୀର୍ଘକାଳୀନ ଦାବି ପୂରଣ କରିବାରେ ବିଜେପିର କୌଣସି ଅସୁବିଧା ନଥିବା ବେଳେ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ଉଦାସୀନତା ଅବଲମ୍ବନ କରୁଛନ୍ତି। ଅନ୍ୟପଟେ ମହାରାଷ୍ଟ୍ରର କୋହ୍ଲାପୁରରେ ଆସନ୍ତା ଅଗଷ୍ଟ ୧୮ ତାରିଖରେ ଏକ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବ। ଅନ୍ୟପଟେ ଦୀର୍ଘ ଦଶନ୍ଧି ଧରି ପଶ୍ଚିମ ଓଡିଶାରେ ହାଇକୋର୍ଟ ଆନ୍ଦୋଳନ ଚାଲୁଥିବା ବେଳେ ଦାବି ପୂରଣ ନହେବା ଦୁର୍ଭାଗ୍ୟଜନକ ଅଟେ। ମହାରାଷ୍ଟ୍ରରେ ଆଉ ଏକ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବାକୁ ଥିବାବେଳେ ଏହାକୁ ବିଜେଡି ସ୍ୱାଗତ କରିଛି। ଏହା ଜନସାଧାରଣଙ୍କ ପାଇଁ ନ୍ୟାୟ ଉପଲବ୍ଧରେ ବେଶ ସହାୟକ ହେବ। ପଶ୍ଚିମଓଡିଶାବାସୀଙ୍କୁ ନ୍ୟାୟ ପାଇଁ ସୁଦୂର କଟକ ଯିବାକୁ ପଡୁଛି। ସେମାନଙ୍କୁ ୩୦୦ରୁ ୫୦୦କିମି ଯାତ୍ରା କରିବାକୁ ହେଉଛି। ଫଳରେ ସମୟ ନଷ୍ଟ ହେବା ସହ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଯଶବନ୍ତ ସିଂ କମିଶନ ପୂର୍ବରୁ ଦୁର୍ଗମ ଅଞ୍ଚଳରେ ହାଇକୋର୍ଟ ବେଞ୍ଚ ର ଆବଶ୍ୟକତାକୁ ସ୍ୱୀକାର କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଏନେଇ ଅନେକ (୯ ପୃଷ୍ଠାରେ)

### ଥାନାରୁ ମିଳିଲାନି ନ୍ୟାୟ,

### ୩ ବର୍ଷର ନାବାଳିକାକୁ ଅସଦାଚରଣ, ଅଭିଯୁକ୍ତ ଗିରଫ

## ଜିଲ୍ଲାପାଳଙ୍କୁ ଭେଟିଲେ ଦୁଷ୍କର୍ମ ପୀଡ଼ିତା

ରାୟଗଡ଼ା/ଯାଯପୁର, ୪।୮ (ସବ୍ୟୁ) : ଥାନାକୁ ଧାଇଁ ଧାଇଁ ନୟାନ୍ତ ହେବା ପରେ ଶେଷରେ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ନାବାଳିକା ଦୁଷ୍କର୍ମ ପୀଡ଼ିତା । ଜଣେ ୧୭ବର୍ଷୀୟା ନାବାଳିକା ଦୁଷ୍କର୍ମକୁ ପୁରିଲାଣି ଗୋଟିଏ ମାସ । ଲୋକ ଲଜ୍ଜାକୁ ଛାଡି ପୀଡିତା ଥାନାର ଦ୍ୱାରସ୍ଥ ପରେ ବି ମିଳିପାରୁନାହିଁ ନ୍ୟାୟ । ଖୋଲାମେଲାରେ ବୁଲୁଛି ଦୁଷ୍କର୍ମକାରୀ । ଗିରଫ କରୁନାହିଁ ପୁଲିସ । ତଥାପି ସଂଘର୍ଷ ଜାରି




ରଖିଛନ୍ତି ନାବାଳିକା । ନ୍ୟାୟ ପାଇବା ପାଇଁ ଜଣେ ମହିଳା ସ୍ୱେଚ୍ଛସେବୀ ସହ ଧାଇଁ ଅସିଛି ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠକୁ । ଆଉ ନୂତନ ରୂପେ ଯୋଗ ଦେଇଥିବା ଜିଲାପାଳ ପ୍ରଥମ ଅଭିଯୋଗ ଶୁଣାଶୀ ପ୍ରକୋଷ୍ଠରେ ଶୁଣିଛନ୍ତି ପୀଡିତାଙ୍କ ଦୁଃଖ । ଜୁଲାଇ ୮ ତାରିଖର କଥା ।

ଗୁଣପୁର ଥାନା ଅନ୍ତର୍ଗତ ଏକ ଗାଁର ଜଣେ ବାପା ମାଁ ଛେଉଣ୍ଡ ନାବାଳିକାକୁ ସେହି ଗ୍ରାମର ଚିନା ରାଓ ନାମକ ଗଣେ ଯୁବକ ନାକରେ କିଛି ନିଶା ଦ୍ରବ୍ୟ ଶୁଙ୍ଘାଇ ଗାଁ ପାଖ ଜଙ୍ଗଲକୁ ଉଠାଇ ନେଇ ଯାଇଥିଲେ । କିଛି ସମୟ ପରେ ସମ୍ପୃକ୍ତ ନାବାଳିକାର ଚେତା ଫେରିବା ବେଳେ ଦେହରେ କୌଣସି ବସ୍ତ୍ର ନଥିଲା । ନିଜକୁ ଜଙ୍ଗଲ ଭିତରେ ପଡିରହିଥିବା ପାଇଥିଲେ ନାବାଳିକା । ନିଜକୁ ସମ୍ଭାଳି ସେ ଘରକୁ ଆସି ପରିବାର ଲୋକଙ୍କୁ ଜଣାଇଥିଲେ । ଗୋଟିଏ ଦିନ ପରେ ଅର୍ଥାତ ଜୁଲାଇ ୧୦ତାରିଖରେ ଥାନାକୁ ଯାଇ ଏତଲା ଦେଇଥିଲେ । ପୁଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଖୋଲାମେଲାରେ ସମ୍ପୃକ୍ତ ବ୍ୟକ୍ତି ବୁଲୁଥିବା ବେଳେ ବାରମ୍ବାର ଥାନାକୁ ଯାଇ ପୀଡିତା ଏବଂ ମହିଳା ସ୍ୱେଚ୍ଛାସେବୀ ଅପମାନିତ ହୋଇ ଫେରୁଥିବା ସେମାନେ ଜିଲାପାଳଙ୍କୁ ଜଣାଇଛନ୍ତି । ଘଟଣାକୁ ପ୍ରାୟ ଏକ ମାସ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ପୁଲିସ ପକ୍ଷରୁ ଗ୍ରହଣ କରି ନଥିବା ନେଇ ଜିଲ୍ଲାପାଳଙ୍କୁ ଜଣାଇ ନ୍ୟାୟ ଦେବା ନିମନ୍ତେ ସେ ଗୁହାରି କରିଛନ୍ତି । ପୀଡ଼ିତା ନାବାଳିକାଙ୍କୁ ସେଠାକାର ଜଣେ ସମାଜସେବୀ ବିନୋଦିନୀ ଗରଡିଆ ନିଜ ସାଥିରେ ଆଣିଥିବା ବେଳେ ସେ କହିଛନ୍ତି ଯେ, ଗୁଣୁପୁର ଥାନାରେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଛି । ଏହି ମାମଲାକୁ ନେଇ ସେ ରାୟଗଡ଼ା ଏସପିଙ୍କୁ ଭେଟିଥିଲେ । ସେ ଏହି ମାମଲାକୁ ଗୁଣୁପୁର (୯ ପୃଷ୍ଠାରେ)

## ଆଜି ଜନ୍ମଦିନ
# ପଣ୍ଡିତ ନୀଳକଣ୍ଠ ଦାସ

ଓଡ଼ିଶାର ବରପୁତ୍ରଙ୍କ ମଧ୍ୟରେ ନୀଳକଣ୍ଠ ଦାସ ଖୁବ ପରିଚିତ । ଓଡ଼ିଶାର ପୁରୀ ଜିଲ୍ଲାର ସାକ୍ଷୀଗୋପାଳର ଶ୍ରୀରାମଚନ୍ଦ୍ରପୁରରେ ୧୮୮୪ ଅଗଷ୍ଟ ୫ରେ ଜନ୍ମିତ



ନୀଳକଣ୍ଠ ଦାସ ଏକାଧାରରେ ଜଣେ ଲେଖକ, ସାମ୍ବାଦିକ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ପିଲାଦିନ ଖୁବ ମେଧାବୀ ଛାତ୍ର ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ଭର୍ଣ୍ଣାକୁଲାର ପରୀକ୍ଷାଠାରୁ ଆରମ୍ଭ କରି ରେଭେନ୍ସା କଲେଜର ବି.ଏ. ପରୀକ୍ଷା ପର୍ଯ୍ୟନ୍ତ ସେ ଓଡ଼ିଶାରେ ପ୍ରଥମ ହୋଇଆସିଥିଲେ । ଦର୍ଶନ ଶାସ୍ତ୍ର ଓ ରସାୟନ ବିଜ୍ଞାନ ବିଷୟକୁ ନେଇ ବି.ଏ.ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ପରେ ମାସିକ ବୃତ୍ତି ପାଇ ସେ ଦର୍ଶନ ଶାସ୍ତ୍ରରେ କୋଲକତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଉପାଧି ହାସଲ କରିଥିଲେ । ହେଲେ ସରକାରୀ ଚାକିରିକୁ ତ୍ୟାଗ କରି ଦେଶସେବାରେ ମନୋନିବେଶ କରିଥିଲେ । ୧୯୦୯ ପ୍ରତିଷ୍ଠା ହୋଇଥିବା ସତ୍ୟବାଦୀ ବନ ବିଦ୍ୟାଳୟ ବା ମଣିଷଗଢା କାରଖାନାର ସେ ଥିରେ ପ୍ରତିଷ୍ଠାତା ସଦସ୍ୟ । ସେଠାରେ ସେ ମାସିକ ୩୦ଟଙ୍କା ବେତନରେ ପ୍ରଧାନ ଶିକ୍ଷକ ଭାବରେ କାମ ଆରମ୍ଭ କରିଥିଲେ । ଏହି ମହାନ ସଂଗ୍ରାମୀଙ୍କର ଜୀବନ ଦେଶସେବାରେ ହିଁ କଟିଥିଲା । ସେ ସତ୍ୟବାଦୀର ବିଧାୟକ ଓ ଓଡ଼ିଶା ବିଧାନ ସଭାର ବାଚସ୍ପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ରାଜ୍ୟରୁ ଛୁଆଁ ଅଛୁଆଁ ଭେଦ ଭାବ ଦୂରେଇବାକୁ ସେ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ଏହି ବିଶିଷ୍ଟ ସଂଗ୍ରାମୀଙ୍କୁ ତାଙ୍କ କାର୍ଯ୍ୟପାଇଁ ୧୯୬୦ରେ 'ପଦ୍ମ ଭୂଷଣ' ଉପାଧି ପ୍ରାପ୍ତ ହୋଇଥିଲେ । ଏହି ମହାନ ଆତ୍ମାଙ୍କର ୮୩ ବର୍ଷ ବୟସରେ ୧୯୬୭ ନଭେମ୍ବର ୬ରେ ଦେହାନ୍ତ ହୋଇଥିଲା ।

## ଇତିହାସ

୧୭୭୫– ପଶ୍ଚିମବଙ୍ଗର ରାଜା ମହାରାଜା ନନ୍ଦକୁମାରଙ୍କୁ କୋଲକାତାରେ ଫାଶି ।

୧୮୫୨– ଓଡିଶାର ପ୍ରମୁଖ ରାଷ୍ଟ୍ରବାଦୀ ଆଚାର୍ଯ୍ୟ ପ୍ୟାରେମୋହନଙ୍କ ଜନ୍ମ ।

୧୮୯୦– ଚନ୍ଦ୍ରପୃଷ୍ଠରେ ପାଦ ରଖିଥିବା ବିଶ୍ୱର ପ୍ରଥମ ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ୍‌ଙ୍କ ଜନ୍ମ ।

୧୮୯୫– ଜର୍ମାନ୍ ସମାଜଶାସ୍ତ୍ରୀ ଏବଂ ଦାର୍ଶନିକ ଫ୍ରେଡ୍ରିକ୍ ଏଞ୍ଜେଲ୍ସଙ୍କ ପରଲୋକ ।

୧୯୦୧– ପ୍ରସିଦ୍ଧ ଭାରତୀୟ ରାଜନେତା, ସ୍ୱତନ୍ତ୍ରତା ସେନାନୀ, ପତ୍ରକାର, ସାହିତ୍ୟିକ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦ୍ୱାରକା ପ୍ରସାଦ ମିଶ୍ରଙ୍କ ଜନ୍ମ ।

୧୯୫୦– ଆସାମର ପ୍ରଥମ ମୁଖ୍ୟମନ୍ତ୍ରୀ ଗୋପୀନାଥ ବୋରଦୋଲାଇଙ୍କ ଦେହାନ୍ତ ।

୧୯୯୧– ପ୍ରଥମ ଭାରତୀୟ ମହିଳା ରୂପେ ଲୀଲା ସେଠ୍ ଦିଲ୍ଲୀ ହାଇକୋର୍ଟରେ ଜଜ୍ ହେଲେ ।

୨୦୧୦– କାଶ୍ମୀରସ୍ଥିତ ଲେହରେ ବନ୍ୟା ହୋଇ ୧୧୫ ଲୋକଙ୍କ ମୃତ୍ୟୁ ।

୨୦୧୧– ମଙ୍ଗଳଗ୍ରହରେ ପାଣି ଥିବା ନେଇ ନାସା ବୈଜ୍ଞାନିକଙ୍କ ଦାବି ।

୨୦୧୧– ବୃହସ୍ପତିର ସର୍ଭେ କରିବା ପାଇଁ ମହାକାଶଯାନ 'ଜୁନୋ' ଛଡାଗଲା ।

# କୃତ୍ରିମ ବୁଦ୍ଧିମତ୍ତା କରିବ ମଣିଷକୁ ନିୟନ୍ତ୍ରଣ

ଏଆଇ ଆମର କାର୍ଯ୍ୟକୁ ଅନେକମାତ୍ରାରେ ସୁବିଧା ଓ ସହଜ କରୁଛି । ହେଲେ ଏହାକୁ ନେଇ ବିପଦ ମଧ୍ୟ ବଢୁଥିବାର ସୂଚନା ଅନେକ ସମୟରେ ସାମନାକୁ ଆସୁଛି । ଅନେକ ସମୟରେ ଏହାକୁ ନେଇ ବୈଜ୍ଞାନିକମାନେ ବିଭିନ୍ନ ସୂଚନା ଦେଉଛନ୍ତି ଯାହା ଆମ ମାନଙ୍କ ପାଇଁ ବିପଦ ବୋଲି ଜଣା ପଡୁଛି । ନିକଟରେ



ଏଆଇର ଗଡଫାଦର ଜେଫ୍ରି ହିଣ୍ଟନ ଦେଇଥିବା ତଥ୍ୟ ସମସ୍ତଙ୍କୁ ଚକିତ କରିଛି । ତାଙ୍କ ମତରେ ଯଦି ଏଆଇ ମେସିନ ନିଜନିଜ ଭିତରେ କଥା ହେବା ଆରମ୍ଭ କରିବେ ତେବେ ଏହା ମଣିଷସମାଜ ପାଇଁ ଭୟାନକ ହୋଇପାରେ । ବର୍ତ୍ତମାନ ଏଆଇ ଇଂରାଜିରେ ପରିଚାଳିତ ହେଉଛି, ହେଲେ ଆଗକୁ ଯଦି ଏଆଇ ନିଜର କାର୍ଯ୍ୟ ମେସିନ ଭାଷାରେ କରିବ ତେବେ ଆଗକୁ ଏହା ମଣିଷଙ୍କ ପାଇଁ ଏଆଇକୁ ଟ୍ରାକ କରିବା କଷ୍ଟ ହୋଇପଡିବ । ଏଆଇ କଣ ଭାବୁଛି ଓ କରିବାକୁ ପ୍ଲାନ କରୁଛି ତାହା କେହି ଜାଣି ପାରିବେ ନାହିଁ । ବର୍ତ୍ତମାନ ଧୀରେ ଧୀରେ ଏଆରେ ହେଉଥିବା ପରିବର୍ତ୍ତନକୁ ଆଖିରେ ରଖି ସେ ଏଭଳି ଷ୍ଟେଟମେଣ୍ଟ ଦେଇଥିବା ଜଣା ପଡିଛି । ଆଗକୁ ଏଆଇ ମଣିଷ ସମାଜକୁ ନିୟନ୍ତ୍ରଣ କରିପାରେ ବୋଲି ସେ ଆଶଙ୍କା କରିଛନ୍ତି ।

## ସୋସିଆଲ କୋଟ୍ସ



"ବିରାଟଙ୍କ ସହିତ ନାଁ ଯୋଡାହେବା ସମୟରେ ଖୁବ ଦୁଃଖ ଲାଗେ । ତାଙ୍କ ସହିତ ଜୀବନରେ ଥରୁଟିଏ ଦେଖା ହୋଇଛି, ହେଲେ ଲୋକ ମିଛରେ ତାଙ୍କ ସହିତ ମୋ ନାଁକୁ ଯୋଡି ଥାଆନ୍ତି ।

**ତମନ୍ନା ଭାଟିଆ, ଅଭିନେତ୍ରୀ**



"ପ୍ରେମାନନ୍ଦ ମହାରଜାଜୀ କେବଳ ଝିଅ ନୁହେଁ ବରଂ ପୁଅ ଝିଅ ଉଭୟଙ୍କ ପାଇଁ ସମ୍ପୃକ୍ତ ଷ୍ଟେଟମେଣ୍ଟଟି ଦେଇଥିଲେ । ତାଙ୍କ କଥାର କଦର୍ଥ କରାଯାଉଛି ।

**ଅଙ୍କିତା ଲୋଖଣ୍ଡେ, ଅଭିନେତ୍ରୀ**



"ସେଟ୍‌ରେ ସ୍ମୃତିଙ୍କ ସହିତ ଖୁବ ଅଧିକ ଝଗଡା ହୋଇଥିଲା । ଏହା ବଡ ଧରଣର ଥିଲା ଯାହାଫଳରେ ସେ ମୋତ ଗ୍ରୀନ ରୁମରୁ ବାହାରି ଯିବାପାଇଁ ମଧ୍ୟ କହିଥିଲେ ।

**କିରଣ ଦୁବେ, ଅଭିନେତ୍ରୀ**


# ଉପକାରୀ ତରଭୁଜ

**ନିକଟରେ ଅର୍ଥାତ ଅଗଷ୍ଟ ୩ରେ ପାଳିତ ହୋଇଛି ଜାତୀୟ ତରଭୁଜ ଦିବସ । ଏହି ଦିବସର ମୂଳ ଲକ୍ଷ ତରଭୁଜର ଲାଭ ସମ୍ପର୍କରେ ସମସ୍ତଙ୍କୁ ଜଣାଇବା । ତେବେ ତରଭୁଜ ଏକ ସାଧାରଣ ଫଳ ଭଳି ଦୃଶ୍ୟ ହେଉଥିଲେ ବି ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି । ଏହି ଫଳକୁ ଭଲପାଉଥିବା ଲୋକ ସାରା ବିଶ୍ୱରେ ମିଳିଥାଆନ୍ତି । ଆସ୍ତୁ ତରଭୁଜ ସମ୍ପର୍କରେ କିଛି ରୋଚକ ତଥ୍ୟ ଜାଣିବା**

- ତରଭୁଜରେ ପୋଷକ ତତ୍ୱ ଭରି ହୋଇ ରହିଛି । ଏଥିରେ ଭିଟାମିନ୍ ଏ, ସି, ଲାଇକୋପିନ୍ ଓ ପଟାସିଅମ ଭଳି ତତ୍ୱ ଖୁବ ଅଧିକ ପରିମାଣରେ ରହିଛି ।
- ଏଥିରେ ୯୨ ପ୍ରତିଶତର ପାଣି ରହିଛି ତେଣୁ ଏହି ଫଳ ଖାଇବା ଫଳରେ ଆମ ଶରୀରର ଅନେକ ସମୟ ପର୍ଯ୍ୟନ୍ତ ହାଇଡ୍ରେଟ ରହିଥାଏ ।
- ତରଭୁଜ ପାଖାପାଖି ୧୨୦୦ରୁ ଅଧିକ ରଙ୍ଗ ଓ ସ୍ୱାଦରେ ମିଳିଥାଏ । ଏଥିରେ ଗୋଲାପି, ହଳଦିଆ, ଲାଲ୍ ଭଳି ଅନେକ ରଙ୍ଗ ସାମିଲ ଥାଏ ।
- ବିଶ୍ୱର ସବୁଠାରୁ ଓଜନଦାର ତରଭୁଜର ଓଜନ ୧୫୯ କେଜି ଥିଲା ଯାହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ମଧ୍ୟ ସାମିଲ ଅଛି ।
- ତରଭୁଜରୁ ଆମ ଶରୀରକୁ ଅନେକ ପ୍ରକାର ଲାଭ ମିଳିଥାଏ । ଏହା ଆମର ଚର୍ମର ସେଲକୁ ମରାମତି କରିବାରେ ସାହାଯ୍ୟ କରିଥାଏ ।



# ୯ ଲକ୍ଷର ଲାବୁବୁ କଣ୍ଢେଇ



ବର୍ତ୍ତମାନ ସୋସିଆଲ ମିଡିଆରେ ଏକ କଣ୍ଢେଇ ଖୁବ ଭାଇରାଲ ହେବାରେ ଲାଗିଛି, ଯାହାର ନାଁ ହେଉଛି ଲାବୁବୁ ଡଲ୍ । ଏହି କଣ୍ଢେଇଟି ସମସ୍ତ ସୋସିଆଲ ମିଡିଆ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଭାଇରାଲ ହେଉଛି । ବର୍ତ୍ତମାନ ଏହାକୁ ନେଇ ଏକ ଖବର ଚର୍ଚ୍ଚାରେ ରହିଛି । ସୂଚନା ଅନୁସାରେ ଗୋଟିଏ ଲାବୁବୁ ଡଲ୍ ୯.୧୫ ଲକ୍ଷ ଟଙ୍କାରେ ବିକ୍ରି ହୋଇ ସବୁଠାରୁ ଦାମୀ ଡଲ୍ ଭାବେ ବିବେଚିତ ହୋଇଛି । ସୂଚନା ଅନୁସାରେ ଇକମର୍ସ ୱେବସାଇଟ୍ ଇବେରେ ଏହି କଣ୍ଢେଇଟି ଏତେ ଦାମରେ ବିକ୍ରି ହୋଇଛି । କଣ୍ଢେଇଟିର ନାଁ ମନଷ୍ଟର ରଖାଯାଇଛି, ଯାହାର ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଘୁରି ବୁଲୁଛି । ସୂଚନା ଅନୁସାରେ ହଂକଂର ଆର୍ଟିଷ୍ଟ କେସିଂ ଲୁଙ୍ଗ ଏହି ଚରିତ୍ର ଲାବୁବୁକୁ ନିର୍ମାଣ କରିଥିଲେ । ତାଙ୍କ ମନଷ୍ଟର ସିରିଜ୍‌ର ଗୋଟିଏ ଚରିତ୍ର ଥିଲା ଏହି ଲାବୁବୁ ଡଲ୍ । ଏହା ପ୍ରଥମେ ଏକ ପୁସ୍ତକରେ ସ୍ଥାନ ପାଇଥିଲା । ଯାହାପରେ ଏହାର କଣ୍ଢେଇ ବର୍ତ୍ତମାନ ଭାଇରାଲ ହେଉଛି । ଏହାକୁ ୨୦୧୫ରେ ପ୍ରଥମଥର ପାଇଁ ମାର୍କେଟରେ ପ୍ରବେଶ କରାଯାଇଥିଲା ।

# ସ୍ୱାସ୍ଥ୍ୟକର ହୋଇଥାଏ କଳାରଙ୍ଗ ଖାଦ୍ୟ



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଖାଦ୍ୟପଦାର୍ଥ ଯେତେ ପୁଷ୍ଟିକର ହେବ ଆମ ଶରୀର ମଧ୍ୟ ସେତିକି ସୁସ୍ଥ ସବଳ ହେବ । ତେଣୁ ଖାଇବାଥାଳିରେ ସର୍ବଦା ରଙ୍ଗବେରଙ୍ଗର ପନିପରିବା ଓ ଫଳ ସାମିଲ କରିବା ଖୁବ୍ ଲାଭଦାୟକ ହୋଇଥାଏ । ସେହିପରି କେତେକ କଳାରଙ୍ଗର ଫଳ ମଧ୍ୟ ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ । କଳା ଖାଦ୍ୟପଦାର୍ଥରେ ସାଧାରଣତଃ ଫାଇବର ଓ ପ୍ରୋଟିନ୍‌ର ମାତ୍ରା ଅଧିକ ଥାଏ । ତେଣୁ ଏହାକୁ ଖାଇବା ଦ୍ୱାରା ମନୁଷ୍ୟଙ୍କ ଶରୀର ସନ୍ତୁଳିତ ସ୍ତରରେ ରହିଥାଏ । କଳାରଙ୍ଗର ଖାଦ୍ୟ ମଧ୍ୟରେ ସର୍ବପ୍ରଥମେ ଆସି ବ୍ଲାକ୍‌ବେରୀ । ଏଥିରେ ଭରପୂର ମାତ୍ରାରେ ଆନ୍ଥୋସାୟନିନ୍ ଓ ଭିଟାମିନ୍ ସି ରହିଛି, ଯାହା ଶରୀରକୁ ବିଭିନ୍ନ ପ୍ରକାରର ରୋଗରୁ ବଞ୍ଚିତ କରିଥାଏ । କମନ୍ ଫିଗ୍ ବା କଲଞ୍ଜିରରେ ଅନ୍ୟ କୌଣସି ଫଳ ତୁଳନାରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ୍ ଥାଏ । ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ୍, ପୋଟାସିୟମ୍ ଓ ମାଙ୍ଗାନିଜ୍ ମଧ୍ୟ ରହିଛି । ସେହିପରି କୋଳଥ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । ଏଥିରେ ଖୁବ୍ କମ୍ ପରିମାଣର କ୍ୟାଲୋରୀ ରହିଥିବାବେଳେ ଏହାକୁ ଖାଇବା ଦ୍ୱାରା ଶରୀରକୁ ଉପଯୁକ୍ତ ଫୋଲେଟ୍, କ୍ୟାଲସିୟମ୍, ଆଇରନ୍ ଓ ପୋଟାସିୟମ୍ ଆଦି ମିଳିଥାଏ । କଳାରାଶିରେ ମଧ୍ୟ ଭରପୂର ମାତ୍ରାରେ ଓମେଗା ୬ ରହିଛି । ଏଥିରୁ ଫାଇବର, ଆଇରନ୍, କ୍ୟାଲସିୟମ୍ ଓ ମାଗ୍ନେସିୟମ ମଧ୍ୟ ମିଳିଥାଏ ।

# ଭାଇରାଲ ବର୍ଗର

ସୋସିଆଲ ମିଡିଆରେ ଅନେକ ସମୟରେ ଏଭଳି କିଛି ଖାଦ୍ୟ ଭାଇରାଲ ହୋଇଥାଏ ଯାହାକୁ ୟୁଜର୍ସମାନେ ପସନ୍ଦ କରନ୍ତି ନାହିଁ । ଏହି ଖାଦ୍ୟକୁ ସମସ୍ତେ ଟ୍ରୋଲ କରିବା ସହିତ ସମାଲୋଚନା କରନ୍ତି । ସେହିଭଳି ଏକ ବର୍ଗର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ୟୁଏଇରେ ଏହି ଭାଇରାଲ ବର୍ଗରଟି ଟ୍ରେଣ୍ଡ ହେବାରେ ଲାଗିଛି । ଏହା ହେଉଛି ଦୁବାଇର ଚକୋଲେଟ୍ ବର୍ଗର, ଯାହାକୁ ୟୁଜର୍ସ ପସନ୍ଦ କରୁ ନାହାନ୍ତି । ଏହି ବର୍ଗରେ ଥିବା ଲେୟାରରେ ରହିଛି ପିସ୍ତାଚିଓ ମୁସ୍, କ୍ରିସ୍‌ପି କୁନାଫା ଓ ବେଲଜିଆନ ବ୍ରାଉନି । ସେହିଭଳି ଉପରେ ରହିଛି ବେଲିଜିଆନ ଚକୋଲେଟ୍ । ତେବେ ଏହି ବର୍ଗର ସହିତ ଇନ୍ସୁଲିନ୍ ଇଞ୍ଜେକସନ୍ ବିକ୍ରି କରିବାକୁ ମଧ୍ୟ ଇଣ୍ଟରନେଟ ୟୁଜର୍ସମାନେ ମତ ଦେଉଥିବା ଦେଖିବାକୁ ମିଳିଛି ।




# ବିବାଦରେ କାର୍ତ୍ତିକ




କାର୍ତ୍ତିକ ଆରିୟନ ବର୍ତ୍ତମାନ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ସୂଚନା ଅନୁସାରେ ଆସନ୍ତା ୧୫ ଅଗଷ୍ଟରେ ହ୍ୟୁଷ୍ଟନରେ ଆଜାଦିର ମହୋତ୍ସବ ପାଳନ କରାଯିବ, ଯେଉଁଥିରେ କାର୍ତ୍ତିକ ଆରିୟନ ଭାଗ ନେବେ । ହେଲେ ଏହି ଉତ୍ସବକୁ ଏକ ପାକିସ୍ତାନୀ କମ୍ପାନୀ ଆୟୋଜନ କରୁଥିବା ଜଣା ପଡିଛି । ଏନେଇ ଘୋଷଣା ହେବା ପରେ କାର୍ତ୍ତିକଙ୍କୁ ସୋସିଆଲ ମିଡିଆରେ ଟ୍ରୋଲିଂର ଶିକାର ହେବାକୁ ପଡୁଛି । ଏପରିକି ଏହା ଉପରେ ଫିଲ୍ମ ଫେଡେରସନ ମଧ୍ୟ ନିଜର ଆପତ୍ତି ଉଠାଇଛି । ଅର୍ଗାନାଇଜେସନ ଏହାକୁ ବିରୋଧ କରୁଥିବା ଦେଖିବାକୁ ମିଳୁଛି । ଏହି ଉତ୍ସବକୁ ଭାରତ ଓ ପାକିସ୍ତାନ ଉଭୟଙ୍କର ସ୍ୱାଧିନତାକୁ ପାଳନ କରିବା ଉଦ୍ଦେଶ୍ୟରେ ଆୟୋଜନ କରାଯାଇଛି । ସେହିଭଳି କାର୍ତ୍ତିକଙ୍କର ଏଭଳି ଷ୍ଟେପ ପୁରା ଦେଶକୁ ବ୍ୟଥିତ କରିଛି ବୋଲି ଫେଡେରସନ୍ ପକ୍ଷରୁ କୁହାଯାଇଛି । ଅନେକ ଯୁବପିଢି ଯିଏ କାର୍ତ୍ତିକଙ୍କୁ ନିଜ ଜୀବନର ପ୍ରେରଣା ବୋଲି ମାନୁଥିଲେ ସେମାନଙ୍କ ପାଇଁ ଏହା ନିରାଶ ଜନକ ବୋଲି ଏହା ପକ୍ଷରୁ କୁହାଯାଇଛି ।

## ସ୍ୱାଧୀନତା ଦିବସ-୨୦୨୫ ପାଳନ ସଂପର୍କରେ

# ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ସବ୍ୟୁ): ଚଳିତ ବର୍ଷ ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ ଓ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ସୋମବାର ଅପରାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୫ ପାଳନର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ପାଇଁ ଏକ ରାଷ୍ଟ୍ରୀୟ ଉତ୍ସବ ଓ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ ।



ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ ପୂର୍ବରୁ ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ମାର୍ଗଠାରେ ଅଭ୍ୟାସ ପ୍ୟାରେଡ୍‌ର ସୁପରିଚାଳନା କରାଯିବ । ଅଗଷ୍ଟ ୧୫ ତାରିଖ ଦିନ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ପ୍ୟାରେଡ୍ ଓ ପତାକା ଉତ୍ତୋଳନ ସ୍ଥାନଠାରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହ ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ମୁଖ୍ୟ ମଞ୍ଚ ଓ ପ୍ୟାରେଡ୍ ସ୍ଥଳରେ ଡାକବାଜି ଯନ୍ତ୍ର ବ୍ୟବସ୍ଥା, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ବିଶିଷ୍ଟ ଅତିଥି, ନିମନ୍ତ୍ରିତ ଅତିଥି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଉପବେଶନ ବ୍ୟବସ୍ଥା, ଉତ୍ସବସ୍ଥଳର ସାଜସଜ୍ଜା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ସାଧାରଣତନ୍ତ୍ର ଦିବସ-୨୦୨୫ରେ ଉତ୍ତମ ପ୍ରଦର୍ଶନ କରିଥିବା ପ୍ରଜ୍ଞାପନ ମେଢ଼ ଓ ପ୍ୟାରେଡ୍ ଦଳମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବେ । ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟାକୁ ଏହି ଅବସରରେ ମୁଖ୍ୟ ଅତିଥି ଉନ୍ମୋଚନ କରିବେ । ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ । ଏଥି ସହ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ନିମନ୍ତ୍ରଣ ପତ୍ର ମୁଦ୍ରଣ ଓ ବଣ୍ଟନ ପାଇଁ ପଦକ୍ଷେପ ନିଆଯିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ । ପୂର୍ବବର୍ଷ ପରି ନୂଆଦିଲ୍ଲୀ, କୋଲକାତା, ଚେନ୍ନାଇ, ମୁମ୍ବାଇଠାରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ କରାଯିବ । ସେହିପରି ଆର୍‌ଡିସି ଜୋନ୍, ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯିବ । ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଉପ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ, ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରଧାନଶିକ୍ଷକ ଗିରଫ ପ୍ରତିବାଦରେ ବାଳିକା ସ୍କୁଲ ଛାତ୍ରୀଙ୍କ ଆନ୍ଦୋଳନ



ଭୁବନେଶ୍ୱର, (ସବ୍ୟୁ) : ୟୁନିଟ୍-୧ ବାଳିକା ସ୍କୁଲର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ବଡପଣ୍ଡାଙ୍କୁ ମହିଳା ଥାନା ପୋଲିସ ଦୁର୍ବ୍ୟବହାର ଅଭିଯୋଗରେ ଗିରଫ କରି କୋର୍ଟଚାଲାଣ କରିବା ପରେ ସେ ୧୪ଦିନ ହେବ ଝାରପଡା ଜେଲ୍‌ରେ ଅଛନ୍ତି । ଏହାର ପ୍ରତିବାଦରେ ଛାତ୍ରୀମାନେ ସ୍କୁଲ ମୁଖ୍ୟ ଫାଟକ ରାସ୍ତା ଉପରେ ବସି ନାରାବାଜି କରିବା ସହ ତାଙ୍କୁ ମିଛ କେସ୍‌ରେ ଗିରଫ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି ।

ସୋମବାର ସ୍କୁଲର ଛାତ୍ରୀମାନେ ଶ୍ରେଣୀ ବର୍ଜନ କରି ମୁଖ୍ୟ ଫାଟକ ସାମ୍ନା ରାସ୍ତା ଉପରେ ବସିଥିଲେ । ସେମାନଙ୍କ କହିବା କଥା, ପ୍ରଧାନଶିକ୍ଷକ କ'ଣ ଭୁଲ୍ କରିଛନ୍ତି ଆମକୁ ପ୍ରମାଣ ଦିଅ । ସ୍କୁଲରେ ସିସି କ୍ୟାମେରା ଲାଗିଛି । କ୍ୟାମେରା ଫୁଟେଜ୍ ଦେଖାଇ ଆମକୁ ପ୍ରମାଣ ଦିଅନ୍ତୁ ବୋଲି ଛାତ୍ରୀମାନେ କହିଛନ୍ତି । ପ୍ରଧାନଶିକ୍ଷକଙ୍କ ସମ୍ପର୍କରେ ପଚାରିବାରୁ ସ୍କୁଲର ଶିକ୍ଷୟିତ୍ରୀମାନେ ଛାତ୍ରୀମାନଙ୍କୁ କହିଥିଲେ ଯେ, ସାର୍ ଛୁଟିରେ ଅଛନ୍ତି । ତାଙ୍କ ଦେହ ଗୁରୁତର ଥିବାରୁ ସେ ସ୍କୁଲ ଆସୁନାହାନ୍ତି । ଛାତ୍ରୀମାନଙ୍କୁ ମିଛ କହି ସୋମବାର ପର୍ଯ୍ୟନ୍ତ ଭୁଡାଉଥିଲେ । ଛାତ୍ରୀମାନେ ଗିରଫ ସମ୍ପର୍କରେ ଜାଣିବା ପରେ ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । କେତେକ ଛୋଟ ପିଲାଙ୍କୁ ଶିକ୍ଷୟିତ୍ରୀମାନେ ଧମକାଇ ଗେଟ୍ ଭିତରକୁ ନେଇଯାଇଥିବା ଆନ୍ଦୋଳନରତ ଛାତ୍ରୀମାନେ ଅଭିଯୋଗ କରିଛନ୍ତି । ସାର୍ ଜେଲ୍‌ରୁ ନବାହାରିବା ପର୍ଯ୍ୟନ୍ତ ଆମେ ଆନ୍ଦୋଳନ କରିବୁ ବୋଲି ଛାତ୍ରୀମାନେ କହିଛନ୍ତି । ସାର୍ କାହାକୁ କେତେବେଳେ ଦୁର୍ବ୍ୟବହାର କରିଥିଲେ ଆମେ ତାହାର ପ୍ରମାଣ ଚାହୁଁଛୁ ବୋଲି ଛାତ୍ରୀମାନେ ମିଳିତ ଭାବେ ଦାବି କରିଛନ୍ତି ।

## ଆଇଆଇଟିରେ ଦୃଢ଼ ଶିଳ୍ପ-ଶିକ୍ଷା ସମନ୍ୱୟ ସହିତ ସେମିକଣ୍ଡକ୍ଟର ଟ୍ୟାଲେଣ୍ଟ ପ୍ରାଇମର କର୍ମଶାଳା

ଜଟଣୀ,(ସବ୍ୟୁ): ଭାରତର ସେମିକଣ୍ଡକ୍ଟର ୱର୍କଫୋର୍ସ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଆଇଆଇଟି ଇଲେକ୍ଟ୍ରୋନିକ୍ସ ସେକ୍ଟର ସ୍କିଲ୍‌ସ କାଉନସିଲ ଅଫ୍ ଇଣ୍ଡିଆ ଏବଂ ଇଣ୍ଡିଆ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସେମିକଣ୍ଡକ୍ଟର ଆସୋସିଏସନ ସହଯୋଗରେ ଏକ ଦୁଇ ଦିନିଆ ସେମିକଣ୍ଡକ୍ଟର ମ୍ୟାନୁଫ୍ୟାକଚରିଂ ପ୍ରାଇମର କର୍ମଶାଳା ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ସରକାରୀ ଅଂଶୀଦାରମାନଙ୍କୁ ଏକତ୍ରିତ କରି ସେମିକଣ୍ଡକ୍ଟର ଉତ୍ପାଦନ, ପ୍ୟାକେଜିଂ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଦକ୍ଷତାର ବ୍ୟବଧାନକୁ ପୂରଣ କରିବା ପାଇଁ ଅଧିବେଶନ ଏବଂ ଆଲୋଚନା କରାଯାଥିଲା। ସେମିକଣ୍ଡକ୍ଟର ପାଇଁ ଶିଳ୍ପ ସୁରକ୍ଷା, କ୍ଲିନରୁମ୍ ଅଭ୍ୟାସ, ଭାକ୍ୟୁମ୍ ପ୍ରଯୁକ୍ତିବିଦ୍ୟା, ପ୍ରଦର୍ଶନ ପ୍ରଣାଳୀ ଏବଂ ଉନ୍ନତ ପ୍ୟାକେଜିଂ ଭଳି ବିଷୟଗୁଡ଼ିକରେ କ୍ୟୁରେଟେକ୍ ସହିତ, କର୍ମଶାଳାକୁ ଏଆଇସିଟିଇର ନୂତନ ପାଠ୍ୟକ୍ରମ ଇଚ୍ଛାଧୀନ ସହିତ ସମନ୍ୱୟ ରଖିବା ପାଇଁ ପ୍ରସ୍ତୁତ କରାଯାଇଥିଲା। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ସେମିକଣ୍ଡକ୍ଟର କ୍ଷେତ୍ରରେ ଜାତୀୟ ସ୍ୱାବଲମ୍ବନଶୀଳତାକୁ ସକ୍ଷମ କରିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ରଣନୈତିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଟିରେ, ଆମେ ଏପରି ଇଞ୍ଜିନିୟରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ଯେଉଁମାନେ କେବଳ ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ବୁଝନ୍ତି ନାହିଁ ବରଂ ସେମାନଙ୍କ ମଧ୍ୟରେ ନବସୃଜନ ପାଇଁ ମଧ୍ୟ ସଜ୍ଜିତ। ଏହି ପାଠ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ଅର୍ଦ୍ଧପରିବାହୀ ପ୍ରଯୁକ୍ତିବିଦ୍ୟା ଅଭ୍ୟାସ ପାଇଁ ଆବଶ୍ୟକ ଧାରଣା ଏବଂ ଦକ୍ଷତା ସହିତ ଜଡିତ ହେବାର ସୁଯୋଗ ପ୍ରଦାନ କରେ - ୨୪୦୦° ସେଣ୍ଟିଗ୍ରେଡ୍ ତାପମାତ୍ରାରେ ସିଲିକନ୍ କାର୍ବାଇଡର ସ୍ଫଟିକ ବୃଦ୍ଧି ବୁଝିବା ଠାରୁ ଆରମ୍ଭ କରି ମେଟାଲ୍-ଅକ୍ସାଇଡ୍-ସେମିକଣ୍ଡକ୍ଟର ଫିଲ୍ଡ-ଇଫେକ୍ଟ ଟ୍ରାନଜିଷ୍ଟର ଭଳି ଡିଭାଇସ୍-ପରୀକ୍ଷା ଧାରଣା ଅନୁସନ୍ଧାନ କରିପାରିବେ। ଏହି କର୍ମଶାଳାରେ ଓଡ଼ିଶା ସରକାରଙ୍କ ଏବଂ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ମାନସ ରଞ୍ଜନ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ।

## ସରିଲା ପୀଡ଼ିତାଙ୍କ ଅନ୍ତ୍ୟେଷ୍ଟି : ପଦାକୁ ଆସିପାରିଲା ନାହିଁ ସତ୍ୟ

ବଲାଙ୍ଗୀ, (ସବ୍ୟୁ): ବଲାଙ୍ଗୀ ଥାନା ଅନ୍ତର୍ଗତ ବାୟାଘର (ନୂଆ ଗୋପାଳପୁର) ଗ୍ରାମର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ନାବାଳିକା ଛାତ୍ରୀ ଗତ ୧୯ ତାରିଖ ଶନିବାର ଦିନ ଦେହରେ ନିଆଁ ଲଗାଯିବା ଘଟଣାର ୧୫ ଦିନ ପରେ ସେହି ଶନିବାର ସନ୍ଧ୍ୟାରେ ବେଳେ ଦିଲ୍ଲୀ ଏମ୍ସରେ ମୃତ୍ୟୁ ହେବାପରେ ରବିବାର ବିଳମ୍ବିତ ରାତିରେ ମରଶରୀର ପହଞ୍ଚି ଥିଲା । ସମ୍ପ୍ରଦାୟର ନିୟମ ଅନୁସାରେ ସୋମବାର ସକାଳ ସାଢ଼େ ୯ ଟାରେ ପୀଡ଼ିତାଙ୍କ କବର ଦିଆଯାଇ ପ୍ରାର୍ଥନା କରାଯାଇଥିଲା । ହେଲେ ଗାଁ ର ଲୋକମାନେ ଏବେବି ସୁଦ୍ଧା ଏହି ଘଟଣାର କେବେ ସତ୍ୟାସତ୍ୟ ଉନ୍ମୋଚନ ହେବ ଲୋକମାନଙ୍କ ମୁହଁରେ ଉଙ୍କି ମାରୁଛି ।

## ନାଟ- ପିସିଆର ଏବଂ ଅନ୍ୟ ଟେକ୍ନୋଲୋଜି ଭିତରେ ଫରକ କ'ଣ ଜଣାଅ : ହାଇକୋର୍ଟ

କଟକ,(ସବ୍ୟୁ): ରାଜ୍ୟର ବାକି ରହିଯାଇଥିବା ୪୫ଟି ରକ୍ତ ସଂଗ୍ରହ କେନ୍ଦ୍ରରେ ଗତ ମାର୍ଚ୍ଚ ପହିଲା ସୁଦ୍ଧା ନାଟ୍-ପିସିଆର ପରୀକ୍ଷା ସୁବିଧା ଆରମ୍ଭ ହୋଇନପାରିବାରୁ ଏନେଇ ରୁଜୁ ଅଦାଲତ ଅବମାନନା ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଜି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଦାଲତରେ ସତ୍ୟପାଠ ଦାଖଲ କରାଯାଇଛି। ଏହି ନାଟ୍-ପିସିଆର ଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଶେଷ ହେବାଲାଗି ଆହୁରି ୯ମାସ ସମୟର ଆବଶ୍ୟକତା ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା ।

ଅପରପକ୍ଷରେ ନାଟ -ପିସିଆର ସ୍ଥାନରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନାଟ୍ ଆଇଡି ଟେକ୍ନୋଲୋଜି ପାଇଁ ଟେଣ୍ଡର ଆହ୍ୱାନ କରିଥିବାରୁ ଏହାକୁ ନେଇ ଆବେଦନକାରୀ ପ୍ରତିବାଦ କରିଥିଲେ । ଫଳରେ ଏହା ଉପରେ ହାଇକୋର୍ଟ ଆବେଦନକାରୀଙ୍କୁ ନାଟ୍-ପିସିଆର ଏବଂ ଅନ୍ୟ ଟେକ୍ନୋଲୋଜି ମଧ୍ୟ ଫରକ୍ କ'ଣ ରହିଛି ସେ ସଂକ୍ରାନ୍ତରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଅଗଷ୍ଟ ୧୮କୁ ଧାର୍ଯ୍ୟ କରାଯାଇଛି । ମାନବଅଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଏଚ୍‌ଆଇଭି ସଂକ୍ରମିତ ବ୍ଲଡ ଜାଣିବା ଲାଗି ନାଟ୍-ପିସିଆରର ଆବଶ୍ୟକତା ରହିଛି। ରାଜ୍ୟର ବିଭିନ୍ନ ରକ୍ତ ସଂଗ୍ରହ କେନ୍ଦ୍ରରେ ଏହି ସୁବିଧା ନଥିବାରୁ ଆବେଦନକାରୀ ଶ୍ରୀ ଦାସ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ, ରାଜ୍ୟରେ ୫୬ଟି ରକ୍ତ ସଂଗ୍ରହ କେନ୍ଦ୍ର ରହିଛି। ସେଥିରୁ ୧୧ଟି ମୁଖ୍ୟ ରକ୍ତ ସଂଗ୍ରହ କେନ୍ଦ୍ରରେ ନାଟ୍-ପିସିଆର ପରୀକ୍ଷା କରାଯାଉଛି । ଅନ୍ୟ ୪୫ଟି କେନ୍ଦ୍ରରେ ଏହି ପରୀକ୍ଷା ପାଇଁ ପଦକ୍ଷେପ ନିଆଯାଉଛି। ଏଥିପାଇଁ ୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପୁରା ୪୫ଟି ଯାକ କେନ୍ଦ୍ରରେ ୨୦୨୫ ମାର୍ଚ୍ଚ ସୁଦ୍ଧା ଏହି ସୁବିଧା ଉପଲବ୍ଧ ହେବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରଯାଇଥିଲା । ଏହି ସୁବିଧା ସମସ୍ତ ରକ୍ତ ସଂଗ୍ରହ କେନ୍ଦ୍ରରେ ଉପଲବ୍ଧ କରିବା ଲାଗି ହାଇକୋର୍ଟ ୨୦୨୩ ମସିହା ନଭେମ୍ବର ୩୦ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଦେଢ଼ବର୍ଷ ବିତିଗଲା ପରେ ମଧ୍ୟ ରାଜ୍ୟ ସରକାର ବାକି ରହିଯାଇଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ସୁବିଧା ଆରମ୍ଭ କରିପାରିନାହାନ୍ତି। ଫଳରେ ଆବେଦନକାରୀ ଏନେଇ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ । ଶ୍ରୀ ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

## ନାବାଳିକାଙ୍କୁ ଯୌନ ନିର୍ଯାତନା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୋଲିସ ଅଭିଯୁକ୍ତକୁ ପୋକ୍‌ସୋ ଦଫାରେ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ନୂଆପଲ୍ଲୀ ବେହେରା ସାହିରେ ପୀଡିତା ନାବାଳିକା ତାଙ୍କ ଜେଜେମା'ଙ୍କ ସହିତ ରହିବା ସମୟରେ ପରିବାର ସହ ଜଣାଶୁଣା ଥିବା ଅଭିଯୁକ୍ତ ପାଣ୍ଡବ ରେଡ୍ଡୀ ଓରଫ ପିଣ୍ଟୁ ତାଙ୍କ ଘରକୁ ଯା'ଆସ କରେ । ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରଭାବିତ କରିବା ସହ ତାଙ୍କ ନିକଟତର ହୋଇଥିଲା । ବିଶ୍ୱାସରେ ବିଷ ଦେଇ ଅଭିଯୁକ୍ତ ପିଣ୍ଟୁ ପୀଡିତାଙ୍କୁ ବାରମ୍ବାର ଯୌନ ନିର୍ଯାତନା ଦେଉଥିବା ପୋଲିସ କହିଛି । ପୀଡିତା ନାବାଳିକାଙ୍କ ଏତଲା ଆଧାରରେ ନୂଆପଲ୍ଲୀ ଥାନା ପୋଲିସ ୬୪(୨)(ଏଫ୍)/ ୬୪ (୨) (ଏମ୍)/ ୬୫ (୨) (ବିଏନ୍‌ଏସ୍) ଆର୍/ଡବ୍ଲ୍ୟୁ ଦଫା ୪(୧)(୨)/୬ ପୋକ୍‌ସୋ ଦଫାରେ ମାମଲା ରୁଜୁ କରି ଅଭିଯୁକ୍ତ ପିଣ୍ଟୁକୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ପିଣ୍ଟୁ ଘର ଗଞ୍ଜାମ ଜିଲ୍ଲାରେ ହୋଇଥିବା ବେଳେ ସେ ଗଣପତିନଗର ବସ୍ତିରେ ରହୁଥିବା ପୋଲିସ କହିଛି ।

### ପ୍ରାକ୍ତନ ମୁଖ୍ୟ ସଚିବ ସୁବାସ ପାଣିଙ୍କ ପରଲୋକ

# ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଶୋକ

ଭୁବନେଶ୍ୱର, (ସବ୍ୟୁ): ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସୁବାସ ପାଣିଙ୍କ ପରଲୋକ ହୋଇଛି । ସେ ଜଗନ୍ନାଥ ସଂସ୍କୃତି ଗବେଷକ ଓ ଲେଖକ ଭାବେ ବେଶ ପରିଚିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିବା ବେଳେ ଭୁବନେଶ୍ୱରରେ ତାଙ୍କର ପରଲୋକ ହୋଇଛି । ସୁବାସ ପାଣି ଭାରତ ସରକାରଙ୍କ ନିର୍ବାଚନ କମିଶନର, ଗ୍ରାମୀଣ ବିକାଶ ଓ ଭୂମି ସମ୍ପଦ ଏବଂ ଯୋଜନା କମିଶନର ସଚିବ ଭାବେ କାର୍ଯ୍ୟ କରିଛନ୍ତି । ସେ ଜଣେ ଦକ୍ଷ ଲେଖକ, ଅନୁବାଦକ, ସଙ୍ଗୀତଜ୍ଞ ଏବଂ ସୃଜନଶୀଳ ନିର୍ଦ୍ଦେଶକ ଥିଲେ । ଏହାସହ ସେ ପ୍ରାୟ ୨୦ ବର୍ଷରୁ ଅଧିକ ସମୟ ଧରି ଦୂରଦର୍ଶନର ରଥଯାତ୍ରାର ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରସାରଣ ପାଇଁ ଜଣେ ଭାଷ୍ୟକାର ଭାବରେ କାର୍ଯ୍ୟ କରିଛନ୍ତି ।

ସ୍ୱଗତଃ ପାଣିଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏକ୍ସ ଜରିଆରେ କହିଛନ୍ତି, ଓଡ଼ିଶା ସରକାରଙ୍କ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତଥା ବିଶିଷ୍ଟ ଜଗନ୍ନାଥ ସଂସ୍କୃତି



ଗବେଷକ ଓ ଲେଖକ ସୁବାସ ପାଣିଙ୍କ ଦେହାନ୍ତ ବିଷୟରେ ଶୁଣି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ । ତାଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

ସଂସ୍କୃତି ଗବେଷକ,ଭାଷ୍ୟକାର ଓ ଭୂତପୂର୍ବ ମୁଖ୍ୟ ଶାସନ ସଚିବ ଡ଼କଟର ସୁବାସ ପାଣିଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଓଡ଼ିଆ ସଂସ୍କୃତି ଗବେଷଣା ବିଶେଷକରି ଜଗନ୍ନାଥ ସଂସ୍କୃତି ଓ ଗୀତ ଗୋବିନ୍ଦ ଉପରେ ସେ ଅନେକ ମହତ୍ୱପୂର୍ଣ୍ଣ କାମ କରିଯାଇଛନ୍ତି । ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବରେ ମଧ୍ୟ ତାଙ୍କର ବିଶେଷ ସୁନାମ ଥିଲା । ସ୍ୱର୍ଗତଃ ପାଣିଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

## ବଡ଼େ ହରିହର ଗୁରୁଙ୍କ ପୁଣ୍ୟତିଥି ସ୍ମୃତି ସମାରୋହ ଅନୁଷ୍ଠିତ

ପୁରୀ, (ସବ୍ୟୁ): ଭକ୍ତି ଓ ସେବାର ଅନନ୍ୟ ପ୍ରତୀକ ଦାନବୀର ବଡ଼େ ହରିହର ଗୁରୁଙ୍କ ୧୦୧ ତମ ପୁଣ୍ୟ ତିଥି ସ୍ମୃତି ସମାରୋହ ବଡ଼ଦାଣ୍ଡ ସ୍ଥିତ ଗୁରୁ ଇଷ୍ଟେଟ ପରିସରରେ ଅନୁଷ୍ଠିତ ହୋଇଯାଇଛି ଓ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଡ. (ପଦ୍ମଶ୍ରୀ) ଅଶୋକ କୁମାର ମହାପାତ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଶିକ୍ଷାବିତ୍ ସତ୍ୟବାଦୀ ଦାଶ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ ଓ ସେବା ହିଁ ଶ୍ରୀଜଗନ୍ନାଥ ସଂସ୍କୃତିର ମୂଳ ତତ୍ତ୍ୱ ଓ ଦିବ୍ୟାତ୍ମା ଦାନବୀର ବଡ଼େ ହରିହର ସେହି ପବିତ୍ର ପରମ୍ପରାର ଶାଶ୍ୱତ ପ୍ରତିନିଧି ଓ ପ୍ରତୀକ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ ଓ

ଅନୁଷ୍ଠାନର ସଭାପତି ରବିନାରାୟଣ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡକ୍ଟର କୈଳାଶ ଚନ୍ଦ୍ର ଟିକାୟତରାୟ ସ୍ୱାଗତ ଭାଷଣ, ସମ୍ପାଦକ ଚକ୍ରଧର ମହାପାତ୍ର ବିବରଣୀ ପାଠ କରିଥିଲେ ଓ ଶ୍ରୀଜଗନ୍ନାଥ ବୈଦିକ ଶିକ୍ଷାନୁଷ୍ଠାନ ସଦସ୍ୟ ମାନଙ୍କ ଦ୍ୱାରା ବେଦପାଠ କରାଯାଇଥିଲା ଓ ଏହି ଅବସରରେ ବରିଷ୍ଠ ସେବାୟତ ଗୋବିନ୍ଦ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ବରିଷ୍ଠ ସେବାୟତ ନିରଞ୍ଜନ ସିଂହାରୀ,ବରିଷ୍ଠ ସେବାୟତ ଜଗନ୍ନାଥ ପ୍ରତିହାରୀ,

କ୍ରୀଡ଼ାବିତ (ସୁନ୍ଦର ସ୍ୱାସ୍ଥ୍ୟ) ବିଶ୍ୱ ପ୍ରତିହାରୀ, ଚିତ୍ରଶିଳ୍ପୀ ଡ. ଦୁର୍ଗାମାଧବ କର ,ଶାସ୍ତ୍ରୀୟ ସଙ୍ଗୀତଜ୍ଞ ପ୍ରିୟବ୍ରତ ରାୟ ,ଶାସ୍ତ୍ରୀୟ ସଙ୍ଗୀତଜ୍ଞ ସିପ୍ରା ମହାନ୍ତି , ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଅନ୍ନପୂର୍ଣ୍ଣା ତ୍ରିପାଠୀ, ଶ୍ରେଷ୍ଠ ଛାତ୍ର (ସଂସ୍କୃତ ଭାଷା ଅଧ୍ୟୟନ) ସୋୟମଭୂ ପ୍ରସାଦ କର ଙ୍କୁ ପ୍ରତିଭା ସମ୍ମାନ-୨୦୨୫ ରେ ସମ୍ମାନିତ କରାଯାଇଥିଲା ଓ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ ଓ ସମବେତ କଣ୍ଠରେ ଶ୍ରୀ ଗୀତଗୋବିନ୍ଦ,ମାଳଶ୍ରୀ,ବାଦ୍ୟ ବିଚିତ୍ରା, ପାରମ୍ପରିକ ସଙ୍ଗୀତ ପରିବେଷଣ କରାଯାଇଥିଲା ଓ ସୁନାମଧନ୍ୟ କଣ୍ଠଶିଳ୍ପୀ ମହାପ୍ରସାଦ କର ଏବଂ ସୌରଭ ନାୟକ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ ଓ କାର୍ଯ୍ୟକ୍ରମ ପରିଚାଳନାରେ ଜମେଶ୍ୱର ପୂଜାପଣ୍ଡା, ପ୍ରସନ୍ନ କୁମାର ମିଶ୍ର,ସୋମନାଥ ଗୁରୁ,ସତ୍ୟନାରାୟଣ ଗୁରୁ,ବିମଳେନ୍ଦୁ ଦାଶ, ପ୍ରେମନାଥ ଗୁରୁ,ଅମରନାଥ ଗୁରୁ,ହରିହର ଗୁରୁ,ରମେଶ ଚନ୍ଦ୍ର ସାହୁ, ପ୍ରଭାତ କୁମାର ମହାନ୍ତି ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।

## ହଷ୍ଟେଲ ଛାତ୍ରଛାତ୍ରୀଙ୍କୁ ମିଳିବ "ଡିଜିଟାଲ୍ ହେଲଥ୍ କାର୍ଡ'

ଭୁବନେଶ୍ୱର(ସବ୍ୟୁ) : ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ଖୁବ୍‌ଶୀଘ୍ର ହଷ୍ଟେଲରେ ରହୁଥିବା ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ "ଡିଜିଟାଲ୍ ହେଲଥ୍ କାର୍ଡ' ବଣ୍ଟନ ଆରମ୍ଭ କରିବେ । ଏହି ପଦକ୍ଷେପର ଲକ୍ଷ୍ୟ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ଉତ୍ତମ ତଦାରଖ ଏବଂ ଚିକିତ୍ସା ସୁନିଶ୍ଚିତ କରିବା ବୋଲି ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଏହା କହିଛନ୍ତି । ଏହି ପଦକ୍ଷେପ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଦ୍ୱାରା ବିକଶିତ କରାଯାଉଛି । ଏହା ସାରା ରାଜ୍ୟରେ ଥିବା ଛାତ୍ରାବାସ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରକ୍ରିୟାକୁ ସୁଗମ କରିବ ବୋଲି ଆଶା କରାଯାଉଛି ।

ଏହାକୁ ରାଜ୍ୟ ସରକାରଙ୍କର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷକରି ଦୂରଦୂରାନ୍ତ ଏବଂ ଅବହେଳିତ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନଙ୍କର କଲ୍ୟାଣର ପ୍ରୟାସର ଏକ ଅଂଶ ଭାବରେ ଦେଖାଯାଉଛି । ହଷ୍ଟେଲରେ ରହୁଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏକ ଡିଜିଟାଲ୍ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ । ଏହି କାର୍ଡଗୁଡ଼ିକରେ ବିସ୍ତୃତ ସ୍ୱାସ୍ଥ୍ୟ ଇତିହାସ ରହିବ, ଯାହା ସମୟାନୁସାରେ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସାରେ ସାହାଯ୍ୟ କରିବ । ଯେକୌଣସି ସ୍ୱାସ୍ଥ୍ୟ ସମସ୍ୟା ରେକର୍ଡ କରାଯିବ । ଯାହା ବିଭାଗକୁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ପଦକ୍ଷେପ ନେବାକୁ ସକ୍ଷମ କରିବ ବୋଲି ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି ।

## ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତ ଗିରଫ

ଜଟଣୀ (ସବ୍ୟୁ) : ଅଭିଯୋଗକାରୀ ବିଶାଳ ଦାସଙ୍କ ପୋଲିସ ଲିଖିତ ରିପୋର୍ଟ ଆଧାରରେ ମାମଲା ରୁଜୁ କରିଛି। ତଦନ୍ତ ସମୟରେ ଅଭିଯୁକ୍ତ ସାଗର ନାୟକ ଓରଫ ମହେଶ ନାୟକକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ ଅଭିଯୋଗକାରୀ ବନ୍ଧୁ ସିଲୁ ଓ ତାଙ୍କ ବାପାଙ୍କୁ ଶାରୀରିକ ଆକ୍ରମଣ କରୁଥିବାର ଯୁବକ ଏବଂ ମହିଳାମାନଙ୍କ ଏକ ଗୋଷ୍ଠୀ ଦେଖିଥିଲେ। ଯେତେବେଳେ ସେ ଆକ୍ରମଣକୁ ରୋକିବାକୁ ଚେଷ୍ଟାକଲେ ମଧ୍ୟ ତାଙ୍କୁ ଆକ୍ରମଣ କରାଯାଇଥିଲା ଏବଂ ତାଙ୍କ ଗାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଘରକୁ ଫେରିବାପରେ ପର୍ସଟି ହଜିଯାଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗକାରୀ ଥାନରେ ପହଂଚିବା ପରେ ଅଭିଯୁକ୍ତ ସାଗର ନାୟକ ଏବଂ ତାର ସହଯୋଗୀମାନେ ପୁଣି ଥରେ ଥାନା ସମ୍ମୁଖରେ ଆକ୍ରମଣ କରିଥିଲେ ଏବଂ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅଭିଯୁକ୍ତ ସାଗର ନାଁରେ ଜଟଣୀରେ ଥାନାରେ ଅପରାଧିକ ମାମଲା ଥିବା ଜଣାପଡ଼ିଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମଣିଙ୍ଗ୍ ମିଟ୍‌ର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ ଉତ୍ସବ

ଫୁଲନଖରା, (ସବ୍ୟୁ): କଟକ ଫୁଲନଖରା ଅଗ୍ରଣୀ ସାମାଜିକ ଅନୁଷ୍ଠାନ ମଣିଙ୍ଗମିଟର ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ସର୍ବ ସମ୍ମତି କ୍ରମେ ଅନୁଷ୍ଠିତ ହୋଇଥିଲା । ରବିବାର ଦିନ ଅନୁଷ୍ଠାନର ନିର୍ବାଚିତ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ ଉତ୍ସବ ସଂଗଠନର ଉପଦେଷ୍ଟା ସ୍ୱାଧୀନ ଚେତା ମହାନ୍ତିଙ୍କ ଦ୍ୱାରା କରାଯାଇଥିଲା । ଅପ୍ରତିଦ୍ୱନ୍ଦୀ ଭାବେ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଥିବା ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟମାନେ ସମ୍ବର୍ଦ୍ଧିତ କରିବା ସହିତ ସଭାପତି କାର୍ଯ୍ୟ ତୁଲାଇବା ପାଇଁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ସେହି ପରି ଉପସଭାପତି ଭାବେ ବଳରାମ ସାହୁ ( ଅନିଲ ବାବୁ ), ଟିଟନ ସାହୁ । ସାଧାରଣ ସଂପାଦକ ଭାବେ ସୁଧୀର କୁମାର ପଟ୍ଟନାୟକ, ସହ ସଂପାଦକ ଭାବେ ବିନୟ କୁମାର ଜେନା , କୋଷାଧ୍ୟକ୍ଷ ଭାବେ ଯୁଗଳ କିଶୋର ସାହୁ , ସଂଯୋଜକ ଭାବେ ବଲ୍ଲଭ କୁମାର ଜେନା , ସାଂସ୍କୃତିକ ସଂପାଦକ ଭାବେ ଅନିଲ ମହାନ୍ତି, ଉପଦେଷ୍ଟା ଭାବେ ସାଧୀନ ଚେତା ମହାନ୍ତି, ବିପିନି ବିହାରୀ ପାଢ଼ୀ , ମୁକ୍ତି କାନ୍ତ ମହାପାତ୍ର, ହେମନ୍ତ କୁମାର ସାହୁ, ସଦସ୍ୟ ଭାବେ କରିମ ସା, ଗିରିଶ ଚନ୍ଦ୍ର ବାରିକ, ହୃଦାନନ୍ଦ ବେହେରା, ଦିଲିପ କୁମାର ସାହୁ, ଲିଙ୍କନ ରାଉତ, ଦେବାଶିଷ ତ୍ରୀପାଠୀ, ଅକ୍ଷୟ କୁମାର ଲେଙ୍କା, ଇଞ୍ଜିନିୟର ଶ୍ରୀନିବାସ ବିଶାଳ, ସାମ୍ବାଦିକ ପ୍ରଦୀପ୍ତ କୁମାର ଦାସ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ରହି ବିଦ୍ଧିବଧ ଭାବେ କାର୍ଯ୍ୟ ଭାର ଗ୍ରହଣ କରିଥିଲେ ।

### ସୌମ୍ୟାଶ୍ରୀ ମୃତ୍ୟୁକୁ ନେଇ ଦୁଇ ଏବିଭିପି ସଦସ୍ୟଙ୍କ ଗିରଫ ଘଟଣା

# ଏବିଭିପି ହତ୍ୟାକାରୀ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଏଫଏମ କଲେଜ ଛାତ୍ରୀ ଆତ୍ମାହୂତି ଘଟଣାରେ ଦୁଇ ଜଣ କଲେଜ ଛାତ୍ର ତଥା ଏବିଭିପି ସଦସ୍ୟଙ୍କ ଗିରଫ ପରେ ଏବିଭିପି ଓ ବିଜେପିର ମୁଖା ଖୋଲିଯାଇଛି ବୋଲି ବିଜୁ ଜନତା ଦଳ କହିଛି । ଘଟଣାରେ ଷଡ଼ଯନ୍ତ୍ର ଲୁଚି ରହିଛି ବୋଲି ବିଜୁ ଜନତା ଦଳ ପ୍ରଥମ ଦିନରୁ କହିଆସୁଥିଲା ଏବଂ ଏବିଭିପିର ଦୁଇ ସଦସ୍ୟଙ୍କ ଗିରଫ ପରେ, ଏହା ପ୍ରମାଣିତ ହେଲା । କିନ୍ତୁ, ଦୁଇ ଜଣ ଏବିଭିପି ସଦସ୍ୟଙ୍କୁ ଗିରଫ କରି ଅନ୍ୟ କେତେକଙ୍କୁଖସାଇ ଦେବା ପାଇଁ ଉଦ୍ୟମ କରାଯାଉଛି ।।ବେଖସାଇ ଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଦଳ ଅଭିଯୋଗ କରିଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଧାୟକ ଗୌତମବୁଦ୍ଧ ଦାସ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଦଳର ମୁଖପାତ୍ର ଶ୍ରୀମତୀ ଇପ୍ସିତା ସାହୁ ସମଗ୍ର ଘଟଣାରେ ବ୍ୟବସ୍ଥାଗତ ବିଫଳତାକୁ ଦାୟୀ କରି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ । ଗୌତମବୁଦ୍ଧ ଦାସ କହିଥିଲେ, ଜଣେ ଅଧ୍ୟାପକ ଛାତ୍ରୀ ଜଣଙ୍କୁ ଯୌନ ଅନୁଗ୍ରହ ମାଗିବା ପରେ, ସେ ନ୍ୟାୟ ପାଇଁ ସଂଘର୍ଷ କରୁଥିବା ବେଳେ, ଏବିଭିପି ଓ ବିଜେପି ନେତା ମାନେ ତାକୁ ରାଜନୈତିକ ଫାଇଦା ପାଇଁ ବ୍ୟବହାର କରିଥିଲେ । ଏହି ଘଟଣାରେ ବିଜେପି ଷଡଯନ୍ତ୍ରକାରୀ ଓ ଏବିଭିପି ହତ୍ୟାକାରୀ ଭୂମିକା ନିର୍ବାହ କରିଛନ୍ତି । କଲେଜ ନିର୍ବାଚନ ହେବ ବୋଲି ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା ହେବା ପରେ ଏବିଭିପିର ସଂଗଠନ ଦୁର୍ବଳ ଥିବାରୁ, ଏହି ଘଟଣାକୁ ବ୍ୟବହାର କରି ସଂଗଠନ ଶକ୍ତି ବୃଦ୍ଧି ପାଇଁ ଷଡ଼ଯନ୍ତ୍ର ରଚନା ହୋଇଥିଲା । ଷଡ଼ଯନ୍ତ୍ରର ଅଂଶ ଭାବେ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଆତ୍ମାହୂତି ଦେବା ପାଇଁ ଉସୁକା ଯାଇଥିଲା । ରାଜନୈତିକ ଫାଇଦା ହାସଲ ପାଇଁ ଭୟଙ୍କର ଷଡ଼ଯନ୍ତ୍ର ରଚିବାରେ, ଏହି ଘଟଣା ନୂଆ କୀର୍ତ୍ତିମାନ ସ୍ଥାପନ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୁଃଖ ଓ ପରିତାପର ବିଷୟ ଷଡ଼ଯନ୍ତ୍ରରେ ସ୍ଥାନୀୟ ବିଜେପି ନେତାମାନଙ୍କ ଭୂମିକା ମଧ୍ୟ ସନ୍ଦେହଘେରରେ ରହିଛି, ଯେଉଁ ଦିଗକୁ କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ସ୍ପର୍ଶ କରିନାହିଁ । ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ସ୍ଥାନୀୟ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସହଯୋଗ ଲୋଡ଼ିଥିଲେ ମଧ୍ୟ ସେ ତାଙ୍କୁ ଆବଶ୍ୟକୀୟ ସହଯୋଗ ପ୍ରଦାନ କରିନଥିଲେ । ଶ୍ରୀ ଷଡ଼ଙ୍ଗୀ ଉପଯୁକ୍ତ ସହଯୋଗ କରିଥିଲେ, ଏଭଳି ଅଘଟଣ ଘଟିନଥାନ୍ତା । କ୍ରାଇମବ୍ରାଞ୍ଚ ଶ୍ରୀ ଷଡ଼ଙ୍ଗୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ପାଇଁ ବିଜୁ ଜନତା ଦଳ ଦାବି କରିଆସୁଛି । ଶ୍ରୀମତୀ ଇପ୍ସିତା ସାହୁ କହିଥିଲେ, ଜ୍ଞାନ ଚରିତ୍ର ଓ ଏକତା ଭଳି ଆଦର୍ଶର ପାଠ ପଢାଇ ଆସୁଥିବା ଏବିଭିପିର ଅସଲ ମୁଖା ଆଜି ଖୋଲିଯାଇଛି । ଏବିଭିପି ଓ ବିଜେପିର ନେତାଙ୍କ ସମ୍ପୃକ୍ତି ଏଥିରେ ସ୍ପଷ୍ଟ ହୋଇଛି । କେବଳ ଦୁଇ ଜଣ ସଦସ୍ୟଙ୍କୁ ଗିରଫ କରି କେସ୍‌କୁ ରଫାଦଫା କରିଦେବା ପାଇଁ ଉଦ୍ୟମ କରୁଛନ୍ତି ସରକାର । ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଗିରଫ ହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ବୋଲି ସେ କହିଥିଲେ ।

### ପୀଡ଼ିତାଙ୍କୁ ବଞ୍ଚାଇବାର ପ୍ରୟାସ କରିଥିବା ଛାତ୍ରଙ୍କୁ ଗିରଫ ମାମଲା

# ଛାତ୍ରଙ୍କୁ ଦାୟୀ କରି ଗିରଫ କରିବା ଏକ ଷଡ଼ଯନ୍ତ୍ର : ଏବିଭିପି

ଭୁବନେଶ୍ୱର (ସବ୍ୟୁ): ବାଲେଶ୍ୱର ଏଫଏମ ସ୍ୱୟଂଶାସିତ କଲେଜ ଛାତ୍ରୀ ପୋଡ଼ି ହୋଇ ନିଜ ଜୀବନ ନେବା ଘଟଣାରେ ତାଙ୍କୁ ବଞ୍ଚାଇବାର ପ୍ରୟାସ କରିଥିବା ଛାତ୍ରଙ୍କୁ ପୋଲିସ ଗିରଫ କରିବା ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ମୁହଁ ଖୋଲିଛି । ଏ ଘଟଣାରେ ଏବିଭିପି ପକ୍ଷରୁ କଲେଜ ଏବଂ ପୋଲିସର ବିଫଳତା ରହିଥିବା ଦର୍ଶାଯାଇଛି । ପୀଡ଼ିତାଙ୍କୁ ରକ୍ଷା କରିଥିବା ସହପାଠୀମାନଙ୍କୁ ଦାୟୀ କରିବା ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଏବିଭିପି ପକ୍ଷରୁ କୁହାଯାଇଛି । ଚରିତ୍ରକୁ ବଦନାମ କରୁଥିବା ରାଜନୈତିକ ତ%୦ମାନଙ୍କୁ ସୁରକ୍ଷା ଦେବା କାର୍ଯ୍ୟ ଓଡ଼ିଶା ପୋଲିସ ବନ୍ଦ କରିବା ଉଚିତ ବୋଲି ଏବିଭିପି ପକ୍ଷରୁ ପ୍ରକାଶିତ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ।

ଏବିଭିପିର ଜାତୀୟ ସାଧାରଣ ସମ୍ପାଦକ ଡକଟର ବୀରେନ୍ଦ୍ର ସିଂହ ସୋଲାଙ୍କି ଦାବି କରିଛନ୍ତି, ଏବିଭିପି ଏହି ସମ୍ପୂର୍ଣ୍ଣ ଘଟଣାର ଏକ ନିରପେକ୍ଷ ଏବଂ ବ୍ୟାପକ ତଦନ୍ତ ଚାହୁଁଛି । ତଦନ୍ତର କେନ୍ଦ୍ରବିନ୍ଦୁ କେବଳ ଘଟଣା ପର୍ଯ୍ୟନ୍ତ ସୀମିତ ନରହିବା ଉଚିତ । ଛାତ୍ରୀଙ୍କୁ ନିଜ ଜୀବନ ନେବା ଭଳି କଠୋର ପଦକ୍ଷେପ ନେବାକୁ ବାଧ୍ୟ କରିଥିବା ମାନସିକ ଏବଂ ସାଂଗଠନିକ କାରଣଗୁଡ଼ିକ ଉପରେ ରହିବା ଉଚିତ । ଚରିତ୍ର ହନନ ଏବଂ ମାନସିକ ନିର୍ଯାତନାର ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଅଭିଯୁକ୍ତ ଯେକୌଣସି ପଦବୀ କିମ୍ବା ସଂଗଠନରେ ଥାଆନ୍ତୁ ନା କାହିଁକି, ଯାହା ଦ୍ୱାରା ପୀଡ଼ିତା ନ୍ୟାୟ ପାଇପାରିବେ ଏବଂ ଏପରି ଘଟଣାର ପୁନରାବୃତ୍ତିକୁ ରୋକା ଯାଇପାରିବ ।

ଏବିଭିପି ଓଡ଼ିଶା ପୂର୍ବ ରାଜ୍ୟ ରାଜ୍ୟ ସମ୍ପାଦକ ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି, ଏବିଭିପି ଏହି ମାମଲାରେ ପୋଲିସକୁ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରସ୍ତୁତ, କିନ୍ତୁ ଯଦି କର୍ମୀମାନଙ୍କୁ ହଇରାଣ କରାଯାଏ ଏବଂ ନିର୍ଦ୍ଦୋଷଙ୍କୁ ଫସାଇବା ପାଇଁ ଚେଷ୍ଟା ଜାରି ରହେ, ତେବେ ବିଦ୍ୟାର୍ଥୀ ପରିଷଦ ଚୁପ୍ ରହିବ ନାହିଁ । ଏବିଭିପି କର୍ମୀମାନଙ୍କୁ ମାନସିକ ଏବଂ ଶାରୀରିକ ଭାବରେ ହଇରାଣ କରିବା ପାଇଁ ଓଡ଼ିଶା ପୋଲିସର ପ୍ରୟାସକୁ ଦୃଢ଼ ବିରୋଧ କରାଯିବ ।

ଏବିଭିପି ସ୍ପଷ୍ଟ କରିଛି ଯେ, ପୀଡିତାଙ୍କ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବ, କିନ୍ତୁ ଯଦି ପୋଲିସ ଦଳୀୟ ମନୋଭାବ ଅବଲମ୍ବନ କରେ, ତେବେ ପରିଷଦ ଏହାକୁ କୌଣସି ପରିସ୍ଥିତିରେ ସହ୍ୟ କରିବ ନାହିଁ । ପୀଡିତାଙ୍କୁ ରକ୍ଷା କରିବାକୁ ଆଗକୁ ଆସିଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଯଦି ଏପରି ମାମଲାରେ ସହପାଠୀମାନଙ୍କୁ ଅପରାଧୀ ବୋଲି କୁହାଯାଏ, ତେବେ ଭବିଷ୍ୟତରେ ପୀଡିତାଙ୍କୁ ସାହାଯ୍ୟ କରିବାକୁ ଆଗକୁ ଆସିବାକୁ ସହପାଠୀ ପଛାଇବେ ବୋଲି ପ୍ରେସ୍ ବାର୍ତ୍ତାରେ କୁହାଯାଇଛି ।

## ଆଦିବାସୀ ସମାଜ ପାଇଁ ଶିବୁ ସୋରେନଙ୍କ ଅବଦାନ ସର୍ବଦା ସ୍ମରଣୀୟ : ଭକ୍ତ ଦାସ

ଭୁବନେଶ୍ୱର,(ସବ୍ୟୁ) : ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ



ସୋରେନଙ୍କ ବିୟୋଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକ ବାର୍ତାରେ ପିସିସି ସଭାପତି କହିଛନ୍ତି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ, ଝାଡ଼ଖଣ୍ଡ ଆନ୍ଦୋଳନର ଜନନାୟକ ଓ ଆଦିବାସୀ ସମାଜର ସ୍ୱର, ଦିଶୋମ ଗୁରୁ ଶିବୁ ସୋରେନଙ୍କ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ।ଝାଡ଼ଖଣ୍ଡ ଆନ୍ଦୋଳନ ସମୟରେ ଗୁରୁଜୀଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ମିଳିଥିଲା । ସଂସଦରେ ମଧ୍ୟ ତାଙ୍କ ମାର୍ଗଦର୍ଶନ ପ୍ରାପ୍ତ ହୋଇଥିଲା । ନିୟମଗିରି ଆନ୍ଦୋଳନ ସମୟରେ ମୋ ଅନୁରୋଧ ରକ୍ଷା କରି ଗୁରୁ ଶିବୁ ସୋରେନ ଭୁବନେଶ୍ୱର ଆସିଥିଲେ ଓ ଆମକୁ ସହଯୋଗ କରିଥିଲେ । ଦିବଙ୍ଗତ ଆତ୍ମାଙ୍କ ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ପରିବାର ଓ ଅନୁଗାମୀ ମାନଙ୍କୁ ମୋର ସମବେଦନା ଜଣାଉଛି । ଝାଡ଼ଖଣ୍ଡ ଆନ୍ଦୋଳନ ଏବଂ ଆଦିବାସୀ ସମାଜର ଉନ୍ନତି ପାଇଁ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ ।

## ଜଷ୍ଟିସ୍ ମାନସ ରଞ୍ଜନ ପାଠକ ରାଜ୍ୟ ଆଇନସେବା ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ

କଟକ,(ସବ୍ୟୁ): ଓଡ଼ିଶା ହାଇକୋର୍ଟର ଅନ୍ୟତମ ବରିଷ୍ଠ ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ରାଜ୍ୟ ଆଇନସେବା ପ୍ରାଧିକରଣ କାର୍ଯ୍ୟାନିର୍ବାହୀ ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ଏନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ ପରେ ରାଜ୍ୟପାଳ, ଜଷ୍ଟିସ୍ ମାପସ ରଞ୍ଜନ ପାଠକଙ୍କୁ ରାଜ୍ୟ ଆଇନସେବା ପ୍ରାଧିକରଣ ଅଧକ୍ଷ ଭାବେ ମନୋନିତ କରିଛନ୍ତି । ଜଷ୍ଟିସ୍ ପାଠକ ଅଳ୍ପଦିନ ତଳେ ହାଇକୋର୍ଟର ବିଚାରପତି



ଭାବେ ନିଯୁକ୍ତି ପାଇଥିଲେ । ସେ ଆସାମ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟ ବଦଳି ହୋଇ ଆସିଥିଲେ ।

## ନାରୀ ନ୍ୟାୟ ଦାବିରେ ପ୍ରଦେଶ ଯୁବ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର(ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଦିବଙ୍ଗତା ବଲଙ୍ଗା ପୀଡ଼ିତା, ଏଫଏମ ସ୍ୱୟଂଶାସିତ କଲେଜର ପୀଡ଼ିତା ଓ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ଅତ୍ୟାଚାରିତାଙ୍କୁ ନ୍ୟାୟ ଦାବିରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇଥିଲା । ପୋଲିସ ସହ ଧସ୍ତାଧସ୍ତି ପରେ ଯୁବ କଂଗ୍ରେସର କର୍ମୀମାନଙ୍କୁ ପୋଲିସ ସେଠାରୁ ଗରିଫ କରି ନେଇଯାଇଥିଲା । ପୀଡ଼ିତା ମୃତ୍ୟୁବରଣ କଲା କିପରି । ପ୍ରଭାତୀ ପରିଡ଼ାଙ୍କ ରଚିତ କାହାଣୀକୁ ପୋଲିସ ବା ତଦନ୍ତକାରୀ ସଂସ୍ଥା ରିପୋର୍ଟ ପ୍ରସ୍ତୁତ କରିଛି । ପୀଡ଼ିତା ଜଣକୁ ପ୍ରଥମ ଉଧାର କରିଥିବା ବ୍ୟକ୍ତି ଜଣକ ଏବେ କେଉଁଠି । ତିନିଜଣ ଲୋକ ପୀଡ଼ିତାକୁ କିରୋସିନୀ ଢ଼ାଳି ନିଆଁ ଲଗାଇଥିବାର କଥା ପ୍ରଥମେ ପୀଡ଼ିତା ଉଦ୍ଧାରକାରୀଙ୍କୁ କହିଥିଲା । ଏବେ ପୀଡ଼ିତାର ମୃତ୍ୟୁ ପଛରେ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶ ଅନୁଯାୟୀ ନୂଆ କାହାଣୀ ସୃଷ୍ଟି କରାଯାଉଛି । ସ୍ଥାନୀୟ ବିଜେପି ନେତାଙ୍କୁ ଏହି କରିଥିଲା । ଘଟଣାକ୍ରମରେ ସତ୍ୟ ପଦାକୁ ଆସିଛି । ଏବିଭିପି ସଂଗଠନ ପୀଡ଼ିତାକୁ ହତ୍ୟା କରିଛି । ବାଲେଶ୍ୱର ସଂସଦଙ୍କର ଏହି ଘଟଣାରେ ପ୍ରତାରଣାପୂର୍ଣ୍ଣ ଭୂମିକା ଥିବାରୁ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଯୁବ କଂଗ୍ରେସ ଦାବି କରୁଛି । ଧର୍ମଶାଳାର ବିଧାୟକ ଯେଉଁଭଳି ଭାବେ ଜଣେ ମହିଳାଙ୍କୁ ଆକ୍ରମଣ କରିଛନ୍ତି ଏବଂ ମହିଳାଜଣଙ୍କ ତାଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ଦରଜ କରିଛନ୍ତି ଓ ପୋଲିସ ଏପର୍ଯ୍ୟନ୍ତ ନିରବ ବସିଛି ତାହା ଅତ୍ୟନ୍ତ କ୍ଷୋଭର



। ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ ଓଡ଼ିଶାର ନାରୀଙ୍କୁ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛି । ଦିନକୁ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର । ଓଡ଼ିଶାର ମହିଳା ଆତଙ୍କିତଛ ରାସ୍ତାରେ ସୁରକ୍ଷିତ ଭାବେ ଚାଲିଯିବାକୁ ଭୟ କରୁଛନ୍ତି ।ବଲଙ୍ଗା ପୀଡ଼ିତାଙ୍କୁ ହତ୍ୟା କରାଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମରେ କହିଲେ ପୀଡ଼ିତାର ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି ଘଟୁଛି ମାତ୍ର କାର୍ଯ୍ୟରେ ନିୟୋଜିତ କରାଯାଇଛି । ଅପରାଧିକୁ ଘଂଟ ଘୋଡ଼ାଇବା ପାଇଁ ପ୍ରଶାସନ ଲାଗିପଡ଼ିଛି । ଯୁବ କଂଗ୍ରେସ ଅପରାଧିକୁ ତୁରନ୍ତ ଗିରଫ ଏବଂ ପୀଡ଼ିତାର ପରିବାରକୁ ଏକକୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ଦାବି କରିଛି ।

ଅନ୍ୟପକ୍ଷରେ ଯୁବ କଂଗ୍ରେସ ବାଲେଶ୍ୱର ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର ଦିବଂଗତା ପୀଡ଼ିତାର ଆତ୍ମହତ୍ୟା ଉଦ୍ୟମ ପଛରେ ଏବିଭିପି ସଂଗଠନର ଭୂମିକା ରହିଛି ବୋଲି ଅଭିଯୋଗ ବିଷୟ । ତୁରନ୍ତ କାର୍ଯାନୁଷ୍ଠାନ ଗ୍ରହଣ ପାଇଁ ଯୁବ କଂଗ୍ରେସ ଦାବି କରିଛି । କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ନିହାର ବେହେରା, ମହମ୍ମଦ ଗୁଲଫାମ, ଆଲୋକ ଦାସ, ଜାଭେଦ ଅକତାର, ବିରଞ୍ଚି ବାରିକ, ଅମରେଶ ପରିଡ଼ା, ସାଗର ପଟ୍ଟନାୟକ, ଦେବୀ ପ୍ରସାଦ ଜେନା, ପ୍ରଶାନ୍ତ ରାଉତ, ସୁରଜ ରାଉତ, ସନ୍ଦୀପ ରାଉତରାୟ, ପବିତ୍ର ସେଠୀ, ବିଶ୍ୱଭୂଷଣ ମହାପାତ୍ର, ସାହାରୁଖ ଖାନ, ଚିତ୍ତରଞ୍ଜନ ନାୟକ, ପ୍ରଶାନ୍ତ କୁମାର ପରମାଣିକ, ଜଗଦିଶ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ଦେବୀ ପ୍ରସନ୍ନ ପଟ୍ଟନାୟକ ପାଇବେ

# ଚଳିତବର୍ଷର ଗଙ୍ଗାଧର ମେହେର ସମ୍ମାନ

ଭୁବନେଶ୍ୱର (ସବ୍ୟୁ ଗଙ୍ଗାଧର ମେହେର ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର ମେହେର ଅଧ୍ୟକ୍ଷତା କରିଥିଲେ । ଚଳିତବର୍ଷର ସମ୍ମାନଜନକ ଗଙ୍ଗାଧର ମେହେର ସମ୍ମାନ ବିଶିଷ୍ଟ ଶିକ୍ଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବା ଲାଗି ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା । ସେହିଭଳି ଗଙ୍ଗାଧର ମେହେର ପ୍ରତିଭା ସମ୍ମାନ ଡ. ସୁଜିତ୍ କୁମାର କୃଷେଠଙ୍କୁ ପ୍ରଦାନ କରାଯିବ । ଆସନ୍ତା ୯ ତାରିଖ ଶନିବାର ସନ୍ଧ୍ୟା ୬ଟାରେ ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା ଜୟନ୍ତୀ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ । ବୈଠକରେ ଗଙ୍ଗାଧର ମେହେର ସ୍ମୃତି କମିଟିର ସଂପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସଂପାସକ ଦିଲ୍ଲୀପ ଦାସ ଶର୍ମାଙ୍କ ସହିତ ଗଙ୍ଗାଧର ମେହେର ପ୍ରତିଷ୍ଠାନ, ଉତ୍କଳ ସମ୍ମିଳନୀ, ପଶ୍ଚିମଓଡ଼ିଶା ଅଗ୍ରଣୀ ଅନୁଷ୍ଠାନ, ବରଗଡ @ ଭୁବନେଶ୍ୱର, ଭୁବନେଶ୍ୱର ମେହେର ଭୁଲିଆ ସମାଜ ଓ ଇଣ୍ଟରନ୍ୟାସନାଲ ଥିଏଟର ପକ୍ଷରୁ ସୁଶାନ୍ତ କୁମାର ପ୍ରଧାନ, ଲୋକେଷ କୁମାର ଜଗତ, ବଳିଷ୍ଠ ରାଉତ, ଆଶୁତୋଷ ମେହେର, ପଙ୍କଜ ମେହେର , ଗାନ୍ଧି ଦୋରା ଓ ତରଣୀ ସେନ୍ ସାହୁ ଯୋଗ ଦେଇଥିଲେ ।

## ଶିବୁ ସୋରେନଙ୍କ ବିୟୋଗରେ ବିଜେପି ରାଜ୍ୟ ସଭାପତିଙ୍କ ଶୋକ

ଭୁବନେଶ୍ୱର, (ସବ୍ୟୁ): ପଡୋଶୀ ଝାଡଖଣ୍ଡ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ଆଜି ୮୧ ବର୍ଷ ବୟସରେ ପରଲୋକ ଘଟିଛି । ଦୀର୍ଘ ୪ ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି ରାଜନୀତିରେ ସକ୍ରିୟ ଥିଲେ । ସ୍ୱର୍ଗତଃ ସୋରେନ ୩ଥର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିବା ସହିତ ୮ ଥର ଲୋକସଭା ଏବଂ ୩ ଥର ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ଜନଜାତି ବର୍ଗଙ୍କ ପାଇଁ ଅଗ୍ରଣୀ ନେତୃତ୍ୱ ନେଇ ସ୍ୱର୍ଗତଃ ସୋରେନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ରାଜ୍ୟସଭା ସାଂସଦ ଭାବେ ତାଙ୍କ ସହ ଏକାଠି କାମ କରିବାର ସୁଯୋଗ ମିଳିଥିଲା । ଅନୁଭବୀ ସ୍ୱର୍ଗତଃ ସୋରେନଙ୍କ ବିୟୋଗ ଅନୁସୂଚିତ ଜନଜାତି ବର୍ଗ ପାଇଁ ବିରାଟ କ୍ଷତି ଏବଂ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ଶୋକ ବ୍ୟକ୍ତ କରିଛନ୍ତି । ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

### ଭାରତୀୟ ପୂର୍ବ ସେନାନୀ ସଂଘ ଓଡ଼ିଶାର

# ନୂତନ ରାଜ୍ୟ କାର୍ଯ୍ୟକାରୀ କମିଟି

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ପୂର୍ବ ସେନାନୀ ସଂଘ ଓଡ଼ିଶାର ରାଜ୍ୟସ୍ତରୀୟ ବାର୍ଷିକ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିମାନେ ଯୋଗଦେଇ ନିଜ ଜିଲ୍ଲାର ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ । ଅବସରପ୍ରାପ୍ତ ଗ୍ରୁପ୍ କ୍ୟାପଟେନ୍ ଜଗଦାନନ୍ଦ ବ୍ରହ୍ମାଙ୍କ ପୌରହିତ୍ୟରେ ବୈଠକ ଆରମ୍ଭ ହୋଇଥିଲା । ସଂଘର ସାଧାରଣ ସଂପାଦକ ଭେଟେରାନ୍ ବିଦ୍ୟାଧର ନାୟକ ବିଗତ ୧୫ବର୍ଷରେ ସଂଗଠନର ସଫଳତା ଉପରେ ବକ୍ତବ୍ୟ ରଖିଥିଲେ । ପ୍ରୟାସରୁ



ଉଚ୍ଚଶିକ୍ଷା (ଓୟୁଏଟି) କ୍ଷେତ୍ରରେ ପୂର୍ବ ସୈନିକ ସନ୍ତାନମାନଙ୍କୁ ସ୍ଥାନ ସଂରକ୍ଷଣ ଲାଗୁ ହେବା ସହ ଓଡ଼ିଶାର ପୂର୍ବ ସୈନିକମାନଙ୍କୁ ପୂର୍ବଭଳି ଆଉ ରାଞ୍ଚି, ବିଶାଖାପାଟଣା, କୋଲକାତା ନଯାଇ ନିଜ ରାଜ୍ୟରୁ ଭୁବନେଶ୍ୱର ର୍ୟାଣ୍ଟିନ୍ ଜରିଆରେ ଯାନବାହାନ କିଣିବା ସମ୍ଭବ ହୋଇପାରିଲା । ସଂଗଠନ ପ୍ରୟାସରେ ରକ୍ଷାମନ୍ତ୍ରୀଙ୍କ ସହ ଯୋଗଯୋଗ କରି ସୈନିକ ସ୍କୁଲମାନଙ୍କରେ ଛାତ୍ରୀମାନଙ୍କ ନାମଲେଖା ଆରମ୍ଭ ହୋଇ ପାରିଥିଲା । ଓଡ଼ିଶା ଉପକୂଳରେ ଏକ ଜାହାଜ ନିର୍ମାଣ କାରଖାନା ସ୍ଥାପନା ନିମନ୍ତେ ଉଦ୍ୟମ ଆରମ୍ଭ ହୋଇପାରିଲା । ଓଡ଼ିଶା ରାଜ୍ୟରେ ସଶସ୍ତ୍ର ବଳ ନ୍ୟାୟାଧିକରଣ ଗଠନ ପାଇଁ ନିର୍ଦ୍ଦେଶନାମା ଜାରି ମଧ୍ୟ ସମ୍ଭବ ହେଲା । ବିଗତ ଦିନମାନଙ୍କରେ ଅନେକ କାର୍ଯ୍ୟ ସଂଘ ପକ୍ଷରୁ କରାଯାଇଛି । ନ୍ୟାୟିକ ପ୍ରକ୍ରିୟାରେ ପୂର୍ବ ସୈନିକମାନଙ୍କ ଅଭିଯୋଗକୁ ଅଣଦେଖା କରିବା, ସରକାରୀସ୍ତରରେ ଅମଲାତନ୍ତ୍ରର ଜଟିଳତା ନେଇ ସଂଗଠନ ପକ୍ଷରୁ ଅନେକ ସମୟରେ ଅଭିଯୋଗ ମଧ୍ୟ କରାଯାଇଥିବାର ସେ ସୂଚନା ଦେଇଥିଲେ । ଆଗାମୀ ଦିନରେ ସଂଗଠନର ମୁଖ୍ୟଲକ୍ଷ ସଂପର୍କରେ ସଦସ୍ୟମାନଙ୍କୁ ସେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ପ୍ରତିରକ୍ଷା ବିଶେଷଜ୍ଞ ଅନିଲ ଧିର୍ ମୁଖ୍ୟ ଅତିଥିଭାବରେ ଯୋଗ ଦେଇ ପୂର୍ବ ସୈନିକମାନଙ୍କର ଦେଶପ୍ରତି ଓ ଶୃଙ୍ଖଳିତ ଜୀବନ ଶୈଳିର ପ୍ରଶଂସା କରିଥିଲେ । ଏଭଳି ଏକ ସମର୍ପିତ ମାନବସମ୍ବଳର ରାଷ୍ଟ୍ର ନିର୍ମାଣରେ ଖୁବ୍ କମ୍ ଉପଯୋଗ ହୋଇପାରିଛି କହି ସେ ଉଦ୍‌ବେଗ ପ୍ରକାଶ କରିଥିଲେ । ବର୍ତ୍ତମାନ ଭାରତର ରାଜନୈତିକ କ୍ଷେତ୍ରରେ ଯେଭଳି ବିଶୃଙ୍ଖଳା ଦେଖାଯାଉଛି ସେଥିରେ ପୂର୍ବ ସୈନିକମାନଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦେଇ ଆଗକୁ ଅଣାଗଲେ ରାଷ୍ଟ୍ର ଅନେକ ସଙ୍କଟରୁ ରକ୍ଷା ପାଇବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଏଥିପାଇଁ ପାଇଁ ସେ ପଞ୍ଚାୟତସ୍ତରରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ପୂର୍ବ ସୈନିକମାନଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗୁ କରିବାକୁ ପ୍ରସ୍ତାବ ରଖିଥିଲେ । ମଞ୍ଚରେ ସାମାଜିକ କର୍ମୀ ତଥା ଅଧିବକ୍ତା ରଜତ କୁମାର ମିଶ୍ର ଓ ଯୋଗାଚାର୍ଯ୍ୟ ଡ. ବିଶ୍ୱ ରଞ୍ଜନ ରଥଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ନୂତନ କାର୍ଯ୍ୟକାରିଣୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଭାବେ ଜ୍ୟୋତିର୍ମୟ ଶତପଥୀ, ସଂପାଦକ ଭାବରେ ବିଦ୍ୟାଧର ନାୟକ, ଯୁଗ୍ମ ସଂପାଦକ ଦିନବନ୍ଧୁ ଷଡଙ୍ଗୀ, ଉପସଭାପତି ଭାବେ ଡଃ. ରାଜେଶ ନିଗମ, ରବିନ୍ଦ୍ର କୁମାର ସାହୁ, ମହେଶ୍ୱର ଦିକ୍ଷିତ୍ ନିର୍ବାଚିତ ହୋଇଥିଲା ବେଳେ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ପ୍ରଭାଷ ଚନ୍ଦ୍ର ପଟ୍ଟନାୟକ, କାଳି ପ୍ରସାଦ ମିଶ୍ର, କୋଷାଧକ୍ଷ ଅରୁଣ ମହାନ୍ତି ନିର୍ବାଚିତ ହୋଇଥିଲେ । ନ୍ୟାୟିକ ପରାମର୍ଶଦାତାଭାବେ ବିଜନ କୁମାର ଥାମ୍ବା ଏବଂ ଅଧିବକ୍ତା ରଜତ କୁମାର ମିଶ୍ର ଦାୟିତ୍ୱ ଗ୍ରହଣ କରିଥିଲେ ।

## ଚିଟ୍‌ଫଣ୍ଡ ମାମଲା ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ଦ୍ୱାରା ଅପରାଧୀ ଘୋଷିତ ଜି.ଶିବକୁମାରଙ୍କୁ ତାମିଲନାଡୁରୁ ଗିରଫ କରିଛି ଭୁବନେଶ୍ୱର ସିବିଆଇ । ଅପରାଧୀ ଘୋଷିତ ହେବା ପରେ ସେ ଫେରାର ହୋଇ ତାମିଲନାଡୁରେ ଆତ୍ମଗୋପନ କରିଥିଲେ । ଗିରଫକୁ ଏଡାଇବା ପାଇଁ ତାମିଲନାଡୁରେ ମଧ୍ୟ ବାରମ୍ବାର ସ୍ଥାନ ପରିବର୍ତ୍ତନ କରି ରହୁଥିଲେ ।

ଜି.ଶିବକୁମାର ରାଇଟ୍ ମାକ୍ସ ଟେକ୍ନୋଲୋଜିର ନିର୍ଦ୍ଦେଶକ । ତାଙ୍କ ବିରୋଧରେ ଚିଟ୍‌ଫଣ୍ଡ ଠକେଇ ଅଭିଯୋଗ ଥିବାରୁ ସିବିଆଇ ମାମଲା ହସ୍ତାନ୍ତର କରିବା ପରେ ତାଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା । ୨୦୧୮ ମସିହାରୁ ସେ ଫେରାର ହୋଇଯାଇଥିଲେ । ସିବିଆଇ ଶିବକୁମାରଙ୍କୁ ଗିରଫ କରିବା ପରେ କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଶିବକୁମାରଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ

# ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ, (ସବ୍ୟୁ): ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ସୋମବାର ପୂର୍ବାହ୍ନରେ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା ।ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ ।ଏଥିରେ ମୋଟ ୧୧୯ ଗୋଟି ଅଭିଯୋଗ ମିଳିଥିଲା ।ସେଥିରୁ ୮୧ ଗୋଟି ବ୍ୟକ୍ତି ଗତ,୩୦ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୮ ଗୋଟି ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା ।୪ଜଣ ଙ୍କୁ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୯ ହଜାର ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରାଯାଇଥିଲା ।ତତକ୍ଷଣାତ ୫ଗୋଟି ର ସମାଧାନ କରାଯାଇଥିଲା ।ଅନ୍ୟ ଅଭିଯୋଗ ଗୁଡ଼ିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା ।ଏହି ଶୁଣାଣୀ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଡିଆଇବି ଅତିରିକ୍ତ ଏସ ପି ଦେବୀ ପ୍ରସାଦ ପ୍ରତାପ, ସିଡିଏମଓ



ଡା ଅକ୍ଷୟ ଶତପଥୀ, ଡିଏସପି ତାରା ଜସ୍ମିନ ଗୁରିଆ,ସଦର ବିଡିଓ ସମ୍ମିତ ଶତପଥୀ, ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା, ମନୀଷା ଷଡ଼ଙ୍ଗୀ, ବିବେକାନନ୍ଦ ସାହୁ, ସହଦେବ ସାହୁ, ସହକାରୀ ଜିଲ୍ଲାପାଳ ତନ୍ମୟ ଦାସ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଅଗଷ୍ଟ ୧୧ତାରିଖରେ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ, ୧୮ ତାରିଖରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଓ ଅଗଷ୍ଟ ୨୫ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଦିବା ୧୦ ଘଟିକା ସମୟରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ ।

# ଡ୍ରିମ୍ସ ମେଡିକାଲ କଲେଜର ନୂତନ ଛାତ୍ରାବାସ ଉଦ୍‌ଘାଟିତ

କଟକ, (ସ୍ୱପ୍ର): ଡ୍ରିମ୍ସ ମେଡିକାଲ କଲେଜର ନୂତନ ଛାତ୍ରାବାସର ଉଦ୍‌ଘାଟନ ଶ୍ରାବଣର ଶେଷ ସୋମବାର ତିଥିରେ ଯଥାରୀତିରେ ସମ୍ପନ୍ନ ହୋଇଛି । ହୃଦ୍‌ରୋଗ ବିଭାଗ ସହକାରୀ ପ୍ରଫେସର ଡା. ଆଶାରାମ ପଣ୍ଡା ପୂଜାର୍ଚ୍ଚନା ଓ ହୋମରେ କର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରାରମ୍ଭରେ କର୍ମଯୋଗୀ ଧନେଶ୍ୱର ରଥ, ଇଚ୍ଛାବତୀ ରଥ ଓ ପଦ୍ମିନୀ ରଥଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏହି ଅବସରରେ ନାମ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା । ପଣ୍ଡିତ ତପନ କୁମାର ଦାଶ ଓ ପଣ୍ଡିତ ଚିତ୍ତରଂଜନ ତ୍ରିପାଠୀ ପୂଜା ଓ ହୋମରେ ଆହୂତି ପ୍ରଦାନ କରିଥିଲେ । ମୁଖ୍ୟପୁରୋଧା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହି ନବ ନିର୍ମିତ ଛାତ୍ରାବାସରେ ସୁବିଧାଜନକ ବ୍ୟବସ୍ଥା ରହିଥିବାବେଳେ ଏହା ଏମ୍‌ବିବିଏସ୍ ବିଦ୍ୟାର୍ଥୀଙ୍କ ନିମନ୍ତେ ବିଶେଷ ଉପଯୋଗୀ ହେବବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ବିରଂଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ନିରୂପମା ଚୟନୀ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ରଂଜନ କୁମାର ଦାସ, ଡା. ବସନ୍ତ କୁମାର ମହାନ୍ତି, ଡା. ବୁଲୁ ମହାନ୍ତି, ଡା. ପ୍ରତୀକ୍ ରଂଜନ ନାୟକ, ଡା. ରଶ୍ମୀ ରଂଜନ ବାରିକଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଓ ଡାକ୍ତରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରଦ୍ୟୁତ୍ କୁମାର ଷଡଙ୍ଗୀ, ମୋହିନୀମୋହନ ରଥ, ସାରଦା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣୀ

# ୨୬୧ଟି ଅଭିଯୋଗର ହେଲା ଶୁଣାଣି

ବାରିପଦା, (ସବ୍ୟୁ) : ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଥିଲା। ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୬୧ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା । ଉକ୍ତ ୨୬୧ଗୋଟି ଅଭିଯୋଗ ମଧ୍ୟରୁ ୨୩୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୩୧ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ୯ଟି ଆପତ୍ତିର ତକିାଲ ସମାଧାନ ହୋଇଥିଲା । ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୫ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୫ହଜାର ଟଙ୍କା ଏବଂ ୪ଜଣଙ୍କୁ ରେଡ କ୍ରସ ପାଣ୍ଠିରୁ ୨୫ହଜାର ଟଙ୍କା ମଞ୍ଜୁର କରିଛନ୍ତି । ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।



# ମୟୂରଭଞ୍ଜର ଶତାଧିକ କର୍ମକର୍ତ୍ତାଙ୍କ କଂଗ୍ରେସରେ ଯୋଗଦାନ

ଭୁବନେଶ୍ୱର/ବାରିପଦା,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା କଂଗ୍ରେସର ସଂଯୋଜକ(ପୂର୍ବ) ଅରବିନ୍ଦ ଦାସ ଓ ସଂଯୋଜକ(ପଶ୍ଚିମ) ଭୁବନ ବିହାରୀ ସାହୁଙ୍କ ନେତୃତ୍ୱରେ ଆଜି କଂଗ୍ରେସ ଭବନଠାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସର ଚିନ୍ତାଧାରା,ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ଆସ୍ଥା ପ୍ରକଟ କରି ଜେଏମଏମ ବିଧାୟକ ପ୍ରାର୍ଥୀ ବିଷ୍ଣୁ ସିଂ, ଜେଏମଏମ ଜିଲ୍ଲା ପରିଷଦ ପ୍ରାର୍ଥୀ ଦେବେନ୍ଦ୍ର ସିଂଙ୍କ ସମେତ ମୟୂରଭଞ୍ଜ ଜିଲ୍ଲାର ଜେଏମଏମ, ବିଜେଡି, ବିଜେପି ଦଳର ଶତାଧିକ କର୍ମୀ ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି । ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଏବଂ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, ମୁଖପାତ୍ର ମନୀଷା ଦାସ ପଟ୍ଟନାୟକ ପ୍ରମୁଖ ନେତୃବୃନ୍ଦଙ୍କ ଉପସ୍ଥିତିରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇଥିବା ନେତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସ, ନୂତନ କରି କଂଗ୍ରେସରେ ଯୋଗଦାନ କରିଥିବା ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା କହିଥିଲେ ଯେ, ବର୍ତ୍ତମାନର ସରକାର ଏକ ଆଦିବାସୀ ଦଳିତ ବିରୋଧୀ ସରକାର । ଆଦିବାସୀ ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି । ବିଶେଷତଃ ମୟୂରଭଞ୍ଜରେ ବିସ୍ଥାପନ, ଭୂମିହୀନଙ୍କ ପାଇଁ ଜମି ପଟ୍ଟା ସମସ୍ୟା ଉତ୍କଟ ରୂପ ଧାରଣ କଲାଣି, ତେଣୁ ଆଦିବାସୀଙ୍କ ନ୍ୟାୟ ପାଇଁ କଂଗ୍ରେସ ସମସ୍ତ ପ୍ରକାର ସହାୟତା ଦେବ, ସେମାନଙ୍କ ପାଇଁ ସଂଗ୍ରାମ କରିବ । ସମସ୍ତ ଅତ୍ୟାଚାରିତଙ୍କୁ ନ୍ୟାୟ ପ୍ରଦାନ କରିବା ହେଉଛି କଂଗ୍ରେସର ପ୍ରଥମ କର୍ତ୍ତବ୍ୟ ବୋଲି ଶ୍ରୀ ଦାସ ମତପ୍ରକାଶ କରିଥିଲେ । ସଭା ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ଦାସ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାରତର ବରପୁତ୍ର ବିର୍ସା ମୁଣ୍ଡାଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ଏହି ଅବସରରେ ବିଶିଷ୍ଟ ଆଦିବାସୀ ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟର ନୀରବ ପ୍ରାର୍ଥନା କରାଯାଇ ଏବଂ ତାଙ୍କର ଶ୍ରୁତିଚାରଣ କରାଯାଇଥିଲା । ଶେଷରେ ମିଡିଆ ସେଲ ଅଧ୍ୟକ୍ଷ ଶ୍ରୀ ଦାସ ଏଇ ମିଶ୍ରଣ ପର୍ବ ପାଇଁ ମୟୂରଭଞ୍ଜ ଜିଲ୍ଲାର ଦୁଇ ସଂଯୋଜକ ତଥା ଦୂର ଦୁରାନ୍ତରୁ ଆସିଥିବା ମା ଭଉଣୀ ଏବଂ କଂଗ୍ରେସପ୍ରେମୀ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।



# ଆନ୍ଧ୍ରପ୍ରଦେଶ ପଥର ଖଦାନ ବିସ୍ଫୋରଣରେ ମୃତ ଦୁଇ ଶ୍ରମିକଙ୍କ ଶବ ଗାଁରେ ପହଞ୍ଚିଲା

ଧରାକୋଟ, (ସବ୍ୟୁ): ଆନ୍ଧ୍ରପ୍ରଦେଶର ବାଲିକୁରଭା ମଣ୍ଡଳର ମଲାୟାପୁଲମ ଗାଁ ନିକଟରେ ରହିଥିବା ପଥର ଖଦାନରେ ବିସ୍ଫୋରଣ ଘଟି ପଥର ତଳେ ଚାପିହୋଇ ଗଞ୍ଜାମ ଓ ଗଜପତି ଜିଲ୍ଲାର ଛଅଜଣ ଶ୍ରମିକଙ୍କ ଗତ ରବିବାର ମୃତ୍ୟୁ ଘଟିଛି । ଏହି ଛଅ ଜଣଙ୍କ ମଧ୍ୟରେ ଧରାକୋଟ ବ୍ଲକର କସେଇ ଗାଁର ସନ୍ତୋଷ ଗୌଡ଼ ୩୬ ଓ ବାହାଡ଼ାଗୁଡା ଗାଁର ମୁସା ଜେନା ୪୩ଙ୍କର ମୃତ୍ୟୁ ଘଟିଛି । ସୋମବାର ଆନ୍ଧ୍ରପ୍ରଦେଶ ପ୍ରଶାସନ ତରଫରୁ ଆମ୍ବୁଲାନ୍ସ ଯୋଗେ ଛଅ ଗୋଟି ଶବକୁ ଓଡ଼ିଶା ପଠାଯିବା ପରେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି ଓ ଭାରପ୍ରାପ୍ତ ବିଡିଓ ସୁଶିଲ ପଟ୍ଟନାୟକ ସନ୍ତୋଷ ଓ ମୁସାଙ୍କ ଶବକୁ ପରିବାରର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଆଜି ଉଭୟ ଶବ ସହ ଅତିରିକ୍ତ ଜିଲ୍ଲାପାଳ ଛତ୍ରପୁର ସନ୍ତୋଷ କୁମାର ପୃଷ୍ଟି, ଭଂଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା, ସହକାରୀ ଶ୍ରମ ଅଧିକାରୀ ହୃଷୀକେଶ ରାଓ ପ୍ରମୁଖ ଉଭୟ ଗାଁରେ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଆତ୍ମୀୟ ପରିଜନ ମାନେ ଗାଁ ଶ୍ମଶାନରେ ଶବ ଦାହ କରିଥିଲେ । ଅପରାହ୍ନରେ ରାଜ୍ୟ ସରକାରଙ୍କ ବାଣିଜ୍ୟ, ପରିବହନ ଓ ଖଣିମନ୍ତ୍ରୀ ବିଭୁତି ଭୁଷଣ ଜେନା, ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ଆସିକା ଜିଲ୍ଲା ବିଜେପି ସଭାପତି ବିଜୟ ସ୍ୱାଇଁ, ବିଜେପି ନେତା ଉତ୍ତମ ପାଣିଗ୍ରାହୀ ପ୍ରମୁଖ ଉଭୟ ଗାଁରେ ପହଞ୍ଚି ପରିବାରର ସଦସ୍ୟ ମାନଙ୍କୁ ସମବେଦନା ଜଣାଇଥିଲେ । ଏହି ଅବସରରେ ଆନ୍ଧ୍ର ସରକାରଙ୍କ ତରଫରୁ ୨୦ହଜାର ଟଙ୍କା ଓ ରେଡକ୍ରସ ତରଫରୁ ୩୦ହଜାର ଟଙ୍କା ମୋଟ ୫୦ହଜାର ଟଙ୍କା ଲେଖାଏଁ ଉଭୟ ପରିବାରକୁ ପ୍ରଦାନ କରାଯାଇଥିଲା । ଏହା ମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କୁ ଚାରି ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ ପାଇଁ ଘୋଷଣା କରାଯାଇଛି । ସବୁଠାରୁ ଦୁଃଖଦ ଘଟଣା ସ୍ୱାମୀ ମୁସାଙ୍କୁ ହରାଇ ସ୍ତ୍ରୀ ମଞ୍ଜୁଳା, ପୁଅ ଆଲୋକ ଓ ଝିଅ ରୂପାଲି ବେସାହାରା ହୋଇଯାଇଥିବା ବେଳେ ସେପଟେ ସନ୍ତୋଷଙ୍କୁ ହରାଇ ସ୍ତ୍ରୀ ରିନା, ଝିଅ ତପସ୍ୟା ଓ ଆଶା ବେସାହାରା ହୋଇଯାଇଛନ୍ତି । ଉଭୟ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ବେଳେ ଉଭୟ ପରିବାରକୁ ଅଧିକ କ୍ଷତି ପୂରଣ ପ୍ରଦାନ ପାଇଁ ଗାଁ ଲୋକେ ଦାବି କରିଛନ୍ତି ।

# ସଫେଇ ଆଳରେ ୫ ଭରି ଗହଣା ଲୁଟ୍

ବ୍ରହ୍ମପୁର, (ସବ୍ୟୁ): ଦୁଇ ଜଣ ଅଣ ଓଡ଼ିଆ ଯୁବକ ଚଞ୍ଚକତା କରି ମହିଳାଙ୍କ ୫ ଭରି ଓଜନର ୪ଟି ସୁନା ଚୁଡି ଧରି ଚମ୍ପଟ ମାରିଛନ୍ତି । ଏନେଇ ବଡବଜାର ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଯେ, ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗରରେ ପୁଷ୍ପା ପଣ୍ଡା ଓ ତାଙ୍କ ପରିବାର ଲୋକେ ରହୁଛନ୍ତି । ରବିବାର ୨ ଜଣ ଅଣଓଡ଼ିଆ ବ୍ୟକ୍ତି ବାଇକରେ ଆସି ସାହିରେ ପହଞ୍ଚିଥିଲେ । ସେମାନେ ହିନ୍ଦୀ ଏବଂ ତେଲୁଗୁରେ କଥାବାର୍ତ୍ତା କରୁଥିବା ବେଳେ ସୁନା ଓ ରୂପା ଅଳଙ୍କାର ସଫା କରିବା ପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀ ଧରିଥିଲେ । ଏହି ୨ ଜଣ ବ୍ୟକ୍ତି ପୁଷ୍ପାଙ୍କ ଘର ନିକଟକୁ ଯାଇ ଯଦି କିଛି ପୁରୁଣା ଅଳଙ୍କାର ଅଛି ତାହାକୁ ସଫା କରି ଚକଚକ କରିଦେବେ ବୋଲି କହିଥିଲେ । ସେହିକ୍ରମରେ ପୁଷ୍ପାଙ୍କ ନାତୀ ନିଜ ହାତରେ ପିନ୍ଧିଥିବା ରୂପା ବ୍ରେସଲେଟ ସଫା କରିବାକୁ ସେହି ବ୍ୟକ୍ତିମାନଙ୍କୁ ଦେଇଥିଲେ । କିଛି ସମୟ ପରେ ସେମାନେ ରୂପା ଅଳଙ୍କାରକୁ ଭଲଭାବେ ସଫା କରି ତାଙ୍କ ନାତୀକୁ ଫେରାଇ ଦେଇଥିଲେ । ଏହାପରେ ସେହି ବ୍ୟକ୍ତିମାନେ ପୁଷ୍ପା ପିନ୍ଧିଥିବା ସୁନା ଚୁଡି ସଫା କରିଦେବେ ବୋଲି କହିବା ସହ ପୁଷ୍ପା ନିଜ ହାତରେ ପିନ୍ଧିଥିବା ୫ ଭରି ଓଜନର ୪ଟି ସୁନା ଚୁଡି ବାହାର କରି ସେହି ଯୁବକ ମାନଙ୍କୁ ଦେଇଥିଲେ । ଯୁବକ ମାନେ କୌଶଳକ୍ରମେ ମହିଳାଙ୍କୁ ଘର ଭିତରୁ ପାଣି ଆଣିବାକୁ କହି ସେଠାରୁ ସୁନା ଚୁଡି ଧରି ଚମ୍ପଟ ମାରିଥିଲେ । ପରେ ମହିଳା ଜଣଙ୍କ ଏନେଇ ବଡବଜାର ଥାନାରେ ଅଭିଯୋଗ କରିଛନ୍ତି ।

## ଏମ୍‌କେସିଜିରେ ବିକଳ ଦୃଶ୍ୟ

# ଗୋଟିଏ ଅକ୍ସିଜେନ ସିଲିଣ୍ଡରରେ ଦୁଇ ଶିଶୁଙ୍କ ଜୀବନ ରକ୍ଷା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଏମକେସିଜି ମେଡ଼ିକାଲ କଲେଜ ଓ ହସପିଟାଲ ଦକ୍ଷିଣ ଓଡ଼ିଶାର ଏକ ରେଫେରାଲ ହସପିଟାଲ ହୋଇଥିବା ବେଳେ ଏହି ମେଡିକାଲ ଉପରେ ରୋଗୀ ନିର୍ଭରଶୀଳ ହେଉଛନ୍ତି । ଏହି ମେଡ଼ିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିବା ରୋଗୀ ସବୁ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେତେବେଳେ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ଆବଶ୍ୟକ ସଂଖ୍ୟକ ଖଟିଆ ମିଳୁ ନଥିବାବେଳେ ରୋଗୀ ସେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବହୁବାର ଦାବି ଓ ଅଭିଯୋଗ ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବାବେଳେ ଏଥିପ୍ରତି କାହାର ଦୃଷ୍ଟି ଗୋଚର ନହେବା ବୁଦ୍ଧୀଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି । ମେଡ଼ିକାଲରେ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଓ୍ୱାର୍ଡରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ରୋଗୀଙ୍କ ନିମନ୍ତେ ଷ୍ଟ୍ରେଚର ହେଉ ବା ବ୍ୟାଟେରୀ ଗାଡିରେ ନେବା ନିମନ୍ତେ ଯୋଜନା ରହିଥିବା ବେଳେ ଗତ କିଛି ଦିନ ତଳେ ଜଣେ ଶିଶୁଙ୍କୁ ଚାଲି ଚାଲି ଯିବାକୁ ପଡ଼ିଥିଲା । ଏହିଭଳି ଏକ ସଙ୍ଗିନ ଘଟଣା ଘଟିଛି ଆଜି ଶିଶୁ ବିଭାଗ ଅଧୀନରେ ଚିକିତ୍ସିତ ହେଉଥିବା ଶିଶୁଙ୍କ କ୍ଷେତ୍ରରେ । ଶିଶୁ ବିଭାଗ ଅଧୀନରୁ ସୁପର ସ୍ପେସିଆଲୋଟି ଓ୍ୱାର୍ଡକୁ ଶିଶୁଙ୍କ ଇକୋ ନିମନ୍ତେ ନିଆଯାଇଥିବା ବେଳେ ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଗତ ଦୁଇ ବର୍ଷ ପୂର୍ବେ ଏଭଳି ସମାନ ଦୃଶ୍ୟ ଗୋଟିଏ ସିଲିଣ୍ଡରରୁ ତିନି ଜଣ ଶିଶୁଙ୍କୁ ନିଆ ଯାଉଥିବା ଦେଖିବାକୁ ମିଳିଥିଲା । ତେବେ ଗୋଟିଏ ଅକ୍ସିଜେନ ସିଲିଣ୍ଡରରୁ ଦୁଇ ଜଣ ଶିଶୁଙ୍କୁ ଅକ୍ସିଜେନ ପ୍ରଦାନ କେତେ ଯୁକ୍ତିଯୁକ୍ତ ରହିଛି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି । ଶିଶୁ ବିଭାଗ ଡାକ୍ତରଙ୍କ ଏଭଳି ନିଷ୍ପତି ଉଭୟ ଶିଶୁ କ୍ଷେତ୍ରରେ କେତେ ସୁରକ୍ଷିତ ତାକୁ ନେଇ ପ୍ରଶ୍ନ ଉଠିଛି ।



# ମାଉଜର ଧରି ବୁଲୁଥିବା ବେଳେ ପୋଲିସ ମାଡିବସିଲା

ଭଂଜନଗର, (ସବ୍ୟୁ): ଭଂଜନଗର ପୋଲିସ ପେଟ୍ରୋଲିଂ ବେଳେ ସନ୍ଦେହ ଜନକ ଅବସ୍ଥାରେ ମାଉଜର ଧରି ବୁଲୁଥିବା ଯୁବକକୁ ଗିରଫ କରିଛି । ତା' ଠାରୁ ଗୋଟିଏ ବନ୍ଧୁକ ଦୁଇ ରାଉଣ୍ଡ ଜୀବନ୍ତ ଗୁଳି ଏବଂ ଗୋଟିଏ ମାଗାଜିନ୍ ଜବତ କରିଛି ପୋଲିସ । ଗିରଫ ଯୁବକ ଜଣକ, ତୁଳସୀପଲ୍ଲୀ ଗ୍ରାମର ସୌମ୍ୟରଞ୍ଜନ ବେହେରା । ଥାନାଧିକାରୀ ଜୀବନାନନ୍ଦ ଜେନା ଦେଇଥିବା ସୂଚନା ପ୍ରକାରେ, ଏସଆଇ ସମୀର କୁମାର ସେଠୀ ଏବଂ ପୋଲିସ ଟିମ୍ ପେଟ୍ରୋଲିଂ, ବେଳେ ସୌମ୍ୟରଞ୍ଜନ ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିଲେ । ଘଟଣା ସ୍ଥଳରେ ପୋଲିସ ଯାଞ୍ଚ ବେଳେ ସୌମ୍ୟରଞ୍ଜନ ପୋଲିସକୁ ଗାଳିଗୁଳଜ କରିବା ସହ ଧମକ ଚମକ ଦେଇଥିଲେ । ପରେ ଯାଞ୍ଚ ପରେ ତାଙ୍କ ଠାରୁ ମାଉଜର ବାହାରିଲା । ଏନେଇ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି ।

## ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ଅବିନାଶ କୁମାରଙ୍କ ଦାଇତ୍ୱ ଗ୍ରହଣ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ଦୀନା ଦସ୍ତାଗୀରଙ୍କ ବଦଳୀ ହୋଇ ଯାଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ଉପଜିଲ୍ଲାପାଳ ଭାବେ ସୋମବାର ଅଭିନାଷ କୁମାର ଯୋଗଦାନ କରିଛନ୍ତି । ଏହି ଅବସରରେ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଫୁଲ ତୋଡା ଦେଇ ସ୍ୱାଗତ କରିଥିଲେ ।



# ଗୋପାଳପୁର ବନ୍ଦରରେ ଥର୍ମାଲ୍ କୋଇଲା ରପ୍ତାନି ଆରମ୍ଭ

ଛତ୍ରପୁର, (ସବ୍ୟୁ): ଓଡିଶାର ଅନ୍ୟତମ ଗଭୀରତା ବିଶିଷ୍ଟ ତଥା ସବୁଦିନିଆ ଓ ଚବିଶ ଘଣ୍ଟା ପରିଚାଳିତ ହେଉଥିବା ଗୋପାଳପୁର ବନ୍ଦର ଏକ ଗୁରୁତ୍ୱପୂର୍ଣ୍ଣ ପରିଚାଳନା ମାଇଲଖୁଣ୍ଟ ଅତିକ୍ରମ କରି ପ୍ରଥମଥର ପାଇଁ ଥର୍ମାଲ୍ କୋଲ୍ ରପ୍ତାନି ପରିବହନ ପରିଚାଳନା କରିଛି । ଏଥି ସହିତ ଗୋପାଳପୁର ବନ୍ଦର ଶକ୍ତି କ୍ଷେତ୍ରର ପଣ୍ୟ ପରିବହନରେ ପ୍ରବେଶ କରିଛି । ଏସ୍‌ଇଆଇଏଲ୍ ଏନର୍ଜି ଇଣ୍ଡିଆ ଲିମିଟେଡ୍ ଦ୍ୱାରା ପରିଚାଳିତ ଜାହାଜ ଏମ୍ଭି ପ୍ରୋପେଲ୍ ଓ୍ୱେଲପୋର୍ଟର ବର୍ଥରେ ଲଗାଯିବାପରେ କୋଇଲା ଲୋଡିଂ କରାଯାଇଥିଲା । ପ୍ରାୟ ୬୦,୦୦୦ ମେଟ୍ରିକ୍ ଟନ୍ ଥର୍ମାଲ୍ କୋଲ ମାତ୍ର ୨୪ ଘଣ୍ଟାରେ ଲୋଡ଼ କରାଯାଇଥିଲା । ଯାହା ଗୋପାଳପୁର ପୋର୍ଟରେ ଗୋଟିଏ ଜାହାଜରେ ସର୍ବାଧିକ ଲୋଡ଼ିଂର ନୂତନ ରେକର୍ଡ ସ୍ଥାପନ କରିଥିଲା । ଗୋପାଳପୁର ପୋର୍ଟ ପ୍ରଥମଥର ପାଇଁ ଥର୍ମାଲ୍ କୋଲ୍ ରପ୍ତାନି ସିପ୍‌ମେଣ୍ଟରେ ସଫଳତା ଅର୍ଜନ କରିଛି ଯାହା ପୋର୍ଟର ବିଭିନ୍ନ ପ୍ରକାରର ପଣ୍ୟ ସିପମେଣ୍ଟ ପାଇଁ ବଢୁଥିବା କ୍ଷମତାକୁ ପ୍ରତିଫଳିତ କରୁଛି । ଏହି ଉପଲକ୍ଷେ ଜାହାଜର କ୍ରୁ ସଦସ୍ୟ, ପୋର୍ଟର ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ ଟର୍ମିନାଲ କର୍ମଚାରୀମାନେ ଏହି ଐତିହାସିକ ଜାହାଜକୁ ସ୍ୱାଗତ ଜଣାଇବା ପାଇଁ ବର୍ଥରେ ଏକତ୍ରିତ ହୋଇଥିଲେ । ଆଦାନୀ ପୋର୍ଟସ୍ ଏବଂ ସ୍ପେସିଆଲ ଇକୋନୋମିକ୍ (ଏପିଏସ୍‌ଇଜେଡ୍) ଗୋପାଳପୁର ପୋର୍ଟ ଅଧିଗ୍ରହଣ କରିବାର ଏକ ବର୍ଷ ମଧ୍ୟରେ ଏହି ସଫଳତା ମିଳିଛି । ଯାହା ଆଦାନୀ ଗ୍ରୁପ୍ର ପୂର୍ବ ଉପକୂଳରେ ଉପସ୍ଥିତି ବୃଦ୍ଧି ଏବଂ ସାରା ଭାରତରେ ମଲଟିମୋଡାଲ୍ ପଣ୍ୟ ସୁବିଧା ସମ୍ପ୍ରସାରଣ କରିବା ପ୍ରତି କମ୍ପାନିର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିଛି । ଏହି ସଫଳତା ସମ୍ପର୍କରେ ଗୋପାଳପୁର ପୋର୍ଟର ବ୍ୟବସାୟ ମୁଖ୍ୟ କହିଛନ୍ତି ଯେ, ଏମ୍ଭି ପ୍ରୋପେଲ୍ ଓ୍ୱେଲଥରେ ସଫଳତାର ସହିତ ଥର୍ମାଲ୍ କୋଲ୍ ଲୋଡ଼ିଂ ଗୋପାଳପୁର ପୋର୍ଟ ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ଆମର ବିଭିନ୍ନ ପ୍ରକାରର ପଣ୍ୟ ପରିଚାଳନା କରିବାର ଏକ ପ୍ରମାଣ । ଏସ୍‌ଇଆଇଏଲ୍ ଏନର୍ଜି ଇଣ୍ଡିଆ ଲିମିଟେଡ୍ ଗୋପାଳପୁର ପୋର୍ଟକୁ ଏକ ଲଜିଷ୍ଟିକ୍ ସହଯୋଗୀ ଭାବରେ ଚୟନ କରିଥିବାରୁ ଆମେ କୃତଜ୍ଞ । ଏହି ସଫଳ କ୍ରିୟାନ୍ୱୟନ ବନ୍ଦରର ସୁଦୃଢ଼ ମୌଳିକ ସୁବିଧା, ଉନ୍ନତ ଉପକରଣ ପରିଚାଳନା ବ୍ୟବସ୍ଥା ଏବଂ ଉଚ୍ଚ ଦକ୍ଷତା ଟର୍ନଆରାଉଣ୍ଡ କାର୍ଯ୍ୟାନୁଷ୍ଠାନ ପ୍ରତି ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ଗୋପାଳପୁର ପୋର୍ଟ ଲୁହା ପଥର, ଚୂନପଥର, ଆଲୁମିନା, ସିମେଂଟ ଏବଂ ବର୍ତମାନ ଥର୍ମାଲ୍ କୋଲ୍ ସମେତ ନିଜର ପଣ୍ୟ ବର୍ଗମାଳାକୁ ନିରନ୍ତର ବିସ୍ତାର କରୁଛି । ପାରାଦୀପ ଏବଂ ବିଶାଖାପାଟଣା ମଧ୍ୟରେ ପୂର୍ବ ଉପକୂଳରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥିତ ଗୋପାଳପୁର ପୋର୍ଟ ଓଡିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ପ୍ରମୁଖ ଶିଳ୍ପ ହବଗୁଡ଼ିକୁ ସୁଗମ ମଲଟିମୋଡାଲ୍ ସଂଯୋଗ ପ୍ରଦାନ କରିବାରେ ସକ୍ଷମ । ବାର୍ଷିକ ୨୦ ନିୟୁତ ଟନ୍ କ୍ଷମତା ଏବଂ ତିନୋଟି କାର୍ଯ୍ୟକ୍ଷମ ବର୍ଥ ସହିତ ବନ୍ଦର ୧୪.୫ ମିଟର ପର୍ଯ୍ୟନ୍ତ ଗଭୀରତା ବିଶିଷ୍ଟ ବୃହତ୍ତ କେପ୍ ସାଇଜ୍ ଜାହାଜଗୁଡ଼ିକୁ ସୁଗମତାର ସହିତ ପରିଚାଳନା କରୁଛି । ଉପକୂଳ ପରିବହନ ପାଇଁ ବନ୍ଦରର ମୌଳିକ ସୁବିଧା ସର୍ବୋତ୍ତମ ଶ୍ରେଣୀର ରହିଛି ।



## ବାରିପଦାରେ ଭିଜିଲାନ୍ସ ବିଭାଗର ସାମ୍ବାଦିକ ସମ୍ମିଳନୀ

# ବୌଦ୍ଧ ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦାଙ୍କ ୬କୋଟି ଆୟବର୍ହିଭୁତ ସମ୍ପତ୍ତି ଠାବ

ବାରିପଦା, (ସବ୍ୟୁ) : ସୋମବାର ବାରିପଦା ଭିଜିଲାନ୍ସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଭିଜିଲାନ୍ସ ଏସପି ଅରୁଣ ନାୟକ ଓ ବାରିପଦା ଭିଜିଲାନ୍ସ ବିଭାଗ ମୁଖ୍ୟ ଇନ୍ସପେକଟର ବିକାଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ଭିଜିଲାନ୍ସ ବିଭାଗ ଦ୍ୱାରା ଆୟବର୍ହିଭୁତ ସମ୍ପତ୍ତି ଠୁଳ କରିଥିବା କୋଟିପତି ବୌଦ୍ଧ ଏମଭିଆଇ ଗୋଲାପ ଚନ୍ଦ୍ର ହାଁସଦାଃଙ୍କ ଅମାପ ସମ୍ପତ୍ତି ସମ୍ବନ୍ଧରେ ସୂଚନା ଦେଇଥିଲେ। ଏହି ଅବସରରେ ଏସପି ଶ୍ରୀ ନାୟକ ବୌଦ୍ଧ ଏମ୍‌ଭିଆଇ ଗୋଲାପ ହାଁସଦାଃ ୬କୋଟି ଆୟବର୍ହିଭୁତ ସମ୍ପତ୍ତିଠାବ କରିଥିବା ନେଇ ସୂଚନା ଦେଇଥିଲେ। ଏନେଇ ଭିଜିଲାନ୍ସ ବିଭାଗରେ ଏକ ମାମଲା ରୁଜୁ ହୋଇ କୋଟିପତି ଏମ୍‌ଭିଆଇ ଶ୍ରୀ ହାଁସଦାଃଙ୍କୁ ଗିରଫ କରି ବାରିପଦା କୋର୍ଟଚାଲାଣ କରାଯାଇଥିଲା। ଏମ୍‌ଭିଆଇ ଗୋଲାପଙ୍କ ବିଭିନ୍ନ ସ୍ଥାନରେ ଯଥାକ୍ରମେ ମୟୂରଭଞ୍ଜ ଜିଲ୍ଲା ବାରିପଦା ପ୍ରଫୁଲ୍ଲ ନଗର ଠାରେ ପ୍ଲଟ ନଂ ୪୫୭, ଖାତା ନଂ ୨୫୭/୭୩୦ ର ୩୩୦୦ ବର୍ଗଫୁଟ୍‌ର ଗୋଟିଏ ଘର, ୪୪ଟି ପ୍ଲଟ ଥିବାବେଳେ ସେଥିମଧ୍ୟରୁ ବାରିପଦାରେ ୪୩ଟି ପ୍ଲଟ ଏବଂ ବାଲେଶ୍ୱର ଜିଲ୍ଲାରେ ଗୋଟିଏ ପ୍ଲଟ ରହିଛି। ଏଥିସହିତ ନଗଦ ୨ଲକ୍ଷ ୩୮ହଜାର ୭୨୫ଟଙ୍କା, ଏକ କେଜି ସୁନା ସହିତ ୫୦ଗ୍ରାମ ଲେଖାଏଁ ଦୁଇଟି ସୁନା ବିସ୍କୁଟ, ୨କେଜି ୧୨୬ଗ୍ରାମର ରୂପା, ବ୍ୟାଙ୍କ, ପୋଷ୍ଟାଲ ଓ ଇନ୍‌ସ୍ୟୁରାନ୍ସରେ ୧କୋଟି ୩୪ଲକ୍ଷ ୯ହଜାର ୧୯୩ଟଙ୍କାର ଜମାରାଶି ରହିଥିବାବେଳେ ୪୦ଲକ୍ଷଟଙ୍କା ଖର୍ଚ୍ଚ କରି ନିଜ ଝିଅଙ୍କୁ ମେଡିକାଲ ପଢାଉଛନ୍ତି। ଏଥିସହିତ ଗୋଟିଏ ହୁଣ୍ଡାଇ କ୍ରିଏଟାର ଚାରିଚକିଆ ଯାନ ଓ ତିନୋଟି ଦୁଇଚକିଆ ଯାନ ସହ ୧୬ଲକ୍ଷ ୬ହଜାର ଟଙ୍କାର ଘରର ବିଭିନ୍ନ ସାମଗ୍ରୀ ତଥା ଆୟବର୍ହିଭୁତ ସମ୍ପତ୍ତି ଠାବ କରାଯାଇଥିବା ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଂଘର ଜିଲ୍ଲାସ୍ତରୀୟ ବୈଠକ

ଛତ୍ରପୁର, (ସବ୍ୟୁ): ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଏଆଇଟିୟୁସି ସହ ବନ୍ଧିତ ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଂଘ ଗଞ୍ଜାମ ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ସଭାନେତ୍ରୀ ମମତାଜ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଫେଶକେପଚରିଙ୍ଗ ନାମରେ ଅଙ୍ଗନବାଡି କର୍ମୀଙ୍କ ଦରମା ବନ୍ଦକୁ ତୀବ୍ରନିନ୍ଦା କରାଯାଇଛି । ପ୍ରକାଶ ଥାଉକି ରାଜ୍ୟସରକାରଙ୍କ ତରଫରୁ ୨୦୧୮ ମସିହା ରେ ବଜାରରେ ଚାଲୁନଥିବା ଅଚଳ ଏଲଜି ମୋବାଇଲ ପ୍ରଦାନ କରାଯାଇଥିଲା, କିନ୍ତୁ ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ପୋଷଣ ଟ୍ରାକର ଆକ୍ସ ଇକେଓ୍ୱାଇସି ଓ ଫେଶ କ୍ୟାପଚରିଙ୍ଗ ଆପରେ କାମ କରିବା ପାଇଁ ବାଧ୍ୟ କରାଯାଉଛି । ବିଭିନ୍ନ କାରଣ ଯଥା ନେଟୱାର୍କ ସମସ୍ୟା ଏବଂ ହିତାଧିକାରୀ ଅନଭିଜ୍ଞତା ଯୋଗୁଁ ଏହି ସବୁ କାର୍ଯ୍ୟ ସମ୍ଭବ ନହେଲେ ଅଙ୍ଗନବାଡି କର୍ମୀଙ୍କ ଦରମା ବନ୍ଦ କରିଦିଆଯାଉଛି, ଯାହା ନିୟମ ବିରୋଧି । ତୁରନ୍ତ ଫାଇବଜିର ମୋବାଇଲ ପ୍ରଦାନ କରିବା, ବଜାରଦର ଅନୁସାରେ ମୋବାଇଲ ରିଚାର୍ଜ ନିମନ୍ତେ ପ୍ରଦାନ କରିବା, ନିର୍ବାଚନ ବେଳେ ଦେଇଥିବା ପ୍ରତିଶୃତି ଅନୁଯାଇ ଭତା ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ବିଭିନ୍ନ ବ୍ଲକ ଅଫିସ ଘେରାଉ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ହୋଇଛ । ଏହି ବୈଠକରେ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଯୋଗଦେଇ ଅଙ୍ଗନବାଡି କର୍ମୀଙ୍କ ସମସ୍ୟା ସମାଧାନ କରିବାରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହେଇଛନ୍ତି, ତେଣୁ ଏହା ବିରୋଧରେ ବ୍ୟାପକ ସଂଗ୍ରାମ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏଆଇଟିୟୁସି ଜିଲ୍ଲା ନେତା ନୀଳକଣ୍ଠ ଦାଶ, ସଂଘର ଜିଲ୍ଲା ନେତ୍ରୀ ନର୍ମଦା ନାହାକ, ମାଣିକେଶ୍ୱରୀ ପଟ୍ଟନାୟକ, ପ୍ରତିମା ଦାଶ, ବାସନ୍ତୀ ସାହୁ ଗାୟତ୍ରୀପଣ୍ଡା, ଲକ୍ଷ୍ମୀପ୍ରିୟା ପ୍ରଧାନ, ଦମୟନ୍ତୀ ଦୋରା, ମିତା ମହାପାତ୍ର, ସକାମ୍ବରୀ ବାରିକି, ମିନାକ୍ଷୀଦେବି, ମିନତୀ ବରାଡ଼ଙ୍କ ସମେତ ବହୁ ଅଙ୍ଗନବାଡ଼ି କର୍ମୀ ଯୋଗ ଦେଇଥିଲେ ।

# ୬ରୁ ଆନ୍ଦୋଳନକୁ ଓହ୍ଲାଇବ ୬୬୨ ବର୍ଗ କଲେଜ ସଂଘ




ଜଗତସିଂହପୁର, (ସବ୍ୟୁ) :୬୬୨ ବର୍ଗ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀ ସଂଘର ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ସ୍ଥାନୀୟ ସ୍କଲାର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଦୀର୍ଘ ଦିନ ଧରି କାର୍ଯ୍ୟକରି ଆସୁଥିବା ୬୬୨ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀ ମାନଙ୍କର ଚାକିରୀ ସର୍ତ୍ତାବଳୀ ଓ ପେନସନ ଦାବିରେ ଆସନ୍ତା ୬ ତାରିଖ ଦିନ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଉକ୍ତ ଦିନ ୬୬୨ ବର୍ଗର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଗୋଟିଏ ଦିନ ଇଚ୍ଛାଧୀନ ଛୁଟି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଁଚି ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବେ। ଯଦି ସରକାର ସଙ୍ଘ ସହିତ ଆଲୋଚନା କରି ସମାଧାନର ବାଟ ନ ବାହାର କରନ୍ତି ତେବେ ଅଗଷ୍ଟ ୧୬ ତାରିଖ ଦିନ ଦାବି ଦିବସରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ବିଶାଳ ସମାବେଶ କରାଯିବ ବୋଲି ରାଜ୍ୟ ସଙ୍ଘ ନିଷ୍ପତ୍ତିକୁ ଜଗତସିଂହପୁର ଜିଲ୍ଲା ସଙ୍ଘ ସମ୍ପୂର୍ଣ୍ଣ ସମର୍ଥନ ଦେବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଜଗତସିଂହପୁର ଜିଲ୍ଲା ସଙ୍ଘ ସମ୍ପାଦକ ଡକଫର ସୁଧୀର କୁମାର ମହାନ୍ତି, ଅଧ୍ୟକ୍ଷ ପ୍ରସନ୍ନ କୁମାର ବାରିକ,ଶିଶିର କୁମାର ଦାସ,ସଙ୍ଘ କୋଷାଧ୍ୟକ୍ଷ ଭାରତୀ ବେହେରା,ଅଧ୍ୟାପକ ଆଶିଷ ମହାପାତ୍ର, ପ୍ରତାପ କୁମାର ମିଶ୍ର,ପବିତ୍ର ମୋହନ ଶତପଥୀ,ଦିଲ୍ଲୀପ କୁମାର ନନ୍ଦ,ଅଧ୍ୟାପିକା ସୌଦାମିନୀ ମହାନ୍ତି,ଅଧ୍ୟକ୍ଷ ଲୋଚନ କୁମାର ପତି,ସୁରେନ୍ଦ୍ର ବେହେରା,ଦେବେନ୍ଦ୍ର କୁମାର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# କୋଟି କୋଟି ଟଙ୍କା ନେଇ ଚିଟ୍‌ଫଣ୍ଡ ସଂସ୍ଥା ଫେରାର୍



କେନ୍ଦ୍ରାପଡା, (ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇରେ ସମୃଦ୍ଧ ଜୀବନ ନାମକ ଜମାକାରୀ ସଂସ୍ଥା କାର୍ଯ୍ୟାଳୟ ଖୋଲି ଆର୍ଥିକ ଦୁର୍ବଳ ବ୍ୟକ୍ତିମାନଙ୍କୁ ଅଧିକ ସୁଧ ମିଳିବା ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ଆଦାୟ କରିଥିଲା । ଏବେ ସେହି ସଂସ୍ଥା କାର୍ଯ୍ୟାଳୟରେ ତାଲା ପକାଇ ଫେରାର୍ ହୋଇଯାଇଥିବା ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାରଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ ଏହି ସମୃଦ୍ଧ ଜୀବନ ଚିଟ୍‌ଫଣ୍ଡ ସଂସ୍ଥା କାର୍ଯ୍ୟାଳୟ ଖୋଲି ସାଧାରଣ ଲୋକଙ୍କଠାରୁ ବହୁ ଅର୍ଥ ଆଦାୟ କରି କାରବାର କରୁଥିଲା । ତେବେ ଏହାର ନାମ ସରକାରୀ ସ୍ତରରେ ଠକ ଚିଟ୍‌ଫଣ୍ଡ ସଂସ୍ଥା ତାଲିକାରେ ବାହାରିବାରୁ ହଠାତ୍ ପଟ୍ଟାମୁଣ୍ଡାଇରେ ଥିବା କାର୍ଯ୍ୟାଳୟରେ ତାଲା ପକାଇ ସଂସ୍ଥା ଉଭାନ୍ ହୋଇଯାଇଛି । ଏବେ ଜମା ଦେଇଥିବା ଲୋକମାନେ ସେମାନଙ୍କ ଟଙ୍କା ଫେରି ପାଇବା ପାଇଁ କୌଣସି ବାଟ ନଥିବାରୁ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କର ଜମା ଟଙ୍କା କିପରି ଫେରିପାଇବେ ଏ ନେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଖଗେଶ୍ୱର ସାହୁ, ସର୍ବେଶ୍ୱର ବରାଳ, ଅକ୍ଷୟ କୁମାର ବଳ, ଗଗନ ବିହାରୀ ବେହେରା, ମରୁତ କୁମାର ସ୍ୱାଇଁ, ଅନନ୍ତ କିଶୋର ବାରିକ ପ୍ରମୁଖଙ୍କ ସମେତ ଶତାଧିକ ଜମାକାରୀ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କର ଜମା ଟଙ୍କା ଫେରସ୍ତ ପାଇବା ପାଇଁ ନିବେଦନ କରିଛନ୍ତି ।

# ଅଧା ରହିଗଲା ଜଳାଭିଷେକ ନଦୀରେ କାଉଡ଼ିଆ ନିଖୋଜ



ସାଲେପୁର, (ସବ୍ୟୁ) :ଅଧା ରହିଗଲା ମହାଦେବଙ୍କ ଠାରେ ଜଳାଭିଷେକ ନଦୀରେ ଗୋଡ଼ ଖସି କାଉଡ଼ିଆ ନିଖୋଜ। ପ୍ରତି ସୋମବାର ଭଳି ଆଜି ଶ୍ରାବଣମାସ ଶେଷ ସୋମବାର କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ବାଲିସାହି ପଞ୍ଚାୟତର ଚିତ୍ରୋତ୍ପଳା ନଦୀର ବଟେଶ୍ୱର ଘାଟରେ ପାଣି ଉଠାଉଥିବା ବେଳେ କାଉଡ଼ିଆ ନିଖୋଜ। ନିଖୋଜ କାଉଡିଆ ସାଲେପୁର ଥାନା ବାରିଗୋଳ ପଞ୍ଚାୟତ ସୁନାଖଣ୍ଡି ଗ୍ରାମର ରବୀନ୍ଦ୍ର କରଙ୍କ ପୁତ୍ର ଅମୃତ କରା ବଟେଶ୍ୱର ଘାଟରୁ ପାଣି ଉଠାଉଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ନିଖୋଜ। ଓଡ୍ରାଫ ଟିମ ଓ ଅଗ୍ନିଶମ ବିଭାଗ ଖୋଜାଖୋଜି ଜାରି ରଖିଥିବା ବେଳେ କାଉଡ଼ିଆ ଅମୃତ କରଙ୍କ ପତ୍ତା ମିଳିପାରିନାହିଁ। ପ୍ରକାଶ ଥାଉକି ହଜାର ହଜାର ସଂଖ୍ୟାରେ କାଉଡ଼ିଆ ସାଲେପୁର ବଟେଶ୍ୱର ଘାଟରୁ ପାଣି ଉଠାଉଥିବା ବେଳେ ପୋଲିସ ପ୍ରଶାସନ କିମ୍ବା ଅଗ୍ନିଶମ ବାହିନୀର କର୍ମଚାରୀମାନଙ୍କ ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। ହଜାରହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତ ଘାଟରୁ ପାଣି ଉଠାଉଥିବା ବେଳେ ନଦୀରେ ବାରିକେଟ ସୁରକ୍ଷା ସହ ଅଗ୍ନିଶମ ବାହିନୀ ପୋଲିସ ପକ୍ଷରୁ ସୁରକ୍ଷା ନଥିବା କୁ ନେଇ ଜନସାଧାରଣଙ୍କ ମନରେ ଅସନ୍ତୋଷ ଦେଖାଦେଇଛି।

# ଦୁର୍ଘଟଣାଗ୍ରସ୍ତ ଛାତ୍ରଙ୍କୁ ହସ୍ପିଟାଲ ପଠାଇଲେ ବିଧାୟକ



ଚଣ୍ଡିଖୋଲ ,(ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ-ଡୁବୁରୀ ୫୩ନମ୍ବର୍ ଜାତୀୟ ରାଜପଥର ସୁଭଦ୍ରାପୁର ଛକ ନିକଟରେ ଗାଡି ଧକ୍କାରେ ଗୁରୁତର ଆହତ ହୋଇଥିବା ତିନିଜଣ ଛାତ୍ରଙ୍କୁ ଉଦ୍ଧାରକରି ବଡଚଣା ବିଧାୟକ ଅମରକୁମାର ନାୟକ ଘଟଣା ସ୍ଥଳରେ ପହଞ୍ଚି ତି କ୍ଷଣାତ ଡାକ୍ତର ଖାନାକୁ ପଠାଇଥିବା ଜଣାପଡିଛି। ଏହି ଛାତ୍ରମାନେ ବାଇକରେ ଆସୁଥିବା ସମୟରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଛାତ୍ରମାନେ ସଂକଟାପନ୍ନ ସ୍ଥିତିରେ ଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ,ଚଣ୍ଡିଖୋଲ ସ୍ଥିତ ବାବା ଭୈରାନନ୍ଦ ସଙ୍ଘ ଶାସିତ ମହାବିଦ୍ୟାଳୟର ୩ ଶେଷ ବର୍ଷର ଏହି ଛାତ୍ରମାନେ ଏକ ବାଇକରେ ଦିନ ପ୍ରାୟ ତିନିଟା ବେଳେ ଚଣ୍ଡିଖୋଲ ଅଭିମୁଖେ ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଆହାତ ଛାତ୍ର ମାନେ ହେଲେ ସୌମ୍ୟ ରଞ୍ଜନ ବାଇ ( ୨୦), ଭୁବନପୁର, ଅଙ୍କୁଶ ବେହେରା (୨୦) ପଲେଇ, ଓ ବଳରାମ ସେଠୀ, ନଠୁଆବର ଅଞ୍ଚଳରା ଛାତ୍ରମାନେ ଦୁର୍ଘଟଣା ପରେ ରାସ୍ତାରେ ପଡି ଛଟପଟ ହେଉଥିଲା ବେଳେ ସେହି ବାଟଦେଇ ଯାଉଥିବା ବିଧାୟକ ଶ୍ରୀ ନାୟକଙ୍କ ନଜରରେ ପଡିଥିଲା। ସେ ସଙ୍ଗେସଙ୍ଗେ ନିଜ ଗାଡିରଖି ଅଗ୍ନିଶ୍ରମ ବାହିନୀକୁ ଡକାଇ ତି କ୍ଷଣାତ ଆହତ ଛାତ୍ରମାନଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏଥିସହ ସେମାନଙ୍କ ଉତ୍ତମ ଚିକିତ୍ସା ପାଇଁ ଡାକ୍ତରଙ୍କୁ ଫୋନରେ କହିଥିଲେ। ଦୁଇଜଣ ଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇ ଥିବା ବେଳେ ଅନ୍ୟ ଜଣକୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ବିଧାୟକଙ୍କ ସହଯୋଗରେ ଆହତମାନେ ସଙ୍ଗେସଙ୍ଗେ ଡାକ୍ତର ଖାନାରେ ପହଞ୍ଚି ଥିବାରୁ କଟକ ସ୍ଥାନାନ୍ତର ହୋଇଥିବା ଛାତ୍ର ଜଣକ ସୁରକ୍ଷିତ ଥିବା ଡାକ୍ତର କହିଛନ୍ତି! ବିଧାୟକଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ନାଗେଶ୍ୱରଙ୍କ ଠାରେ ଜଳାଭିଷେକ କଲେ କାଉଡ଼ିଆ

ନିଶ୍ଚିନ୍ତକୋଇଲ, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନତକାଇ ପଞ୍ଚାୟତ ଏକରୁଖି ଗ୍ରାମର ୬୦ରୁ ଉର୍ଦ୍ଧ୍ୱର୍ ମହିଳା ଓ କୁନି କାଉଡ଼ିଆ ମାନେ ଶ୍ରାବଣ ମାସର ଶେଷ ସୋମବାରରେ ସାହାରେଇ ପଡ଼ିଆ ନିକଟରେ ଥିବା ନାଗେଶ୍ୱର ମହାଦେବଙ୍କ ଠାରେ ଜଳାଭିଷେକ କରିଛନ୍ତି। ଏହି ଗ୍ରାମର ବୟୋଜ୍ୟେଷ୍ଠ ଭୁବନାନନ୍ଦ ରାଉତଙ୍କ ସଂଯୋଜନାରେ ବିଗତ ୧୨ବର୍ଷ ଧରି ଏହି କାଉଡ଼ିଆ ଦଳ ଜିଗ୍ନୀପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ଚନ୍ଦନ ପୁଷ୍କରିଣୀରୁ ଜଳ ଉତ୍ତୋଳନ କରି ଜିଗ୍ନୀପୁର, ଛୁଆଳିଆ, ଲାଲବାଗ, ରାମକୃଷ୍ଣପୁର, ବଣୁଆ ସାହି ଓ ଏକରୁଖି ଗ୍ରାମ ପରିକ୍ରମା କରି ବୋଲବୋମ୍ ଧ୍ୱନି ଦେଇ ମନ୍ଦିର ନିକଟରେ ପହଞ୍ଚିଥିଲେ। ମନ୍ଦିରରେ ଯଥାରୀତି ପୂଜାର୍ଚ୍ଚନା କରାଯିବା ସହ ସମସ୍ତ କାଉଡ଼ିଆ ମାନେ ମାନସିକମାନେ ଜଳାଭିଷେକ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁକାନ୍ତ ବେଜ, ଚନ୍ଦନ ମଲିକ, ସୁକାନ୍ତ ରାଉତ, ପ୍ରମୋଦ ପ୍ରଧାନ ଓ ତ୍ରିଲୋଚନ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଏମଆଇ ସବଡିଭିଜନ ଦୁର୍ନୀତି: ଉଚ୍ଚସ୍ତରୀୟ ତଦନ୍ତ ଦାବି

ଚଣ୍ଡିଖୋଲ, (ସବ୍ୟୁ) :ଯାଜପୁର ଜିଲ୍ଲାର ବଡଚଣା ଠାରେ ଥିବା କ୍ଷୁଦ୍ର ଜଳସେଚନ(ଏମଆଇ) ସବଡିଭିଜନରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ନାଳ ସଫେଇରେ ହୋଇଥିବା ଆଖିବୁଜା ଦୁର୍ନୀତି ନେଇ ଦୀର୍ଘଦିନ ହେବ ଗୁରୁତର ଅଭିଯୋଗ ହେବାପରେ ଏବେ ଘଟଣା ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ କାନକୁ ଯାଇଛି। ଜଗତପୁର- ଜେନାପୁର ହାଇଲେବୁଲ କେନାଲ ସମେତ ଉକ୍ତ ସବଡିଭିଜନ ଅଧିନରେ ହୋଇଥିବା ଅନେକ ଗୁଡିଏ କେନାଲ ଓ ନାଳ ସଫେଇ ଏବଂ ଦଣ୍ଡାନାଲ ସମେତ ବିଭିନ୍ନ ଆଡିବନ୍ଧ ଓ ମିନିଡ୍ୟାମ ନିର୍ମାଣରେ ଲକ୍ଷଲକ୍ଷ ଟଙ୍କାର ଦୁର୍ନୀତି ଓ ନିମ୍ନମାନର କାର୍ଯ୍ୟ ଉପରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମନ୍ତ୍ରୀ ଓ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟ ଚୁକ୍ତି ଅନୁଯାଇ ହୋଇନଥିଲା ବେଳେ ଅତି ନିମ୍ନ ମାନର କାର୍ଯ୍ୟ ହୋଇଛି। ହେଲେ ସବଡିଭିଜନରେ କାର୍ଯ୍ୟରତ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଓ ଅତିରିକ୍ତ ସହକାରୀଯନ୍ତ୍ରୀ ମାନେ ଠିକାଦାରଙ୍କୁ ମଞ୍ଜୁରୀ ଅର୍ଥର ପୁରାବିଲ ପ୍ରଦାନ କରିଥିବା ଅଭିଯୋଗ କରି ଏହା ଉପରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏଠାରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରୀକା ସହ ରାଧେରାଧେ ଅଧେଅଧେ ନିତିରେ କାର୍ଯ୍ୟ ଚାଲୁଥିବା ଲୋକେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସରକାରୀ ନିୟମ ଅନୁଯାୟୀ ଅଧିକାରୀମାନେ ନିଜ ନିଜ ମୁଖ୍ୟାଳୟ ପରିସିମା ମଧ୍ୟରେ ରହିବା କଥା। ହେଲେ ଏଠାରେ କାର୍ଯ୍ୟରତ ଯନ୍ତ୍ରୀମାନେ କିଏ ଭୁବନେଶ୍ୱର ତ କିଏ କଟକରେ ରହୁଥିବା ଦେଖାଯାଉଛି। ଏଠାରେ ସ୍ଥାୟୀ ଭାବେ ରହଣୀ କରୁନଥିବାରୁ ଏହି ଅଧିକାରୀ ମାନେ କିଏ କେତେବେଳେ କାର୍ଯ୍ୟାଳୟକୁ ଆସୁଛନ୍ତି ତାହାର ସଠିକ ନାହିଁ ଯଦି କିଏ ପଚାରେ ତେବେ ସାର ଫିଲ୍ଡରେ ଅଛନ୍ତି ବୋଲି ଉତ୍ତର ମିଳୁଛି। କିଛି କାର୍ଯ୍ୟ ପାଇଁ ଯାଉଥିବା ଲୋକେ ବହୁ ସମୟରେ ଅଫିସରେ କାହାକୁ ନପାଇ ନିରାଶରେ ଫେରୁଥିବା ମଧ୍ୟ ଗୁରୁତର ଅଭିଯୋଗ ହୋଇଛି। ଏହାଉପରେ ସ୍ୱତନ୍ତ୍ର ଅନୁସନ୍ଧାନ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମନ୍ତ୍ରୀଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

# ଅବସରପ୍ରାପ୍ତ ଭିଏଲଡବ୍ଲୁଙ୍କ ଘରେ କଳାକନା ବୁଲାଇଲେ

ଧର୍ମଶାଳା, (ସବ୍ୟୁ) : ପୁଲିସର ଅପାରଗତା ଯୋଗୁଁ ଧର୍ମଶାଳା ଥାନା ଅଂଚଳରେ ଦିନକୁ ଦିନ ଚୋରି ବଢିବାରେ ଲାଗିଛି। ଗତ ଦୁଇ ଦିନ ତଳେ ଏହି ଥାନା ନାକପୋଲ ଅଂଚଳରୁ ଜୈନକ ବ୍ୟକ୍ତିଙ୍କ ଘରୁ ଚୋର କଳାକନା ବୁଲାଇଥିବା ବେଳେ ଗତକାଲି ରାତିରେ ପୁଣି ଏହି ଥାନା କୁମାରୀ ଅଂଚଳର ଜଣକ ଘରେ ରାତିରେ ଚୋର ପଶି କଳାକନା ବୁଲାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଏହି ଥାନା କୁମାରୀ ଗ୍ରାମରେ ରହୁଥିବା ଅବସରପ୍ରାପ୍ତ ଭିଏଲଡବ୍ଲୁଙ୍କ ଘରେ ଗତକାଲି ରାତିରେ ଦୃବୃର୍ତ୍ତମାନେ ପଶି ଲକ୍ଷାଧିକ ଟଙ୍କାର ସୁନାଗହଣା ସହିତ ୪୦ହଜାରରୁ ଉର୍ଦ୍ଧ ଟଙ୍କା ଲୁଟି ନେଇଛନ୍ତି । ଅଭିଯୋଗ ପାଇ ଧର୍ମଶାଳା ପୁଲିସ ଆଇନକୁ ଆଖିଠାର ମାରିବା ସଦୃଶ୍ୟ ନାମକୁ ମାତ୍ର ସାଇନିଟିଫିକ ଟିମ ଓ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳରେ ତଦନ୍ତ କରିଛି। ହେଲେ ସବୁଥର ଭଳି ଏଥର ମଧ୍ୟ ଫଳ ସୂନ ବୋଲି ଜଣାପଡିଛି। କୁମାରୀ ଗ୍ରାମର ଅବସରପ୍ରାପ୍ତ ଭିଏଲଡବ୍ଲୁ କୃଷ୍ଣଚନ୍ଦ୍ର ବେହେରା ଓ ତାଙ୍କ ପରିବାର ରବିବାର ରାତିରେ ଖାଇସାରି ଶୋଇବାକୁ ଯାଇଥିଲେ । ଯେଉଁ କୋଠରୀରେ ଆଲମିରା, ଟଙ୍କା ଓ ସୁନା ଅଳଙ୍କାର ରହିଥିଲା, ସେ ଘରେ କେହି ଶୋଇନଥିଲେ । ବିଳମ୍ବିତ ରାତିରେ ଦୃବୃର୍ତ୍ତମାନେ ଘରେ ପଛ ପଟେ ଥିବା ଝରକା ଗ୍ରିଲ ଭାଙ୍ଗି ଘରେ ପ୍ରବେଶ କରିଥିଲେ । ଏବଂ ଘରର ଭିତର ପଟରୁ କବାଟ ବନ୍ଦ କରି ଆଲମିରା ଖୋଲି ନଗଦ ୨୦ହଜାର ଟଙ୍କା ସହିତ ୨ଟି ସୁନାଚେନ, ୨ଟି ସୁନାହାର, ୫ଟି ସୁନାମୁଦୀ, ୨ଟି ଘଂଟା, ଏଟିଏମ କାର୍ଡ ଓ ତାଙ୍କ ଝିଅ ରଶ୍ମିରେଖା ବେହେରା ରଖି ଥିବା ୨୦ହଜାର ଟଙ୍କା, ୪ହଳ କାନଫୁଲ, ୫ହଳ ପାଉଁଜି, ୧ଟି ରିଙ୍ଗ କାନଫୁଲ ଲୁଟି ନେଇଛନ୍ତି । ଭୋରୁ ପରିବାର ଲୋକେ ଉଠି କବାଟ ଖୋଲିଲା ବେଳକୁ ବାହାର ପଟୁ ବନ୍ଦ ଥିଲା । ପଡୋଶୀମାନେ ଡାକ ଶୁଣି ଘରର କବାଟ ଖୋଲିବା ପରେ ଘରୁ ଚୋରି ହୋଇଥିବା ଶ୍ରୀ ବେହେରା ଜାଣି ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗକୁ ଆଧାର କରି ୪୬୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ତେବେ ଧର୍ମଶାଳା ଥାନା ଅଂଚଳରେ ଏଭଳି ବାରମ୍ବାର ଚୋରୀ ହେଉଥିବା ବେଳେ ପୁଲିସ ଅଦ୍ୟାବଧି କାହାରିକୁ ଧରିବାରେ ସଫଳ ନହେବା ଫଳରେ ଚୋରଙ୍କ ମନବଳ ବୃଦ୍ଧି ପାଇବା ସଙ୍ଗେ ସେମାନେ ଗୋଟିଏ ପରେ ଗୋଟି କାଣ୍ଡ ଘଟାଇ ଚାଲିଛନ୍ତି। ପୁଲିସର ନିଷ୍କ୍ରିୟତାକୁ ସାଧାରଣରେ ନାପସନ୍ଦ କରାଯାଇଛି।

# ବାଇକ୍- ଟାଟା ଏସି ମୁହାଁ ମୁହିଁ:ବାଇକ୍ ଚାଳକ ଗୁରୁତର

ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବ୍ଲକ ଅଧିନସ୍ଥ ଥାଲକୁଡ଼ି ପଞ୍ଚାୟତ ଥାଲକୁଡ଼ି ଛକ ନିକଟରେ ନିଜାମପୁର ପଞ୍ଚାୟତ ନଚ୍ଛିନ୍ଦ୍ରପୁର ଗ୍ରାମର ସୁଶାନ୍ତ କୁମାର ବିଶ୍ୱାଳ(କାର୍ତିକ), ବୟସ ୫୨ ଏକ ବାଇକ୍ ଗାଡି (ଓଡ଼ି-୩୪ବି-୯୦୯୮) ସାହାଯ୍ୟ ରେ ଜାତୀୟ ରାଜପଥରେ ମଙ୍ଗଳପୁର ବଜାର ଅଭିମୁଖେ ଆସୁଥିବା ବେଳେ ତାହାର ଅପର ପାର୍ଶ୍ୱରେ ଏକ ଟାଟା ଏସି ଗାଡି (ଓଡ଼ି - ୩୪ଜେ -୨୮୭୪ ) ଧକ୍କା ଦେଇଥିଲା। ବାଇକ୍ ଆରୋହୀ ଜଣକ ପଡିଯାଇ ଗୁରୁତର ହୋଇଥିଲେ। ପାଖରେ ଥିବା ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଯୁବକଙ୍କୁ ମଙ୍ଗଳପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ପରେ ସେଠାରୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି ।

# ସମୁଦ୍ରରେ ବୁଡ଼ି କାଉଡ଼ିଆଙ୍କ ମୃତ୍ୟୁ : ପୁତ୍ର ଛେଉଣ୍ଡ ହେଲେ ଦମ୍ପତି

ନିଶ୍ଚିନ୍ତକୋଇଲ ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମର ଜଣାଶୁଣା ଦହିବରା ବ୍ୟବସାୟୀ ସନ୍ତୋଷ ସାହୁଙ୍କ ପୁତ୍ର ଜ୍ଞାନରଂଜନ ସାହୁ (୨୫) ପୁରୀ ସମୁଦ୍ରରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଏହି ଗ୍ରାମର ଅନନ୍ତକୁମାରୀ ବୋଲବୋମ୍ ସଂଘ ପକ୍ଷରୁ ୧୮ ଜଣ କାଉଡ଼ିଆ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ନିକଟସ୍ଥ ଚିତ୍ରୋପିଳା ନଦୀ ଘାଟରୁ ଜଳ ଉତ୍ତୋଳନ କରି ପୁରୀ ଲୋକନାଥ ମହାଦେବଙ୍କ ମନ୍ଦିରକୁ ଯାଇଥିଲେ। ସୋମବାର ସକାଳେ ଲୋକନାଥ ମହାଦେବଙ୍କ ଠାରେ ଜଳ ଲାଗି କରିବା ପରେ ସମସ୍ତେ ସମୁଦ୍ର କୂଳରେ ଯାଇ ଗାଧୋଉଥିବା ବେଳେ ଜ୍ଞାନରଂଜନକୁ ସମୁଦ୍ର ଲହରୀ ଟାଣି ନେଇଥିଲା। ଯାହାଦ୍ୱାରା ସେ ସମୁଦ୍ରରେ ବୁଡ଼ି ପ୍ରାଣ ହରାଇଥିଲେ। ସେଠାରେ ଥିବା ଉଦ୍ଧାରକାରୀ ଦଳ ତାଙ୍କ ଶବକୁ ଉଦ୍ଧାର କରିବା ପରେ ପୁରୀ ଜିଲ୍ଲା ହସପିଟାଲରେ ଶବ ବ୍ୟବଚ୍ଛେଦ କରାଯାଇ ନିଜ ଗ୍ରାମକୁ ଅଣାଯାଇଥିଲା। ମୃତ୍ୟୁ ଖବର ପାଇ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ କିଛି ବର୍ଷ ତଳେ ଜ୍ଞାନରଂଜନ ଙ୍କ ସାନଭାଇ ସାପ କାମୁଡ୍ରାରେ ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ମାତା ପିତା ଏବେ ପୁତ୍ର ଛେଉଣ୍ଡ ହୋଇ ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି। ବାସଭବନରେ ଶହ ଶହ ଲୋକ ଉପସ୍ଥିତ ହୋଇ ଶୋକସନ୍ତପ୍ତ ପରିବାରକୁ ଶାନ୍ତନା ଦେଇଛନ୍ତି।

# ଗୋରେଖନାଥ ପୀଠରେ ୧୫ହଜାର କାଉଡ଼ିଆ

ରଘୁନାଥପୁର, (ସବ୍ୟୁ) : ପବିତ୍ର ଶ୍ରାବଣ ମାସ ଶେଷ ସୋମବାରରେ ରଘୁନାଥପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ବିଭୁତିକ୍ଷେତ୍ର ଗୋରେଖନାଥ ପୀଠରେ ୧୫ହଜାର କାଉଡ଼ିଆ ଜଳଲାଗି କରିଛନ୍ତି। କାଉଡ଼ିଆ ମାନଙ୍କ ପାଇଁ ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏଥିରେ ପୂଜକ ଦିଲ୍ଲିପ କୁମାର ପଣ୍ଡା,ଜ୍ଞାନ ରଂଜନ ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଠାକୁରଙ୍କ ସମସ୍ତ ରୀତି କାନ୍ତି ସହ ପୂଜା ପାଠ କରିଥିଲେଛ ଏହି ପିଠର ପରିବେଶକୁ ଭୁବନେଶ୍ୱର ସୁନ୍ଦରପଦାର ସେବା ପ୍ରତିନିଧି ମାନେ ସ୍ୱତଃ ପ୍ରବୃତ୍ତ ଭାବେ ନିଷ୍ଠାର ସହ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଏଥିରେ ସେବା ଦଳର ପ୍ରତିଷ୍ଠାତା ନିଳମଣୀ ମିଶ୍ରଙ୍କ ସମେତ ସେବା ପ୍ରତିନିଧି ସୁରେନ୍ଦ୍ରନାଥ ବେହେରା,ଛବିରାଣୀ ବେହେରା, ଅନୁପମା ବେହେରା, ଦୟାନିଧି ଭଟ୍ଟ,ଦୀପକ ସ୍ୱାଇଁ, ମଞ୍ଜୁଲତା ପଣ୍ଡା,ଦିପକ ବେହେରା,ଶିବ ପ୍ରସାଦ ବେହେରା, ମମତା ସାହୁ,ସଂଜୁଲତା ବେଉରା,ବିଦ୍ୟାଧର ପଣ୍ଡା, ଝରଣା ସାହୁ, ରଂଜିତା ବେହେରା, ନମିତା ମାଣିକ, ମଞ୍ଜୁଶ୍ରୀ ଦାସ ପ୍ରମୁଖ ସାମିଲ ରହିଥିଲେ।

# ମିଳୁନି କାର୍ଯ୍ୟାଦେଶ, ନିର୍ମାଣ ହୋଇପାରୁନି ସମିତି କାର୍ଯ୍ୟାଳୟ

କେନ୍ଦ୍ରାପଡା ,(ସବ୍ୟୁ) :କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କଠାରେ ଦାବି କରାଯାଇଛି । କୃଷି ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ଏ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଦାବି କରିଛନ୍ତି । ଏହି ସମିତିର ପୁରୁଣା କାର୍ଯ୍ୟାଳୟ ଗୃହ ଦୁର୍ବଳ ହୋଇ ପଡୁଥିବାରୁ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା-୬୧୫ ତା ୦୬.୦୯.୨୪ ଅନୁଯାୟୀ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା -୨୫୯୪ ତା ୦୧.୦୩.୨୪ ରିଖ ଅନୁଯାୟୀ ଅନୁମୋଦନ ପ୍ରାପ୍ତ ହୋଇଅଛି । ଏହି ନୂଆଘର ତିଆରି ପାଇଁ ୪ ଲକ୍ଷ ୬୩ ହଜାର ୪୬୯ ଟଙ୍କା କେନ୍ଦ୍ରାପଡା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହୋଇ ରହିଥିଲାବେଳେ ବର୍ଷକରୁ ଉର୍ଦ୍ଧ୍ୱର୍ ସମୟ ହେଲା କାର୍ଯ୍ୟାଦେଶ ମିଳିପାରୁନାହିଁ । ଫଳରେ ଏହି ସମିତିର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ବିଳମ୍ବିତ ହେଉଥିବାରୁ ଶ୍ରୀ ଜେନା କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିବାପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସମସ୍ତ ନିର୍ଦ୍ଦେଶକ ଓ ସମିତିର ସଂପାଦକ ଉପସ୍ଥିତ ଥିଲେ ।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ଟଙ୍କା ନେଣଦେଣକୁ ନେଇ ବିବାଦ

ପାଣିକୋଇଲ, (ସବ୍ୟୁ) : ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ଟଙ୍କା ନେଣଦେଣକୁ ନେଇ ବିବାଦ ସହ ଗୋଷ୍ଠୀରୁ ସଭାପତି ଓ ସମ୍ପାଦିକା ବେଆଇନ ଭାବେ ବାହର କରିଥିବା ଅଭିଯୋଗ ଥାନାରେ ପହଂଚିଛି। ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତ ଓଟିନ୍ଦା ଗ୍ରାମେର ନିମେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ୨ ବର୍ଷ ଏହାର ସଦସ୍ୟ ଥିବା ବାପି ଜେନାଙ୍କ ସ୍ତ୍ରୀ ଝିଲି ମଲିକଙ୍କ ଅଭିଯୋଗ ମୁତାବକ ତାଙ୍କର ପୂର୍ବ ଲୋନ ପଇଠ କରିବା ପାଇଁ ସଭାପତି ପ୍ରଭାତି ମଲିକ ଓ ସମ୍ପାଦିକା ଲକ୍ଷ୍ମୀପ୍ରିୟା ରାଉତ ତାଙ୍କ ଠାରୁ ୪ହଜାର ୨୭୦ଟଙ୍କା ନେଇ ଥିଲେ। ଋଣ ସୁଝିବା ପରେ ପୁଣି ୫ ଲକ୍ଷ ଟଙ୍କା ଋଣ ଆଣିଥିଲେ। ମାତ୍ର ଝିଲିକୁ ଡାକିନଥିଲେ। ଏନେଇ ଝିଲି ପଚାରିବାରୁ ତାଙ୍କୁ ଗୋଷ୍ଠୀରୁ ବାହାର କରିଦେଇଥିବା ସଭାପତି, ସମ୍ପାଦିକା କହିଥିଲେ। ଏନେଇ ସେ ପାଣିକୋଇଲି ଭାରତୀୟ ଷ୍ଟେଟ ବ୍ୟାଙ୍କରେ ମ୍ୟାନେଜର ଓ ଫିଲଡ ଅଫିସରଙ୍କୁ ପଚାରିବାରୁ ସେ ବ୍ଲକକୁ ଯିବାକୁ କହିଥିଲେ। ବ୍ଲକରେ ଯାଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଏହା ହେବା ସମ୍ଭବ ନୁହେ ବେଆଇନ ଭାବେ କାହିଁକି ନାମ କଟାଯାଇଛି କିଏ କାଟିଲା ସେ ନେଇ ଆଇନର ଆଶ୍ରୟ ନେବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ସେହି ଗୋଷ୍ଠୀର ଆଉ ଜଣେ ସଦସ୍ୟ ପ୍ରଫୁଲ୍ଲ ମଲିକଙ୍କ ସ୍ତ୍ରୀ ବନିତା ଯେନା ମଧ ତାଙ୍କ ଭାଗ ଟଙ୍କା ତାଙ୍କୁ ନଦେଇ ଗାଳିଗୁଲଜ କରିଥିବାର ଅଭିଯୋଗ ସଭାପତି ଓ ସମ୍ପାଦିକାଙ୍କ ନାମରେ କରିଛନ୍ତି। ୨ଟି ଅଭିଯୋଗ ଥାନାରେ କରାଯିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି।

# ସଂସ୍କୃତ ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ତିର୍ତ୍ତୋଲ (ସବ୍ୟୁ): ତିର୍ତ୍ତୋଲସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ପ୍ରତିମା ଆଚାର୍ଯ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶନିବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସେଠୀ ସଭାପତିତ୍ୱ କରିଥିଲେ । ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ କର, କିରଣବାଳା ବିଶ୍ୱାଳ, ପରୀକ୍ଷିତ



ନନ୍ଦ ଯୋଗଦେଇ ଶ୍ରୀମତୀ ଆଚାର୍ଯ୍ୟଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ । ସ୍ୱାଗତ ଅଭିଭାଷଣ ସୁନନ୍ଦା ସାହୁ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ,କର୍ମଚାରୀ ପ୍ରସନ୍ନ ବିଶ୍ୱାଳ, ସମ୍ବିଧା ବେହେରା, ଭାଗ୍ୟରଶ୍ମି ପ୍ରଧାନ, ଶୁଭଦର୍ଶିନୀ ଖଟୁଆ, ତ୍ରିବିକ୍ରମ ସ୍ୱାଇଁ, ଗୁରୁ ଚରଣ ସ୍ୱାଇଁ, ନିକୁଞ୍ଜ ମହାନ୍ତି ,ଆଲୁମିନି ସଦସ୍ୟା ମାମିନା ସ୍ୱାଇଁ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିଲେ । ଏହି ଅବସରରେ ଅତିଥି,ଶିକ୍ଷକ ଶିକ୍ଷୟତ୍ରୀ,ଅଭିଭାବକ, ଛାତ୍ରୀମାନେ ଶ୍ରୀମତୀ ଆଚାର୍ଯ୍ୟଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

# ଟାଟା ପାୱାରର ଟିକସ ପରବର୍ତ୍ତୀ ଲାଭ ୧୨୬୨ କୋଟି

## ଓଡ଼ିଶା ଡିସକମର ପିଏଟି ୧୫୬% ବୃଦ୍ଧି

ଭୁବନେଶ୍ୱର(ସବ୍ୟୁ): ଟାଟା ପାୱାର ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକର ବ୍ୟବସାୟ ଫଳାଫଳ ଘୋଷଣା କରାଯାଇଛି । କମ୍ପାନି ୬ ପ୍ରତିଶତ ବୃଦ୍ଧି ସହ ୧୨୬୨ କୋଟି ଟଙ୍କାର ଟିକସ ପରବର୍ତୀ ଲାଭ (ପିଏଟି) ହାସଲ କରିଛି । ରାଜସ୍ୱ ପରିମାଣ ୪ ପ୍ରତିଶତ ବୃଦ୍ଧି ପାଇ ୧୭,୪୬୪ କୋଟି ଟଙ୍କା ହୋଇଛି । ଏବିଟଡା ୧୭ ପ୍ରତିଶତ ବୃଦ୍ଧି ପାଇ ୩୯୩୦ କୋଟି ଟଙ୍କା ରହିଛି । ଅକ୍ଷୟ ଶକ୍ତିର ଟିକସ ପରବର୍ତୀ ଲାଭ ୯୫ ପ୍ରତିଶତ ବୃଦ୍ଧି ସହ ୫୩୧ କୋଟି ଟଙ୍କା ହୋଇଛି ।

ପ୍ରଥମ ତ୍ରୈମାସିକରେ କମ୍ପାନି ୯୪ ମେଗାୱାଟର ଅକ୍ଷୟ ଶକ୍ତି କ୍ଷମତା ଯୋଡ଼ିଛି । ଫଳରେ ଏହାର ମୋଟ ଅକ୍ଷୟ ଶକ୍ତି କ୍ଷମତା ୫.୬ ଗିଗାୱାଟକୁ ବୃଦ୍ଧି ପାଇଛି । ରୁଫଟପ ସୋଲାର କ୍ଷେତ୍ରରେ କମ୍ପାନି ଏକ ନମ୍ବର ସ୍ଥାନ ବଜାୟ ରହିଛି । କମ୍ପାନି ମୋଟ ୨ ଲକ୍ଷ ରୁଫଟପ ସୋଲାର ସ୍ଥାପନ କରିଛି । ଏହି ବର୍ଗରୁ କମ୍ପାନି ୮୨୩ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି । କେବଳ ପ୍ରଥମ ତ୍ରୈମାସିକରେ ୪୫,୫୦୦ରୁ ଅଧିକ ରୁଫଟପ ସୋଲାର ସ୍ଥାପନ କରାଯାଇଛି । କମ୍ପାନି ଏଥିରେ ୯୦ କୋଟି ଟଙ୍କାର ଟିକସ ପରବର୍ତୀ ଲାଭ ହାସଲ କରିବା ସହ ୨୭୦ ଏମଡବ୍ଲୁପି ସୌର ପ୍ରକଳ୍ପ କାର୍ଯ୍ୟକ୍ଷମ କରିଛି ଯାହା ଗତବର୍ଷର ୧୧୧ ଏମଡବ୍ଲୁ ତୁଳନାରେ ୧୪୩ ପ୍ରତିଶତ ଅଧିକ । କମ୍ପାନି ପାଇଁ ବିନିର୍ମାଣ ଏକ ପ୍ରମୁଖ ଯୋଗଦାନକାରୀ ଭାବେ ଉଭା ହୋଇଛି । ଟିପି ସୋଲାରର ଟିକସ ପରବର୍ତୀ ଲାଭ ୧୦୦ କୋଟି ଟଙ୍କା ଥିବା ବେଳେ ରାଜସ୍ୱ ୧୬୧୩ କୋଟି ଟଙ୍କା ରହିଛି । କମ୍ପାନି ୯୪୯ ମେଗାୱାଟର ସୋଲାର ମଡ୍ୟୁଲ ଓ ୯୦୪ ମେଗାୱାଟର ସୋଲାର ସେଲ ଉତ୍ପାଦନ କରିଛି । ଟାଟା ପାୱାରର ସଂଚରଣ ଓ ବଂଟନ (ଟିଆଣ୍ଡଡି) ବ୍ୟବସାୟର ଟିକସ ପରବର୍ତୀ ଲାଭ ୨୬ ପ୍ରତିଶତ ବୃଦ୍ଧି ପାଇ ୪୪୦ କୋଟି ଟଙ୍କା ହୋଇଛି । ଓଡ଼ିଶା ଡିସକମଗୁଡ଼ିକର ଟିକସ ପରବର୍ତୀ ଲାଭ ୧୫୬ ପ୍ରତିଶତ ବୃଦ୍ଧି ପାଇ ୧୦୫ କୋଟି ଟଙ୍କା ହୋଇଛି । କମ୍ପାନି ମହାରାଷ୍ଟ୍ରରେ ବଂଟନ ଲାଇସେନ୍ସ ସମ୍ପ୍ରସାରଣ ପାଇଁ ଆବେଦନ କରିଛି । ଭୁଟାନର ସୁରୁ ଜଳ ବିଦ୍ୟୁତ ପ୍ରକଳ୍ପରୁ ୧୮ ମେଗାୱାଟ ପାଇଁ ବିଦ୍ୟୁତ ବିନିମୟ ଜରିଆରେ ସୀମାପାର ବିଦ୍ୟୁତ ବିକ୍ରି ଆରମ୍ଭ କରିଛି । ଏହି ଅବସରରେ ଟାଟା ପାୱାରର ସିଇଓ ଓ ପରିଚାଳନା ନିର୍ଦ୍ଦେଶକ ଡ. ପ୍ରବୀର ସିହ୍ନା କହିଛି" ଯେ, 'ସମସ୍ତ ବ୍ୟବସାୟ କ୍ଷେତ୍ରରେ ଦୃଢ଼ ପ୍ରଦର୍ଶନ ସହିତ ୨୦୨୫-୨୬ ଆର୍ଥିକ ବର୍ଷରୁ ଆମେ ଦୃଢ଼ ଭାବେ ଆରମ୍ଭ କରିଛୁ । ସ୍ୱଚ୍ଛ ଶକ୍ତି ମୂଲ୍ୟ ଶୃଙ୍ଖଳାରେ ଆମେ ନବସୃଜନ, ଦକ୍ଷତା ଓ ବ୍ୟାପକତାକୁ ବଢ଼ାଉଥିବା ବେଳେ ଆମ ଅକ୍ଷୟ ଶକ୍ତି ପୋର୍ଟଫୋଲିଓ ଆମ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ କରିଛି । ଆମ ବିଦ୍ୟୁତ ଉତ୍ପାଦନ ଏବଂ ଟିଆଣ୍ଡଡି ବ୍ୟବସାୟ ଉଲ୍ଲେଖନୀୟ ଲାଭ ପ୍ରଦାନ କରିଛନ୍ତି । ଆମ ଡିସକମଗୁଡ଼ିକ ୧୩ ନିୟୁତ ଗ୍ରାହକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଉଛନ୍ତି । ସର୍ବାଙ୍ଗୀନ ପ୍ରଦର୍ଶନ ଜରିଆରେ ଆମ ଓଡ଼ିଶା ଡିସକମଗୁଡ଼ିକ ଡିସକମ ସଂସ୍କାରରେ ଜାତୀୟ ମଡେଲ ଭାବେ ଉଭା ହୋଇଛି" । ୨୦୩୦ ସୁଦ୍ଧା ୪୦ ନିୟୁତ ଗ୍ରାହକ ସଂଖ୍ୟାରେ ପହଂଚିବା ଲକ୍ଷ୍ୟ ଅନୁସାରେ ଆମେ ମହାରାଷ୍ଟ୍ରର ପ୍ରମୁଖ ଅଂଚଳଗୁଡ଼ିକରେ ଆମ ବିଦ୍ୟୁତ ବଂଟନ ଉପସ୍ଥିତି ବଢ଼ାଇବା ନିମେ" ଲାଇସେନ୍ସ ପାଇଁ ଆବେଦନ କରିଛୁ । ୨୬ ଗିଗାୱାଟରୁ ଅଧିକ ବିଦ୍ୟୁତ ଉତ୍ପାଦନ ପୋର୍ଟଫୋଲିଓ, ଯାହାର ୬୫% ସ୍ୱଚ୍ଛ ଓ ସବୁଜ ଶକ୍ତିରୁ ଆସୁଛି ତାହା ସହିତ ଆମେ ଭାରତର ଶକ୍ତି ପରିବର୍ତନ ଦିଗରେ ଯୋଗଦାନ ଦେଉଥିବାରୁ ଗର୍ବିତ ।" ଆଲୋଚ୍ୟ ତ୍ରୈମାସିକରେ କମ୍ପାନି ପକ୍ଷରୁ ଭୁବନେଶ୍ୱର ଓ ଜୟପୁରରୁ 'ଘର ଘର ସୋଲାର' ଅଭିଯାନ ଆରମ୍ଭ କରାଯାଇଥିଲା ଯାହା ଏବେ ଛଅଟି ରାଜ୍ୟରେ ସକ୍ରିୟ ରହିଛି ।

## ଧବଳେଶ୍ୱର ପୀଠରେ ୩୫ ହଜାରରୁ ଉର୍ଦ୍ଧ୍ୱ କାଉଡିଆ

# ଭିଡ଼ ନିୟନ୍ତ୍ରଣ କଲେ ୫ ପ୍ଲାଟୁନ ଫୋର୍ସ, ୫୦ ଅଫିସର

ଆଠଗଡ ,(ସବ୍ୟୁ): ଶ୍ରାବଣର ଶେଷ ସୋମବାର । ଧବଳେଶ୍ୱରଙ୍କ ଠାରେ ଜଳଲାଗି କରିବାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୫ ହଜାରରୁ ଉର୍ଦ୍ଧ କାଉଡ଼ିଆଙ୍କ ସମାଗମ, ଧବଳେଶ୍ୱରଙ୍କ ପୀଠ ଉତ୍ସବ ମୁଖର ହୋଇ ଉଠିଥିଲା । ରବିବାର ଦିନ ତମାମ ଓ ସୋମବାର ସନ୍ଧ୍ୟା ପର୍ଯ୍ୟନ୍ତ କାଉଡିଆ ଭକ୍ତ ମାନଙ୍କ ଜଳଲାଗି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ନିଜେ କଟକ ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ ଜଣ ଅଫିସର, ୫ ପ୍ଲାଟୁନ ଫୋର୍ସ, ହୋମଗାର୍ଡ, ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମ ସହିତ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଅତିରିକ୍ତ ଏସ୍ପି ପ୍ରଦୀପ ସାହୁ, ପୋଲିସ ମୁଖ୍ୟାଳୟ ଡ଼ିଏସପି ସୁଜିତ ପ୍ରଧାନ, ଚୌଦ୍ୱାର ଏସଡ଼ିପିଓ ଉମାକାନ୍ତ ନାୟକ , ଗୁରୁ ଆଇଆଇସି ତପନ କୁମାର ପତ୍ରି, ଖୁଣ୍ଟୁଣୀ ଆଇଆଇସି ରଞ୍ଜନ କୁମାର ପ୍ରଧାନ , ଆଠଗଡ, ତିଗିରିଆ, ଟାଙ୍ଗି, କିଶନନଗର,ପୋଲିସ ଉପସ୍ଥିତ ଥିଲେ । ଆଜି ଭୋର ୪ଟାରେ ବାବା ଧବଳେଶ୍ୱରଙ୍କ ନୀତିପାଳିଆ ସେବକ ଚିତ୍ରସେନ ପତ୍ରି ଓ ସହଯୋଗୀ ପୂଜକ ଠାକୁରଙ୍କ ପହୁଡ଼ ଭାଙ୍ଗି ମଙ୍ଗଳ ଆଳତି, ୧୦୮ ଗରା ସୁବାସିତ ଜଳରେ ସ୍ନାନ ଆଦି ନିତ୍ୟକର୍ମ ସାରିବା ପରେ ଦ୍ୱାର ଫିଟାଇ ଥିଲେ । ଭକ୍ତ ଓ କାଉଡ଼ିଆ ମାନେ ବ୍ୟାରିକେଟ ମଧ୍ୟ ଦେଇ ଲମ୍ବା ଲାଇନରେ ବାବାଙ୍କ ମନ୍ଦିର ଯାଏ ଯାଇ ଜଳ ଲାଗି କରିଥିଲେ ।



# ନବାଚାର ଓ ପୋଷଣୀୟତା ସହିତ ଭାରତୀୟ ହସ୍ତତନ୍ତର ଭବିଷ୍ୟତ ନିର୍ମାଣ



**ଗିରିରାଜ ସିଂହ**
**କେନ୍ଦ୍ର ବୟନ ମନ୍ତ୍ରୀ**

ହସ୍ତତନ୍ତ କ୍ଷେତ୍ର ଭାରତର ସର୍ବବୃହତ୍ତ କୁଟୀର ଶିଳ୍ପ ଭାବରେ ସୁପରିଚିତ । ଏହା ଦେଶର ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି ଏବଂ ୩.୫ ନିୟୁତ ଲୋକଙ୍କୁ କର୍ମ ନିଯୁକ୍ତିର ସୁଯୋଗ ପ୍ରଦାନ କରୁଛି । ହସ୍ତତନ୍ତ ଏବଂ ହାତବୁଣା ବୟନଶିଳ୍ପ ସ୍ଥାନୀୟ ବୁଣାକାରମାନଙ୍କ ଦ୍ୱାରା ସୃଷ୍ଟ ଓ ପରିଚାଳିତ ଯାହା ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଫେସନ ଦୁନିଆର ଏକ ଅର୍ଥପୂର୍ଣ୍ଣ ବିକଳ୍ପ ରୂପେ ବିବେଚିତ ହୋଇଆସୁଛି । ଏହି କାର୍ଯ୍ୟ ଦ୍ୱାରା ବୟନ ଶିଳ୍ପ ସହିତ ଜଡିତ ଲୋକମାନେ ଭାରତର ଉନ୍ନତ ଐତିହ୍ୟକୁ ଆଧୁନିକ ଦୁନିଆରେ ଏକ ବ୍ୟାପକ ପୋଷଣୀୟ ପରିପ୍ରକାଶର ରୂପ ପ୍ରଦାନ କରିଛନ୍ତି।

ଦୀର୍ଘସ୍ଥାୟୀ ବସ୍ତ୍ର ପରିଦୃଶ୍ୟର ନିର୍ମାତା ଭାବରେ ଗ୍ରାମୀଣ ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଲଷ୍ଟରକୁ ସହାୟତା ପ୍ରଦାନ ଏକାନ୍ତ ମହତ୍ତ୍ୱପୂର୍ଣ୍ଣ। ଏହି କ୍ଲଷ୍ଟର ଭାରତୀୟ ଶିଳ୍ପକଳାର ସେହିସବୁ ଜୀବନ୍ତ ପରାମ୍ପରା ଗୁଡିକୁ ପ୍ରତିନିଧିତ୍ୱ କରେ, ଯାହାକୁ ପରିବାର ଏବଂ ସମାଜ ଦ୍ୱାରା ପିଢି ପରେ ପଢି ଧରି କାଏମ ରଖାଯାଇ ଆସିଛି । ଘରୋଇ କ୍ଷେତ୍ର ଓ ସାମାଜିକ ଉଦ୍ୟୋଗୀମାନେ ଏହି କ୍ଷେତ୍ରକୁ ପୁନର୍ଜିବିତ କରୁଥିବା ଦିଗରେ ପ୍ରଶଂସନୀୟ ଭୂମିକା ନିର୍ମାଣ କରିଛନ୍ତି । ସେମାନଙ୍କ କାର୍ଯ୍ୟ ପରିବେଶ ଅନୁକୂଳ ସାମଗ୍ରୀ ସହିତ ନବାଚାର, ସ୍ଥାନୀୟ ସ୍ରୋତ, ରି-ସାଇକ୍ଲିଂ ଏବଂ ଅପ ସାଇକ୍ଲିଂ ତଥା ପାରମ୍ପରିକ ପ୍ରଥା ସହିତ ପ୍ରଦ୍ୟୋଗିକୀକୁ ଏକତ୍ରିତ କରିବା ପର୍ଯ୍ୟନ୍ତ ପ୍ରସାରିତ ରହିଛି । ଏଭଳି ପ୍ରୟାସ ସହଯୋଗ ମାଧ୍ୟମରେ କାରିଗର ସମୁଦାୟଙ୍କୁ ମଧ୍ୟ ସଶକ୍ତି କରିବା, ଶିଳ୍ପକାର ଏବଂ ଡିଜାଇନରମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା, ଉପଭୋକ୍ତାମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଏବଂ କାରିଗରମାନଙ୍କୁ ବୈଶ୍ୱିକ ବଜାର ସହିତ ଯୋଡିବା ଉପରେ ମଧ୍ୟ ଧ୍ୟାନ କୈନ୍ଦ୍ରିତ କରେ। ଜାପାନର ଓସାକାଠାରେ ଆୟୋଜିତ ବିଶ୍ୱ ଏକ୍ସପୋ ୨୦୨୫ ଏବଂ ଆମେରିକାର ସାନ୍ତା ଫେ' ଠାରେ ଆୟୋଜିତ ଆନ୍ତର୍ଜାତୀୟ ଲୋକ କଳା ବଜାର ଭଳି ପ୍ରତିଷ୍ଠିତ ମଞ୍ଚରେ ଭାରତୀୟ ଶିଳ୍ପୀମାନଙ୍କ ସମ୍ପ୍ରତି ଅଂଶଗ୍ରହଣ ଏହାର ଅନୁକୂଳନଶୀଳତା ଏବଂ ବୈଶ୍ୱିକ ଆବେଦନକୁ ଦର୍ଶାଉଛି । ଭାରତ ସରକାର ଅନେକ ଉପକ୍ରମ ଏବଂ ଯୋଜନା ମାଧ୍ୟମରେ ବସ୍ତ୍ର ପାରିସ୍ଥିତିକୀ ତନ୍ତ୍ର (ଟେକ୍ସଟାଇଲ ଇକୋସିଷ୍ଟମ)ର ସମର୍ଥନ କରି ଆସିଛନ୍ତି । ସେଥି ନିମନ୍ତେ କଞ୍ଚାମାଲ କ୍ରୟ, ତନ୍ତ ଏବଂ ସହାୟକ ଉପକରଣ ଆଦି କ୍ରୟ କରିବା ସକାଶେ ପ୍ରୋତ୍ସାହନ, କୌଶଳ ବିକାଶ କାର୍ଯ୍ୟକ୍ରମ ତଥା ପାରମ୍ପରିକ ତନ୍ତର ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ପାଇଁ ମାର୍କେଟିଂ ପ୍ରସାର ଆଦି ସାମିଲ । ପରିବେଶ ଅନୁକୂଳ ଏବଂ ସର୍କୁଲାର ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ, ଜୈବିକ କଞ୍ଚାମାଲ ପର୍ଯ୍ୟନ୍ତ ପହଞ୍ଚରେ ସୁଧାର ଆଣିବା ଏବଂ ନୈତିକ ପ୍ରଥାମାନଙ୍କ ମାଧ୍ୟମରେ ପ୍ରତିସ୍ପର୍ଦ୍ଧାତ୍ମକତାକୁ ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭୋକାଲ ଫର ଲୋକାଲ ଏବଂ ଆତ୍ମ ନିର୍ଭର ଭାରତ ଭଳି କାର୍ଯ୍ୟକ୍ରମ ଦ୍ୱାରା ହସ୍ତତନ୍ତ ବୁଣାକାରମାନଙ୍କ ନିମନ୍ତେ ଅବସରରେ ପର୍ଯ୍ୟାପ୍ତ ବିସ୍ତାରଣ ଘଟି ସାରିଛି । କୌଶଳ ଭାରତ ଏବଂ ଡିଜିଟାଲ ଭାରତ ଭଳି ଅନ୍ୟ କାର୍ଯ୍ୟକ୍ରମମାନ କାରିଗରମାନଙ୍କୁ ନିଜର କୌଶଳକୁ ଅପଗ୍ରେଡ କରିବା ଏବଂ ନିଜର କାର୍ଯ୍ୟସ୍ଥଳଠାରୁ ସିଧାସଳଖ ବଡ ବଡ ବଜାର ପର୍ଯ୍ୟନ୍ତ ପହଞ୍ଚିବାକୁ ସକ୍ଷମ କରିପାରିଛି । ଏହି କ୍ଷେତ୍ରର ବିକାଶକୁ କାଏମ ରଖିବା ସକାଶେ ହସ୍ତତନ୍ତ ପରମ୍ପରାଗୁଡିର ନଥିକରଣ ଏବଂ ସଂରକ୍ଷଣ ମଧ୍ୟ ସମାଜ ମାତ୍ରାରେ ଆବଶ୍ୟକ । ବସ୍ତ୍ର ମନ୍ତ୍ରଣାଳୟ ନେତୃତ୍ୱରେ ଡିଜିଟାଲ ସଂଗ୍ରହ ଭାରତୀୟ ବସ୍ତ୍ର ଏବଂ ଶିଳ୍ପ କୋଷ, ପାରମ୍ପରିକ ଏଂ ସମକାଳୀନ ଜ୍ଞାନ ଉଭୟକୁ ସଂଗୃହୀତ କରିବା ଏହାର ଉଦ୍ଦେଶ୍ୟକୁ ସାଧନ କରିଥାଏ । ଏହି ମଞ୍ଚ ଅନୁସନ୍ଧାନ ଡାଟା, ଡିଜାଇନର ଏବଂ କାରିଗର ପ୍ରୋଫାଇଲ, ଗୋଟିଏ ଭର୍ଚୁଆଲ ସଂଗ୍ରହାଳୟ ଏବଂ ଡିଜିଟାଲ ପ୍ରଦର୍ଶନୀମାନଙ୍କୁ ଉପଲବ୍ଧ କରାଇଥାଏ । ଏହା ଫଳରେ ବିଦ୍ୱାନ, ବିଦ୍ୟାର୍ଥୀ, ଶିକ୍ଷାର୍ଥୀ ଏବଂ ଶିଳ୍ପ ଉତ୍ସାହୀ ଲୋକମାନଙ୍କ ନିମନ୍ତେ ଏବଂ ମୂଲ୍ୟବାନ ସଂସାଧନ ସୃଷ୍ଟି ହୋଇଥାଏ।

ହସ୍ତତନ୍ତ୍ର କ୍ଷେତ୍ରକୁ ଅଧିକ ଲକ୍ଷ୍ୟ ସାଧନମୁଖୀ ଏବଂ ଲାଭପ୍ରଦ ବନାଇବା ସକାଶେ ବ୍ୟାବସାୟ-କୈନ୍ଦ୍ରିକ ରଣନୀତି ଏକାନ୍ତ ଆବଶ୍ୟକ। ସମବାୟ ସଂସ୍ଥା, ବୟନିକା ଅଥବା ଟାଟା ଟ୍ରଷ୍ଟ ଦ୍ୱାରା ଅନ୍ତରୀଣ ଭଳି ହସ୍ତତନ୍ତମାନ ମାର୍କେଟିଂ ସଂଗଠନ ଏହି କ୍ଷେତ୍ରରେ କେସ ଷ୍ଟଡି ମାଧ୍ୟମରେ ଜଣାପଡିଛି ଯେ ବ୍ୟବସ୍ଥିତ ଯୋଜନା, ତାହା ସମିତି ହୋଇଥାଉ ଅବା ସହକାରୀ ସମିତି, ସେସବୁ ପ୍ରୋତ୍ସାହନ ମାଧ୍ୟମରେ ହୋଇଥାଉ ଅବା ଅଣ ଲାଭକାରୀ ସଂସ୍ଥାମାନଙ୍କ ସହିତ ସହଯୋଗ ମାଧ୍ୟମରେ ହସ୍ତତନ୍ତ ବୁଣାକାରଙ୍କ ଆୟ ଏବଂ ଜୀବନ ଜୀବିକା ଦିଗରେ ମହତ୍ୱପୂର୍ଣ୍ଣ ସୁଧାର ଆଣିବାକୁ ସକ୍ଷମ । ଏହି ଲକ୍ଷ୍ୟ ହାସଲ କରିବାର ଅନେକ ଉପାୟ ରହିଛି । ପାରମ୍ପରିକ ଏବଂ ଆଧୁନିକ, ଉଭୟ ବଜାର ନିମନ୍ତେ ନୂଆ ଡିଜାଇନ ବିକଶିତ କରିବା ସହିତ ପାରମ୍ପରିକ ଡିଜାଇନଗୁଡିକୁ ପୁନର୍ଜୀବିତ କରିବା, ବିଶେଷ କରି ଥିମ ଆଧରିତ ପ୍ରଦର୍ଶନନୀତି ମାଧ୍ୟମରେ ଗ୍ରାହକମାନଙ୍କୁ ସଚେତନ କରିବା ଏବଂ ସେମାନଙ୍କ ଚାହିଦା ବୃଦ୍ଧିରେ ସହାୟତା କରିବା ସାମିଲ। ଅଙ୍ଗବସ୍ତ୍ରମ ଭେଷ୍ଟି ଏବଂ ମୁଣ୍ଡୁ ଭଳି ଉତ୍ପାଦନକୁ ମଧ୍ୟ ପ୍ରାସଙ୍ଗିକ ଦୃଷ୍ଟିରୁ କାଏମ ରଖିବା ଲାଗି ବିଚାରଶୀଳ ଡିଜାଇନ ଓ ନବାଚାରର ଆବଶ୍ୟକତା ପଡିଥାଏ । ବର୍ତ୍ତମାନର ପରିସଂଖ୍ୟାନକୁ ଜଣାପଡେ ଯେ କେବଳ ୨୨ ପ୍ରତିଶତ ହସ୍ତତନ୍ତ ବୁଣାକାର ଶାଢି ପ୍ରସ୍ତୁତ କରୁଛନ୍ତି ଏବଂ ୧୯ ପ୍ରତିଶତ ଅଙ୍ଗବସ୍ତ୍ରମ ଏବଂ ଏହି ଭଳ ଉତ୍ପାଦ ଉପରେ ଧ୍ୟାନ କୈନ୍ଦ୍ରିତ କରୁଛନ୍ତି । ସେମାନଙ୍କ ମଧ୍ୟରେ ୫୯ ପ୍ରତିଶତ ଏଭଳି ବୁଣାକାର ରହୁଛନ୍ତି ଯେଉଁମାନଙ୍କୁ ଘରେଇ ସାଜସଜ୍ଜା ଏବଂ ବସ୍ତ୍ର ସାମଗ୍ରୀର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ସକାଶେ ପ୍ରଶିକ୍ଷିତ ତଥା ସକ୍ରିୟ କରଯାଇ ପାରିବ । ଆଧୁନିକ ରୁଚି ଅନୁରୂପ ସ୍ଥିତି ଆଡକୁଳି, ଭାରତୀୟ ହସ୍ତତନ୍ତକୁ ପରିଭାଷିତ କରିବା ଭଳି ଅଦ୍ୱିତୀୟ କ୍ଷେତ୍ରୀୟ କୌଶଳ ଏବଂ ପ୍ରଯୁକ୍ତିକୁ ସଂରକ୍ଷିତ କରିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଜୈବିକ ଫାଇବର, ପ୍ରାକୃତିକ ରଙ୍ଗ ଏବଂ ଦୀର୍ଘସ୍ଥାୟୀ ସାମଗ୍ରୀର ଉପଯୋଗ ଫଳରେ ହସ୍ତତନ୍ତ ଉତ୍ପାଦର ମୂଲ୍ୟ ଏବଂ ଆକର୍ଷଣ ଅଧିକ ବୃଦ୍ଧି ପାଇପାରିବ। ବସ୍ତ୍ର ମନ୍ତ୍ରଣାଳୟର ସନ୍ଥ କବୀର ଏବଂ ରାଷ୍ଟ୍ରୀୟ ହସ୍ତତନ୍ତ ପୁରସ୍କାର ଭଳି ପୁରସ୍କାର ମାଧ୍ୟମରେ ବୁଣାକାରମାନଙ୍କ ଯୋଗଦାନକୁ ସକ୍ରିୟ କରିବା ଭଳି ମାନ୍ୟତା ପ୍ରଦାନ କରୁଛି । ସେମାନଙ୍କୁ ଏଭଳି ପୁରସ୍କୃତ କରାଯାଉଛି । ନିକଟତ ଅତୀତର ବର୍ଷମାନଙ୍କରେ ନୂତନ ଶ୍ରେଣୀ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଯାହା ଫଳରେ ମହିଳା ବୁଣାକାର, ଜନଜାତୀୟ କାରିଗର, ଦିବ୍ୟାଙ୍ଗ ବୁଣାକାର, ନବୋନ୍ମେଷୀ ଉତ୍ପାଦନ ସମୂହ ଏବଂ ହସ୍ତତନ୍ତ ସହିତ ରଚନାତ୍ମକ ରୂପରେ ଜଡିତ ଡିଜାଇନରମାନଙ୍କ ସକାଶେ ପୁରସ୍କାର ବ୍ୟବସ୍ଥା କରାଯାଇଛି । ଏଥିରେ ଏକ ଉଲ୍ଲେଖନୀୟ କଥା ହେଉଛି ଯୁବଗୋଷ୍ଠୀଙ୍କ ପାଇଁ ଯୁବ ବୁଣାକାର ପୁରସ୍କାର ପ୍ରଦାନର ବ୍ୟବସ୍ଥା ଯାହା ୩୦ ବର୍ଷରୁ କମ ଆୟୁଯୁକ୍ତ କାରିଗରମାନଙ୍କୁ ଦିଆଯାଉଛି । ସେମାନେ ପାରମ୍ପରିକ ପ୍ରଯୁକ୍ତିରେ ନିପୁଣତା ପ୍ରାପ୍ତ କରିପାରୁଛନ୍ତି ତଥା ନବାଚାର ଅଥବା ଉଦ୍ୟମିତା ପ୍ରତି ପ୍ରତିବଦ୍ଧତାକୁ ମଧ୍ୟ ପ୍ରର୍ଦାନ କରୁଛନ୍ତି । ଏହି ପୁରସ୍କାର କେବଳ ପ୍ରତିଷ୍ଠା କରାଯାଇନାହିଁ ବରଂ ପାରଦର୍ଶୀ ଏବଂ ଲୋକତାନ୍ତ୍ରିକ ହୋଇପାରିଛି ତଥା ଏହା ସହିତ ନଗଦ ପୁରସ୍କାର ଏବଂ ପ୍ରଶସ୍ତିପତ୍ର ମଧ୍ୟ ପ୍ରଦାନ କରାଯାଉଛି । ସନ୍ଥ କବୀର, ରାଷ୍ଟ୍ରୀୟ ଏବଂ ରାଜ୍ୟ ପୁରସ୍କାର ବିଜେତାଙ୍କୁ ଆଜୀବନ ୫,୦୦୦ ଟଙ୍କାର ମାସିକ ପେନସନ ମଧ୍ୟ ପ୍ରଦାନ କରାଯାଉଛି । ଏହାର ଉଦ୍ଦେଶ୍ୟ ହେଉଛି ହସ୍ତତନ୍ତ କ୍ଷେତ୍ରରେ ନବାଚାର, ବିଶେଷ କରି ଏଭଳି ପ୍ରଯୁକ୍ତି ଏବଂ ସୌନ୍ଦର୍ଯ୍ୟବୋଧକୁ ପ୍ରୋତ୍ସାହିତ କରିବା ଯାହା ଫଳରେ ମେସିନ ଅଥବା ପାୱାରଲୁମ ଦ୍ୱାରା ଏହାର ନକଲ କରାଯାଇପାରିବ ନାହିଁ । ଭାରତୀୟ ହସ୍ତତନ୍ତ ଉଦ୍ୟୋଗର ସ୍ଥାୟୀତ୍ୱ ବଜାୟ ରଖିବା ସକାଶେ ପରମ୍ପରା ଏବଂ ନବାଚର ଉଭୟକୁ ଆପଣାଇବାର ଆବଶ୍ୟକତା ରହିଛି । ଭାରତରେ କପା, ରେଶମ, ଉଲ, ଛୋଟ ଏବଂ ନଡିଆ ଚୋପାର ତନ୍ତୁ ଭଳି ପ୍ରାକୃତିକ ଫାଇବର ପ୍ରଚୁର ମାତ୍ରାରେ ଉପଲବ୍ଧ ଏବଂ ଏଠାରେ ବାଉଁଶ, କଦଳୀ ପାସୁଙ୍ଗା, ହେମ୍ପ ଏବଂ ମିଲ୍କୱିଡ ଭଳି ନୂନ ସାମଗ୍ରୀର ସନ୍ଧାନ ମଧ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । କୃଷି ଅପଶିଷ୍ଟର ଏକ ବଡ ଅଂଶ ମଧ୍ୟ ଏ ପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ ଉପଯୋଗ ହୋଇପାରେ ନାହିଁ । ଏଭଳି ପ୍ରାଚୁର୍ଯ୍ୟ ବସ୍ତ୍ର କ୍ଷେତ୍ରରେ ଉଦ୍ୟମକୁ ସର୍କୁଲାର ଉତ୍ପାଦନରେ କ୍ଷିପ୍ରତା ଆସି ଚାଲିଛି । ବର୍ତ୍ତମାନ ସମୟରେ ଭାରତରେ ଜଟିଳ ଭୌତିକ ସଂସ୍କୃତି ସମ୍ପର୍କରେ ସଚେତନତା ବୃଦ୍ଧି ପାଇ ଚାଲିଛି। ଏହା କେବଳ ସୂତା ଓ ଫେବ୍ରିକ କ୍ଷେତ୍ରରେ ନୁହେଁ ବରଂ ପରିଧାନର ସହାୟକ ଉପକରଣ କ୍ଷେତ୍ରରେ ମଧ୍ୟ ବୃଦ୍ଧି ପାଇଚାଲିଛି ଯାହାର ପରିବେଶୀୟ ପ୍ରଭାବକୁ ମୂଲ୍ୟାଙ୍କନ କରାଯାଉଛି । ଉଦବୃତ୍ତ କପା ଏବଂ ସୂତାକୁ ଉପଯୋଗ କରିବା ସକାଶେ ପୁନଃଚକ୍ରିତ ସଂଗ୍ରହ ଲୋକପ୍ରିୟତା ଲାଭ କରୁଛି ଯାହା ପାରମ୍ପରିକ, ଦୀର୍ଘସ୍ଥାୟୀ ପ୍ରଥାକୁ ପୁନରୁଦ୍ଧାର କରିବାରେ ସହାୟକ ହେଉଛି । ଏହି ଆନ୍ଦୋଳନ ପରିବେଶ ପ୍ରତି ସଚେତନ ଫେସନକୁ ଆଉ ଏକ ବ୍ୟାପକ ବୈଶ୍ୱିକ ପରିବର୍ତ୍ତନ ରୂପରେ ମଧ୍ୟ ଦର୍ଶାଉଛି। ଆଜି ଦ୍ରୁତ ମାତ୍ରାରେ ସହରାଞ୍ଚଳ ବସବାସ ଏବଂ ଜଳବାୟୁ ପରିବର୍ତ୍ତନ ବୃଦ୍ଧି ବିପଦ ସହିତ, ପାରମ୍ପରିକ ବୁଣାକାରମାନଙ୍କ ନିଜ ତନ୍ତର ଭୂମିକା ପ୍ରତୀକାତ୍ମକ ଠାରୁ ଅଧିକ ବୃଦ୍ଧି ପାଇଛି । ବର୍ତ୍ତମାନ ଏହା ସବୁଜ ପ୍ରଯୁକ୍ତି ଏବଂ ସାଂସ୍କୃତିକ ସଂରକ୍ଷଣ ଏବଂ ସଶକ୍ତ ଉଦାହରଣ ପାଲଟି ସାରିଛି । ଭାରତର ହସ୍ତତନ୍ତ ପରମ୍ପରା ଏପରି ଏକ ମାର୍ଗକୁ ପ୍ରଶସ୍ତ କରେ ଯାହା ପରିବେଶ ଏବଂ ଶିଳ୍ପ ସହିତ ଜଡିତ ଲୋକଙ୍କ ସମ୍ମାନିତ କରେ ଏବଂ ଦେଶକୁ ଦାୟିତ୍ୱସମ୍ପନ୍ନ ଏବଂ ନୈତିକ ଫେସନ କ୍ଷେତ୍ରରେ ଅଗ୍ରଣୀ କରାଏ ।

## ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କ ସ୍ମୃତିଚାରଣ

ଫୁଲନଖରା,(ସବ୍ୟୁ): : ବାରଙ୍ଗ ବ୍ଲକ ଅନ୍ତର୍ଗତ ନଗରୀ ଗ୍ରାମପଞ୍ଚାୟତ ଅରିଲୋ ଗ୍ରାମର ସୁନାମଧନ୍ୟ ଛାତ୍ରବତ୍ସଳ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ(୭୧)ଙ୍କ ଏକାଦଶାହ ଅବସରରେ ସ୍ୱେଚ୍ଛାସେବୀ ପୂଜ୍ୟପୂଜା ପ୍ରତିଭା ସଂଗଠନ ସହଯୋଗ ଓଡ଼ିଶା ଆନୁକୁଲ୍ୟରେ ଏକ ସ୍ମୃତିଚାରଣ ସଭା ସଂଗଠନର ଉପସଭାପତି ଗାୟକ ଆଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ସଂଗଠନର ସମ୍ପାଦକ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ସହଯୋଗ ଓଡ଼ିଶା ଉପରେ ବକ୍ତବ୍ୟ ରଖିଥିଲେ । ଆଧ୍ୟାତ୍ମିକବାଦୀ ଦକ୍ଷ ପ୍ରବଚକ ଶ୍ରୀ ସନ୍ନ୍ୟାସୀ ଜୀ,ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ପତି, ସାହିତ୍ୟିକ ଲେଖକ ପବିର ମହାନ୍ତି,ଗୋପାଳ ଚନ୍ଦ୍ର ମିଶ୍ର,କିଶୋର ଚନ୍ଦ୍ର ଦାଶ,ଅଶୋକ କୁମାର ରଥ,ସନାତନ ସ୍ୱାଇଁ, ସାମ୍ବାଦିକ ଭବାନୀ ଶଙ୍କର ପାତ୍ର,ବିଶ୍ୱରଂଜନ ଦାସ ପ୍ରମୁଖ ସ୍ୱର୍ଗତଃ ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ବଙ୍ଗାଳୀ ପରିଜା,ଚିନ୍ମୟ ମହାରଣା,ଧୀରେନ୍ଦ୍ର ସାହୁ,ଅଜୟ କୁମାର ବେଉରା,ବରଦା ପ୍ରସାଦ ବେଉରା,ପ୍ରଦୀପ୍ତ ଦାସ,ପ୍ରଶାନ୍ତ କୁମାର ନାୟକ, ପ୍ରଶାନ୍ତ କୁମାର ବେହେରା ଓ ତାଙ୍କର ଦୁଇ ପୁଅ ଉପସ୍ଥିତ ଥିଲେ । ସମସ୍ତେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ପିପିଲି,(ସବ୍ୟୁ): ପିପିଲି ନିକଟସ୍ଥ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ପିପିଲି ସଂକୁଳ ସ୍ତରୀୟ ବିଜ୍ଞାନ ମେଳା ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। . ଅପରାହ୍ନରେ ଅନୁଷ୍ଠାନ ସଭାପତି ରସାନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥି, ବ୍ୟାଙ୍କ ଅଫ ବରୋଦା ପରିଚାଳକ ଅନୁପମ ମିଶ୍ର ମୁଖ୍ୟବକ୍ତା,ବିଶିଷ୍ଟ ସିନେ ତାରକା ବବିମିଶ୍ର,ସିଟି ପ୍ରା. ଲି ର ପରିଚାଳକ ପଦୋଦକ ସାମଲ, ସଂକୁଳ ସଂଯୋଜକ ଶଶିଭୂଷଣ ମିଶ୍ର, ରବିନାରାୟଣ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସମାଜ ଗଠନ ନିମନ୍ତେ ପିଲାମାନେ ବିଜ୍ଞାନ କ୍ଷେତ୍ରରେ ଅଧିକ ମନନିବେଶ କରିବା ଆବଶ୍ୟକ ବୋଲି କହିଥିଲେ। ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଏବଂ କୋଷାଧକ୍ଷ ଦୀନବନ୍ଧୁ ବେହୁରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ହେମନ୍ତ ପ୍ରଧାନ ସଭା ପରିଚାଳନା କରିଥିଲେ।ପ୍ରଧାନ ଆଚାର୍ଯ୍ୟ କଳ୍ପନା ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ନଅ ଗୋଟି ବିଦ୍ୟାଳୟ ରୁ ୩୮୫ଛାତ୍ର ଛାତ୍ରୀ ବିର୍ଭିନ୍ନ ବିଭାଗରେ ଯୋଗ ଦେଇଥିଲେ.।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ନୟାହାଟ,(ସବ୍ୟୁ) : ଗୋପ ବ୍ଲକ ଅନତର୍ଗତ ଯୋଗେଶ୍ୱରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। । ମୁ୍ଖ୍ୟ ଅତିଥି ଓଷ୍ଟାର ପୂର୍ବତନ ସଂପାଦକ ବିଚିତ୍ରାନନ୍ଦ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ସଭାପତି ପ୍ରସନ୍ନ କୁମାର ସ୍ୱାଇଁ , ଉପସଭାପତି କୃଷ୍ଣ ଚନ୍ଦ୍ର ବାରିକ,ସଂପାଦକ ମାନସ କୁମାର ସାହୁ , କୋଷାଧ୍ୟକ୍ଷ ବିମଳକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିଶୁ ମାନଙ୍କୁ ବିଜ୍ଞାନ ସମ୍ବନ୍ଧୀୟ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ମେଳାରେ ଶିଶୁ ମାନେ ୬ଟି ବିଭାଗରେ ମୋଟ ୨୦୬ଟି ପ୍ରକଳ୍ପ ଆଣିଥିଲେ । ପ୍ରଧାନ ଆଚାର୍ଯଯ ଭୀମସେନ ରାୟଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମାଧବାନନ୍ଦ ସାହୁ, ଅଭିରାମ ଖୁଣ୍ଟିଆ,ସୁବ୍ରତ କୁମାର ସେଠୀ,ସେଖ୍ ବରକତ୍ ଅଲ୍ଲୀ ଉପସ୍ଥିତ ରହି ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ । କୃତୀ ପ୍ରତିଯୋଗିମାନଙ୍କର ନାମ ଘୋଷଣା କରାଯିବା ପରେ ଆଚାର୍ଯ୍ୟ କାର୍ତ୍ତିକ ଚନ୍ଦ୍ର ଓଝା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ଗାଡି ଧକ୍କାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମଳିପଡା ଚମ୍ପାଝର ନିକଟରେ ସୋମବାର ସନ୍ଧ୍ୟାରେ ଅଚିହ୍ନା ବାଇକ ଆରୋହୀ ଅଜଣା ଗାଡି ଧକ୍କାରେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ୧୬ ନଂ ଜାତୀୟ ରାଜପଥ ମଳିପଡା ଛକ ପଟୁ ନରଣଗଡ ଆଡ଼କୁ ଗୋଟିଏ ବାଇକ ନଂ ଓଡି ୦୨ ଡି ୭୯୮୬ ରେ ଜଣେ ବ୍ୟକ୍ତି ଯାଉଥିବାବେଳେ ଶନିବାର ସନ୍ଧ୍ୟାରେ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଦୁର୍ଘଟଣାରେ ଅଚିହ୍ନା ବାଇକ ଆରୋହୀଙ୍କ ମୁହଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚମ୍ପାଝର ନିକଟରେ ବାଇକ ଓ ଆରୋହୀଙ୍କ ଶବ ପଡିଥିବାବେଳେ ସ୍ଥାନୀୟ ଲୋକେଦେଖି ଜଂକିଆ ଥାନା ଖବର ଦେଇଥିଲେ। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ପଠାଇଥିବା ଜଣାପଡିଛି। ଦୁର୍ଘଟଣା ଗ୍ରସ୍ତ ବାଇକ ଜବତ କରି ଅଚିହ୍ନା ବ୍ୟକ୍ତିଙ୍କ ପୋଲିସ ପରିଚୟ ଖୋଜିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମଦ୍ୟପ ଯୁବକଙ୍କ ଆତଙ୍କ : ୫ ଅଟକ

ବାରଙ୍ଗ,(ସବ୍ୟୁ): ମଧୁବନ ଗ୍ରାମ ନିକଟରେ ମୁଖ୍ୟ ରାସ୍ତା ଉପରେ ମଦ୍ୟପ ଯୁବକଙ୍କ ଆତଙ୍କ ଘଟଣାପରେ ୫ଜଣ ଅଟକ ରଖିଛି ବାରଙ୍ଗ ଥାନା ପୁଲିସ।

ପ୍ରକାଶଥେ, ସୋମବାର ଅପରାହ୍ନ ସାଢ଼େ ୪ଟା ସମୟରେ ନରାଜ ନିକଟସ୍ଥ ଆଦର୍ଶ ବିଦ୍ୟାଳୟରୁ ଓଡି ୦୫ବିଭି ୪୭୪୫ ପିକ ଅଫ ଅଟୋଟି ଛାତ୍ରଛାତ୍ରୀ ମାନଙ୍କୁ ନେଇ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ଆସୁଥିଲା। ମଧୁବନ ଗ୍ରାମ ନିକଟରେ ମୁଖ୍ୟ ରାସ୍ତା ଉପରେ ଓଡି ୦୨ବିଟି ୭୩୭୯ ନମ୍ବର କାରରେ ଥିବା ୫ଜଣ ଯୁବକ ଗାଡ଼ିର ସମସ୍ତ ଡୋର ଖୋଲି ମଦ୍ୟପାନ କରୁଥିଲେ। ଏହି ସମୟରେ ଅଟୋଟି ଅତିକ୍ରମ କରୁଥିବା ବେଳେ ମଦ୍ୟପ ଯୁବକ ମାନେ ଅଟୋଟିକୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ରାସ୍ତାରେ ଯାଉଥିବା ଅନ୍ୟ ପଥଚାରୀ ଓ ସ୍ଥାନୀୟ ଲୋକ ମାନେ ଏହାକୁ ବିରୋଧ କରିଥିଲେ।ଅଟୋ ଚାଳକ ଏହାକୁ ବିରୋଧ କରିବାରୁ ମଦ୍ୟପ ଯୁବକଙ୍କ ଆକ୍ରମଣରେ ଅଟୋ ଚାଳକଙ୍କର ମୁହଁରେ ଆଘାତ ଲାଗିବାରୁ ସେ ଆହାତ ହୋଇଥିବା ବେଳେ ଅଟୋରେ ଥିବା ସ୍କୁଲ ପିଲାମାନେ ଭୟଭୀତ ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ବାରଙ୍ଗ ଥାନାକୁ ସୂଚନା ଦେଇଥିଲେ। ସୂଚନା ପାଇ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାରଟିକୁ ଜବତ କରିବା ସହିତ ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଥିଲା। ମଦ୍ୟପ ୫ଜଣ ଯୁବକଙ୍କୁ ଅଟକ ରଖି ପଚରା ଉଚରା ଆରମ୍ଭ ହୋଇଛି ବୋଲି ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶାଳ ସୂଚନା ଦେଇଛନ୍ତି।

## ରଙ୍ଗ ଲତାଙ୍କ ସ୍ମୃତିରେ ମା ପାଇଁ ଗଛ ଟିଏ

କାକଟପୁର ,(ସବ୍ୟୁ) : କାକଟପୁର ବ୍ଲକ ଅନ୍ତର୍ଗତ ଅବଦାନ ଗ୍ରାମ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ତଥା ଅଞ୍ଚଳର ସମାଜସେବୀ ବିଚିତ୍ରାନନ୍ଦ ଦାଶ ଙ୍କ ମାତୃଦେବୀ ସ୍ୱର୍ଗତ ରଙ୍ଗଲତା ଦାଶଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ଉତ୍ସବ ସ୍ଥାନୀୟ କୋତାଙ୍ଗ ଗ୍ରାମରେ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ନୀଳକଣ୍ଠେଶ୍ୱର ମହାଦେବ ଙ୍କ ପୋଖରୀ ଚାରି ପଟେ ଶ୍ରୀ ଦାଶ ଙ୍କ ତତ୍ତ୍ୱାବଧାନ ରେ ବିଭିନ୍ନ କିସମ ଝାଉଁ, ପଟାସ, ଗମ୍ଭାରୀ, ଶିଶୁ, ଶାଗୁଆନ, ପଣସ, ବରକୋଳି, ପେସ୍ତା ବାଦାମ ପ୍ରଭୃତି ଗଛ ଲଗା ଯାଇଥିଲା ।ଏହି ଉତ୍ସବ ରେ ଅତିଥି ଭାବେ କାକଟପୁର ବ୍ଲକ କଂଗ୍ରେସ ସଭାପତି ଜଶୋବନ୍ତ ନାରାୟଣ ମହାନ୍ତି,ଅବଦାନ ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ଜେନା,ଗୋପ ବ୍ଲକର ବରିଷ୍ଠ କଂଗ୍ରେସ ନେତା ବ୍ରଜ କିଶୋର ରାଉତରାୟ,କାକଟପୁର ଗ୍ରାମ ପଞ୍ଚାୟତ ସଭାପତି ନଳିନୀ କାନ୍ତ ଦୀକ୍ଷିତ, ଅବଧୂତ ସ୍ୱାଇଁ,ସେକ ଲିଆକତ, ଆଇନଜୀବି ପ୍ରଫୁଲ ନାୟକ, ଅମରେଶର ନାୟକ, ବିଷ୍ଣୁ ରାଉତ, ଧରଣୀଧର ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ପଣ୍ଡା, ବିଜୟ କୁମାର ସାହୁ, ନବଘନ ଦାଶ, ସର୍ବେଶ୍ୱର ଦାଶ, ପପୁ, ପଦ୍ମିନୀ ସମେତ ସ୍ଥାନୀୟ ଗ୍ରାମବାସୀ ଯୋଗ ଦେଇଥିଲେ ।(ମା ପାଇଁ ଗଛ ଟିଏ) କାର୍ଯ୍ୟକ୍ରମ ରେ ଆଗକୁ ବିଭିନ୍ନ ଅଞ୍ଚଳରେ ବୃକ୍ଷ ରୋପଣ କରାଯିବ ବୋଲି ଶ୍ରୀ ଦାଶ ପ୍ରକାଶ କରିଥିଲେ ।

## ଅବସର ନେଲେ ଲାଇନ୍ସମ୍ୟାନ ସୁରେନ୍ଦ୍ର ବେହେରା

ବାଲିପାଟଣା ,(ସବ୍ୟୁ): , ବାଲିପାଟଣା ଇଲେକ୍ଟ୍ରିକ ସବ-ଷ୍ଟେସନ ରେ ଦିର୍ଘ ବର୍ଷ ଧରି ଲାଇନ ମ୍ୟାନ ଭାବେ କାର୍ଯ୍ୟ କରିଥିବା ସୁରେନ୍ଦ୍ର ବେହେରା ଅବସର ନେଇଛନ୍ତି । ଏହି ଉପଲକ୍ଷେ ସବ- ଷ୍ଟେସନ ପରିସରରେ ସମସ୍ତ କର୍ମଚାରୀ ସୁରେନ୍ଦ୍ରଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା ଦେଇଛନ୍ତି । ସୁରେନ୍ଦ୍ର ୧୯୮୮ ମସିହା ରୁ ବିଦ୍ୟୁତ ସବ - ଷ୍ଟେସନରେ କାର୍ଯ୍ୟରତ ଥିଲେ । ତେବେ ଆଜିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମେଣ୍ଟେନାନ୍ସ ସୁପରଭାଇଜର ସିମାଞ୍ଚଳ ସାଇଁ, ଲାଇନ ମ୍ୟାନ ତାପସ ପଟ୍ଟନାୟକ, ନରେଶ ଗ୍ରହାଚାର୍ଯ୍ୟ, ଦେବାଶିଷ ସାହୁ, ହେଲପର ନିଶାକର ବିଶାଳ, ପି.ଏ. ଲାଇନ ମ୍ୟାନ କୃଷ୍ଣଚନ୍ଦ୍ର ମଲ୍ଲିକ , କମର୍ସ ଜେ ଇ ରାଜେଶ ନାୟକ, ଏ.ଏମ ଆଲୋକ ମିତ୍ର ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଆତ୍ମହତ୍ୟା ନୁହେଁ ହତ୍ୟା ଅଭିଯୋଗ



କଣ୍ଟାପଡ଼ା, (ସବ୍ୟୁ): ଗୋବିନ୍ଦପୁର ଥାନା ଅଧିନସ୍ଥ ତୁଣ୍ଡା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଦେବାଶିଷ ମଲ୍ଲିକଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ନାୟକ(୨୧) ବେକରେ ରଶି ଲେହେତ୍ୟା କରିଛନ୍ତି। । ଏ ନେଇ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ କୁ ଆଧାରକରି ପୁଲିସ ଅଧିକାରୀଣି ସୋନିଲା ଆନନ୍ଦ ମୃତ ରାଜଲକ୍ଷ୍ମୀଙ୍କର ଡାକ୍ତରୀପରିକ୍ଷା ପାଇଁ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ମୃତ ବୋଲି ଘୋଷଣା କରିବା ପରେ ବାପଘର ଲୋକମାନଙ୍କ ସହାୟତରେ ସଦର ଏସଡିପିଓ କିରନ ହେମ୍ବ୍ରମ୍ ଓ କଣ୍ଟାପଡା ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା । ପିତା ରମେଶ ନାୟକଙ୍କ ଅଭିଯୋଗ ମୁତାବକ ଝିଅ ରାଜଲକ୍ଷ୍ମୀ ନାୟକ ତାର ଶାଶୁଘର ଲୋକେ ମାରିଦେଇଥିବା ନେଇ ଅଭିଯୋଗ କରିଛନ୍ତି । ସୂଚନାମୁତାବକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ତୁଣ୍ଡା ଗ୍ରାମର ବିଭୁପ୍ରସାଦ ମଲ୍ଲିକଙ୍କ ପୁଅ ଦେବାଶିଷ ମଲ୍ଲିକଙ୍କୁ ନିଜ ଇଚ୍ଛାରେ ବିବାହ କରିଥିଲେ ।ବିବାହର କିଛି ଦିନ ପରେ ଯୌତୁକ ନିର୍ଯାତନ ଦେଉଥିଲେ । ଯାହାଫଳରେ ବାପଘର ଲୋକେ ଏବଂ ଶାଶୁଘର ଲୋକେ ଥାନାରେ ଯାଇ ସମାଧାନ କରିଥିଲେ ଓ ପରେ ଦୁଇଲକ୍ଷ ଟଙ୍କା ଯୌତୁକ ଦେଇଥିଲେ ବୋଲି ରମେଶ ନାୟକ କହିଛନ୍ତି । ସମସ୍ତ ଦାବି ପରେ ମଧ୍ୟ ନିର୍ଯ୍ୟାତନା କମିନଥିଲା ବୋଲି ବାପା ଅଭିଯୋଗ କରିଥିଲେ । ୪ମାସର ଶିଶୁପୁତ୍ର ଜନ୍ମହେବା ପରେ ନିର୍ଯାତନା ଅସହ୍ୟ ହୋଇପଡିଥିଲା ଓ ସେହି ରାଗରେ ଝିଅକୁ ମାରି ଟାଙ୍ଗି ଦେଇଥିବା ନେଇ ଥାନା ଅଧିକାରୀଙ୍କୁ କହିଥିଲେ ।ଉକ୍ତ ତଥ୍ୟ ଆଧାରରେ ଥାନା ଅଧିକାରୀ ସ୍ୱାମୀ ଦେବାଶିଷ କୁ ଥାନାରେ ଅଟକ ରଖିଥିଲେ ।

# ବେଟି ବଚାଓ ଓ ବେଟି ପଢ଼ାଓ ଅଭିଯାନ

ସାକ୍ଷୀଗୋପାଳ ,(ସବ୍ୟୁ): ମହିଳା ଓ ଶିଶୁ ବିକାଶ ବିଭାଗ ଦାରା ବେଟି ବଚାଅ ବେଟି ପଢ଼ାଆ ଅଭିଯାନର ବ୍ଲକ ସ୍ତରୀୟ ବୈଠକ ସତ୍ୟବାଦୀ ସଭା ଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ରାଜଲକ୍ଷ୍ମୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା , ଏବିଡ଼ିଓ ସୁମିତ୍ରା ଜେନା , ମହିଳା ଓ ଶିଶୁ ଡେସ୍କ ର ସବିନ୍ସପେକ୍ଟ୍ରେର ସୁକାନ୍ତି ମୁର୍ମୁ , ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ପରିଡା , ଉଦ୍ୟାନ ବିଭାଗ ଅଧିକାରୀ ମନୋଜ ସାହୁ , ପ୍ରମୁଖ ଯୋଗ ଦେଇଥିଲେ । ସାମ୍ପ୍ରତିକ ସମୟରେ ପ୍ରତ୍ୟେକ ଅଭିଭାବକ ସେମାନଙ୍କ ଝିଅ ସହିତ ଅତି ବନ୍ଧୁତ୍ୱପୂର୍ଣ୍ଣ ଭାବେ ଚାଲିବା ଆବଶ୍ୟକ ଯେଭଳି ଝିଅଟି ପ୍ରତ୍ୟେକ ବିଷୟରେ ତାର ଆବଶ୍ୟକତା ଓ ସମସ୍ୟା ସମ୍ପର୍କରେ ନିର୍ଭୟରେ ପ୍ରକାଶ କରିପାରୁଥିବ । ଆଧୁନିକ ଚଳଣି ଓ ପାଠ ଠାରୁ ଦୂରେଇ ରହୁଥିବା ମହିଳା ଓ ଝିଅ ମାନେ ଅଧିକ ଭାବେ ବିଭିନ୍ନ ଯୌନ ହିଂସା ର ଶିକାର ହେଉଥିବା ଜଣାପଡୁଛି । ତେଣୁ ସତ୍ୟବାଦୀ ବ୍ଲକ ର ଯେଭଳି କୌଣସି ଶିଶୁ କନ୍ୟା ଶିକ୍ଷା ଠାରୁ ଦୂରେଇ ନ ଯାଏ ସେଥିପାଇଁ ପ୍ରତ୍ୟେକ ବିଭାଗ ଯତ୍ନବାନ ହେବା ଆବଶ୍ୟକ । ମହିଳା ଓ ବାଳିକା ଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ବିଭାଗ ସମନ୍ୱୟ ରେ କମିଟି ମାନ ପ୍ରସ୍ତୁତ କରାଯାଇ ତ୍ୱରିତ ସମସ୍ୟା ସମାଧାନ କରାଯିବା ସହ ସମସ୍ୟା ଯେଭଳି ସୃଷ୍ଟି ନ ହେବ ସେଥିପାଇଁ ଅଭିଭାବକ ଓ ସଂପୃକ୍ତ କମିଟି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୈଠକରେ ଯୋଗ ଦେଇଥିବା ଅଧିକାରୀ ମାନେ ପ୍ରକାଶ କରିଥିଲେ । ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟ ରେ କାହା ଠାରୁ ଇଙ୍ଗିତ ମିଳେ ତେବେ ତତକ୍ଷଣାତ ମହିଳା ମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୦୯୮ ଓ ଇମର୍ଜେନ୍ସି ନମ୍ବର ୧୧୨ ରେ ଯୋଗାଯୋଗ ପାଇଁ ପରାମର୍ଶ ଦିଆଯାଇଥିଲା। ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ମାନଙ୍କ ରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠିତ ହୋଇଥିବାରୁ ଏହାର ସହାୟତା ନେବା ପାଇଁ ଅନୁରୋଧ କରାଯାଇଛି । ଏଥିରେ ସମସ୍ତ ଅଙ୍ଗନବାଡି କର୍ମୀ ସହାୟକ ଓ ସୁପରଭାଇଜର , ଆଶା , ପଞ୍ଚାୟତ ଅଧିକାରୀଓ ଅନ୍ୟମାନେ ଉପସ୍ଥିତ ଥିଲେ । ଶେଷରେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ସତ୍ୟବାଦୀରେ ଯେଭଳି ଶତ ପ୍ରତିଶତ ସଫଳତା ପାଇବ ସେଥିପାଇଁ ଉକ୍ତ ବିଭାଗ ଅଧିକାରୀ ରାଜଲକ୍ଷ୍ମୀ ଦାଶ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଭାରତୀୟ ଷ୍ଟେଟ ବ୍ୟାଙ୍କର ପରିପୃତ୍ତି ଅଭିଯାନ

ବାଲିପାଟଣା,(ସବ୍ୟୁ): କେନ୍ଦ୍ର ସରକାରଙ୍କ ଜନ ସୁରକ୍ଷା ଯୋଜନା ମାଧ୍ୟମରେ ବିଭିନ୍ନ ରାଜ୍ୟର ଗ୍ରାମ ପଞ୍ଚାୟତ ସ୍ତରରେ ଲୋକମାନଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ପ୍ରଚଳିତ ଜନହିତକର କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ପାଇଁ ପରିପୃତ୍ତୀ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ଆଜି ନରୋଦା ଷ୍ଟେଟ ବ୍ୟାଙ୍କ ଆନୁକୁଲ୍ୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ।ଏଥିରେ ମହାପ୍ରବନ୍ଧକ ଡଃ ବନ୍ଦନା ଅଗ୍ରୱାଲ,ଉପ ମହା ପ୍ରବନ୍ଧକ ପ୍ରଶାନ୍ତ କୁମାର, ଆଞ୍ଚଳିକ ପରିଚାଳକ ଭରତ ସାହୁ, ଖୋର୍ଦ୍ଧା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଅଜୟ କୁମାର ବେହେରା, ପ୍ରମୁଖ ଯୋଗଦେଇ ଷ୍ଟେଟ ବ୍ୟାଙ୍କର ପ୍ରଚଳିତ ବିଭିନ୍ନ ଜନହିତକର ଯୋଜନା ଯଥା ପ୍ରଧାନମନ୍ତ୍ରୀଙ୍କ ଜନ ଧନ ଯୋଜନାରେ ଖାତା ଖୋଲିବା, ଅଟଳ ପେନସନ ଯୋଜନାରେ ନାମାଙ୍କନ କରିବା,ପ୍ରଧାନମନ୍ତ୍ରୀ ଜୀନ ଜ୍ୟୋତି ଯୋଜନା ରେ ନାମାଙ୍କନ କରିବା, ନିଷ୍କ୍ରିୟ ହୋଇଥିବା ଜମା ଖାତାର ପୁନ ପ୍ରଚଳନ କରିବା ,ସାଇବର ଠକେଇ ରୋକିବା, ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ନରୋଦା ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସ୍ନେହସ୍ମିତା ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ କୁ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଚିତ୍ତରଂଜନ ମିଶ୍ର ପରିଚାଳନା କରିଥିଲେ ।




## କାର୍ଯ୍ୟକାରୀ ହେଉନି ସରକାରୀ ନିର୍ଦ୍ଦେଶନାମା

# ବଦଳୁନାହାନ୍ତି ତହସିଲଦାର : ଆସୁନାହାନ୍ତି ରିଲିଭର

ଦଶପଲ୍ଲା, (ସବ୍ୟୁ) : ଦୀର୍ଘଦିନ ଧରି ଦଶପଲ୍ଲା ରେ କାର୍ଯ୍ୟରତ ଥିବା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଙ୍କର ବୃତଙ୍ଗ ଜଳସେଚନକୁ ବଦଳି ହୋଇଥିଲେ ମଧ୍ୟ ବର୍ତମାନ ସୁଧାସେ ଦଶପଲ୍ଲା ତହସିଲଦାର ଭାବେ କାର୍ଯ୍ୟରତ । ଏପରିକି ତହସିଲଦାରଙ୍କ ବଦଳରେ ତାପସ୍ୱିନୀ ହାଁସଦାଙ୍କୁ ଦଶପଲ୍ଲା ତହସିଲଦାର ଭାବେ ବଦଳି ହୋଇଥିଲେ ମଧ୍ୟ ସେ କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ସରକାରୀ ନିର୍ଦେଶ ନାମରେକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟ ପାର୍ଶ୍ୱରେ ବଦଳି ନିର୍ଦ୍ଦେଶ ପରେ ତହସିଲଦାର ବଦଳି ହୋଇ ନ ଯିବାରୁ ଦଶପଲ୍ଲା ତହସିଲ କାର୍ଯ୍ୟାଳୟରେ ପଇସା ଫେକୋ ତମାଶା ଦେଖୋ ନ୍ୟାୟରେ କାର୍ଯ୍ୟ ଛାଲିଛି । ପାର୍ଟିଟିସନ, ମ୍ୟୁଟେସନ, ଲିଜ ମୋକଦ୍ଦମା ଏବଂ ରେଲୱେ ଅର୍ଥ ପାଇବାରେ ତାହାସିଦାର ଙ୍କ ଇଙ୍ଗିତ ରେ ଭଲ ଅର୍ଥ ଆଦାୟ କଟାଯାଉଥିବା ଅଭିଯୋଗ ହେଉଛି । ଏପରିକି ଜୀବିତ ଲୋକ କୁ ମୃତ ଦେଖାଇ ଅନ୍ୟ ନାମରେ ପଟା କରାଯାଇଛି । ଦୀର୍ଘଦିନ ଧରି କୁଆଁରିଆ ବିସ୍ଥାପିତ ଙ୍କୁ ପଟା ମିଳିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନଙ୍କ ଜାଗା ଚିହ୍ନଟ କରାଯାଉନଥିବା ବେଳେ ବିସ୍ଥାପିତ ଜାଣନ୍ତିନି ସେମାନଙ୍କ ପଟ୍ଟା ଜାଗା କେଉଁଠି । ଦେବୋତ୍ତର ଅଧିନ ରେ ଥିବା ସ୍ଥାନୀୟ ମାଳିସାହି ଠାରେଥିବା ଶିବଠାକୁର ଙ୍କ ଜମି ରେଲୱେ ବିଭାଗ ନେବାପରେ ମିଳିଥିବା ଅର୍ଥ ବଣ୍ଟନ ରେ ହେରଫେର ହୋଇଥିବା ଅଭିଯୋଗ ହୋଇଛି । କେବଳ ସେତିକି ନୁହେଁ ବାବୁଙ୍କ ଜାଣତରେ ଚାଲିଛି ସରକାରୀ ଜାଗା ଜବରଦଖଲ ବୋଲି ସାଧାରଣ ରେ ଅଭିଯୋଗ ହେଉଛି । ସରକାରୀ ଜାଗାରେ ବେ ଆଇନି କୋଠା ନିର୍ମାଣ ଓ ଦୋକାନ ଘର ନିର୍ବିଘ୍ନରେ ନିର୍ମାଣ ଚାଲିଥିବା ବେଳେ ସ୍ଥାନୀୟ ତହସିଲଦାର ଙ୍କ କୌଣସି ପଦକ୍ଷେପ ନ ନେବା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଫଳରେ ଦଶପଲ୍ଲା ରେ ରାଜସ୍ୱ ବିଭାଗ ଆଖି ବନ୍ଦ କରି ରଖିଛି ବୋଲି ଚର୍ଚ୍ଚା ହେଉଛି । ଏଣୁ ଦଶପଲ୍ଲା ତହସିଲଦାର ଙ୍କ ବଦଳି କେବେ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି ।

(ଶ୍ରୀମଭଗବଦ୍ ଗୀତା ୧୮/୦୭)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ )

**ନିୟତସ୍ୟ ତୁ ସନ୍ୟାସଃ କର୍ମ୍ମଣୋ ନୋପପଦ୍ୟତେ ।**
**ମୋହାତ୍ ତସ୍ୟ ପରିତ୍ୟାସ୍ତାମସଃ ପରିକୀର୍ତ୍ତିତଃ ।। ୭ ।।**

(ପ୍ରତିଜ୍ଞାତଂ ତ୍ୟାଗସ୍ୟ ତ୍ରୈବିଧ୍ୟଂ ଇଦାନୀଂ ଦର୍ଶୟତି ତ୍ରିଭିଃ) ନିଅତସ୍ୟ (ନିତ୍ୟସ୍ୟ) କର୍ମ୍ମଣଃ ସନ୍ୟାସଃ (ତ୍ୟାଗଃ) ନ ଉପପଦ୍ୟତେ (ୟୁଜ୍ୟତେ) (ସତ୍ତ୍ୱଶୁଦ୍ଧ୍ୟା ମୋକ୍ଷହେତୁତ୍ୱାତ୍) ମୋହାତ୍ ତସ୍ୟ (ନିତ୍ୟକର୍ମ୍ମଣଃ) ପରିତ୍ୟାଗଃ ତାମସଃ (ତ୍ୟାଗଃ) ପରିକୀର୍ତ୍ତିତଃ ।।୭ ।।

# ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅବଦାନ

ପଣ୍ଡିତ ନୀଳକଣ୍ଠ ଦାସ ଥିଲେ ଓଡ଼ିଶାର ଜଣେ ଅଦ୍ୱିତୀୟ ବରପୁତ୍ର । ୧୮୮୪ ଅଗଷ୍ଟ ୫ରେ ସେ ପୁରୀ ଜିଲ୍ଲାର ଶ୍ରୀରାମପୁର ଶାସନରେ ଭୂମିଷ୍ଠ ହୋଇଥିଲେ । ପ୍ରାୟ ୫୭ ବର୍ଷ ତଳେ ୧୯୬୭ ନଭେମ୍ବର ୬ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା । ମାତ୍ର ଉଭୟ ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସେ ଜଣେ ଆଗ ଧାଡ଼ିର ବ୍ୟକ୍ତି ଭାବେ ବେଶ ପ୍ରଭାବଶାଳୀ ଥିଲେ । ସେ ମଧ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଐତିହାସିକ ସତ୍ୟବାଦୀ ବନ ବିଦ୍ୟାଳୟ (ସାକ୍ଷୀଗୋପାଳ ଠାରେ) ପଣ୍ଡିତ ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ ସେଠାରେ ପ୍ରଧାନ ଶିକ୍ଷକ ଭାବେ ରହି ଓଡ଼ିଆ ପିଲାମାନଙ୍କୁ ନୈତିକତା ଓ ପାଠପଢ଼ା କ୍ଷେତ୍ରରେ ଶିକ୍ଷାଦାନ କରି ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ସୃଷ୍ଟି କରି ପାରିଥିଲେ ।

ଆଜି ଯେଉଁ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱରରେ ରହିଛି, ତାହା ୧୯୫୭ ମସିହାରେ ଗଠିତ ହୋଇଥିଲା । ପଣ୍ଡିତ ନୀଳକଣ୍ଠ ଦାସ ୧୯୫୮ରେ ଥିଲେ ଏହି ଏକାଡେମୀର ପ୍ରଥମ ସଭାପତି । ସେ ପ୍ରାକ୍ ସ୍ୱାଧୀନତା କାଳରେ ' ନବଭାରତ' ନାମକ ଏକ ସାହିତ୍ୟ ପତ୍ରିକାର ସମ୍ପାଦନା କରିଥିଲେ । ସମ୍ପାଦନା କ୍ଷେତ୍ରରେ ତାଙ୍କର ପାରଦର୍ଶିତାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ସେ ଜଣେ ଉଚ୍ଚକୋଟିର ଲେଖକ ମଧ୍ୟ ଥିଲେ । ଏପରିକି ପଣ୍ଡିତ ଗୋପବନ୍ଧୁଙ୍କ ଦ୍ୱାରା ସମ୍ପାଦିତ 'ସତ୍ୟବାଦୀ' ପତ୍ରିକାରେ ନିୟମିତ ଲେଖାଲେଖି କରି ଆସୁଥିଲେ । ଗୋପବନ୍ଧୁଙ୍କ ମୃତ୍ୟୁ ପରେ କିଛି କାଳ ଲାଗି ସେ ଦୈନିକ 'ସମାଜ'ର ସମ୍ପାଦନା ମଧ୍ୟ କରିଥିଲେ । ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ 'ନବଭାରତ' ପତ୍ରିକା ଓଡ଼ିଶାରେ ଖୁବ୍ ପ୍ରଭାବ ପକାଇଥିଲା ସେତେବେଳେ । ଦୁଃଖର କଥା, ସେ 'ନବଭାରତ' ପତ୍ରିକା ଆଉ ପ୍ରକାଶ କରି ନ ପାରିବାରୁ ରାଧାନାଥ ରଥଙ୍କୁ ନବଭାରତ ପ୍ରେସ ସହିତ ପତ୍ରିକାଟିକୁ କରି ବଞ୍ଚାଇ ରଖିବାକୁ ଅନୁରୋଧ କରିଥିଲେ । ରାଧାନାଥ ରଥ 'ସମାଜ' ଦୈନିକର ସମ୍ପାଦନା ତଥା ଲୋକସେବକ ମଣ୍ଡଳୀର ପରିଚାଳନା ଦାୟିତ୍ୱରେ ଥିଲେ ମଧ୍ୟ ସ୍ୱତନ୍ତ୍ର ଭାବେ ମାସିକ 'ନବଭାରତ' ପତ୍ରିକା ପ୍ରକାଶ କରି ନପାରି ପ୍ରତି ସପ୍ତାହରେ ଥରେ 'ନୀଳକଣ୍ଠଙ୍କ ନବଭାରତର ନୂତନ ପ୍ରଷ୍ଠ' ଆକାରରେ ଆଉ କେତୋଟି ପୃଷ୍ଠା 'ସମାଜରେ ପ୍ରକାଶ କଲେ । ତାହାକୁ ସମାଜର ସାହିତ୍ୟ ପୃଷ୍ଠା ଭାବେ ଅବଶ୍ୟ ବିବେଚନା କରାଗଲା । ମାତ୍ର ପଣ୍ଡିତ ନୀଳକଣ୍ଠଙ୍କର ସ୍ୱପ୍ନ ସତେ ଯେପରି ଅଧାରେ ରହିଗଲା । ଏବେ ସମାଜ ଦୈନିକ ସମ୍ବାଦପତ୍ର ରହିଛି । ରବିବାରରେ ପଣ୍ଡିତ ନୀଳକଣ୍ଠଙ୍କର ସେ ନୂତନ ପ୍ରଷ୍ଠ ଆଉ ପ୍ରକାଶ ପାଉ ନାହିଁ । ସେତେବେଳେ 'ସମାଜ' ଏକମାତ୍ର ଦୈନିକ ଭାବେ ପ୍ରଭାବଶାଳୀ ଥିଲେ ମଧ୍ୟ ଏବେ ଏକାଧିକ ଦୈନିକ ସମ୍ବାଦପତ୍ର ପ୍ରଭାବଶାଳୀ ହୋଇ ପ୍ରତିଯୋଗିତା ମଧ୍ୟରେ ନିଜ ନିଜର ସ୍ଥିତି ବଜାୟ ରଖିବାକୁ ଉଦ୍ୟମ କରୁଛନ୍ତି ।

ସାହିତ୍ୟ କ୍ଷେତ୍ରରେ ପଣ୍ଡିତ ନୀଳକଣ୍ଠଙ୍କ କୃତିତ୍ୱ ମଧ୍ୟ ଅବିସ୍ମରଣୀୟ । ତାଙ୍କଦ୍ୱାରା ରଚିତ 'କୋଣାର୍କେ'କୁ ଅନ୍ୟତମ ସର୍ବଶ୍ରେଷ୍ଠ କାବ୍ୟ ଭାବେ ବିବେଚନା କରା ଯାଇଥାଏ । ତାଙ୍କର ରଚିତ ଅନ୍ୟତମ କାବ୍ୟ ହେଉଛି 'ଖାରବେଳ' । ଏ ସବୁ ବିଷୟରେ ଏବେ ଚର୍ଚ୍ଚା ନ ହେବା ଦୁର୍ଭାଗ୍ୟଜନକ । ତାଙ୍କର ଆତ୍ମଜୀବନୀ, ଓଡ଼ିଆ ସାହିତ୍ୟର କ୍ରମପରିଣାମ, ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରଭୃତି ଗଦ୍ୟ ରଚନାଗୁଡ଼ିକ ମଧ୍ୟ ବେଶ ଚିତ୍ତାକର୍ଷକ ।

ଗଭୀର ଅଧ୍ୟୟନ ଓ ଗବେଷଣା ଯୋଗୁଁ ଭାରତର ଜଣେ ବିଦ୍ୱାନ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ । ତତ୍କାଳୀନ କଲିକତା (ଏବର କୋଲକାତା) ବିଶ୍ୱବିଦ୍ୟାଳୟର କୁଳପତି ସାର ଆଶୁତୋଷ ମୁଖାର୍ଜୀଙ୍କ ନିମନ୍ତ୍ରଣ ପାଇ ସେ ୧୯୨୦ ମସିହା ସେପ୍ଟେମ୍ବର ୨୧ ତାରିଖରେ କଲିକତା ବିଶ୍ୱବିଦ୍ୟାଳୟର 'ଆଧୁନିକ ଭାରତୀୟ ସାହିତ୍ୟ ଓ ତୁଳନାତ୍ମକ ଭାଷାତତ୍ତ୍ୱ ବିଭାଗରେ ଓଡ଼ିଆ ଅଧ୍ୟାପକ ଭାବେ ଯୋଗ ଦେଇ ସୁନାମର ଅଧିକାରୀ ହୋଇଥିଲେ । ଓଡ଼ିଆ ଲିପିର ସଂସ୍କାର ମଧ୍ୟ ସେ ଆରମ୍ଭ କରିଥିଲେ ।

ସକ୍ରିୟ ରାଜନୀତିରେ ମଧ୍ୟ ସେ ଜଣେ ବିଚକ୍ଷଣ ବ୍ୟକ୍ତି ଥିଲେ । ୧୯୨୪ରେ ସେ ତତ୍କାଳୀନ କେନ୍ଦ୍ରୀୟ ବ୍ୟବସ୍ଥା ସଭା (Central Assembly)କୁ ବିହାର-ଓଡ଼ିଶା ପ୍ରଦେଶର ଅଣ ମୁସଲମାନ ସଦସ୍ୟ ଭାବେ ସ୍ୱରାଜ ଦଳରୁ ପ୍ରତିନିଧିତ୍ୱ କରିଥିଲେ ।

୧୯୫୭ରେ କଂଗ୍ରେସର ସେ ସତ୍ୟବାଦୀ ବିଧାନସଭା ଆସନରୁ ଅପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ । ସେ ଆଶା କରୁଥିଲେ ଯେ ବିଧାନସଭାର ଅପ୍ରତିଦ୍ୱନ୍ଦୀ ବାଚସ୍ପତି ହେବେ । ମାତ୍ର ରାଜନୀତି କ୍ଷେତ୍ର ସେପରି ନୁହେଁ । ତତ୍କାଳୀନ ବିଧାନସଭାର ସ୍ୱାଧୀନ ବିଧାୟକ ନିତ୍ୟାନନ୍ଦ ମହାପାତ୍ରଙ୍କୁ ପ୍ରଜା ସୋସିଆଲିଷ୍ଟ ଦଳ ସମର୍ଥନ ଜଣାଇବାରୁ ଶ୍ରୀ ମହାପାତ୍ର ତାଙ୍କ ସହ ପ୍ରତିଦ୍ୱନ୍ଦିତା କଲେ । ସମ୍ଭବତଃ ତିନୋଟି ଭୋଟ ନାକଚ ହୋଇଯାଇଥିଲା । ମାତ୍ର ତେରଗୋଟି ଭୋଟରେ ଶ୍ରୀ ମହାପାତ୍ର ହାରି ଯାଇଥିଲେ । ଡଃ ହରେକୃଷ୍ଣ ମହତାବ ସେତେବେଳେ ମୁଖ୍ୟମନ୍ତ୍ରୀ । ପଣ୍ଡିତ ନୀଳକଣ୍ଠ ବାଚସ୍ପତି ହେବା ପରେ ସ୍ୱାଧୀନ ବିଧାୟକ ଶ୍ରୀ ମହାପାତ୍ର ବିଧାନସଭାରେ ତାଙ୍କୁ ଅଭିନନ୍ଦନ ଜଣାଇବାର ସୁଯୋଗ ପାଇବାରୁ କହିଥିଲେ, 'ଆପଣ ସାହିତ୍ୟ କ୍ଷେତ୍ରରେ ମୋର ଗୁରୁ । ଆପଣଙ୍କଠାରୁ ପ୍ରତିଦ୍ୱନ୍ଦିତାରେ ହାରିଯାଇ ମୁଁ ନିଜକୁ ଗୌରବାନ୍ୱିତ ଓ ଭାଗ୍ୟବାନ ମନେକରୁଛି ।' ସେହିପରି ଡଃ ମହତାବ ମୁଖ୍ୟମନ୍ତ୍ରୀ ଓ ଗୃହର ନେତା ଭାବେ ପଣ୍ଡିତ ନୀଳକଣ୍ଠଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, 'ଆପଣଙ୍କ ପରି ଜଣେ ବ୍ୟକ୍ତି ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିଥିବାରୁ ଆମେମାନେ ଗର୍ବିତ ।' ଏବର ରାଜନୀତିରେ ସମ୍ଭବତଃ ଏପରି ଦୃଷ୍ଟାନ୍ତ ବିରଳ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# କାରଗିଲ୍ ଯୁଦ୍ଧ ସମ୍ପର୍କରେ କିଛି



ରୁଚିର କୁମାର ପାଣିଗ୍ରାହୀ

ଦୁଇ ପଡୋଶୀ ଦେଶ ଭାରତ ଓ ପାକିସ୍ତାନ, ୧୯୬୫ ମସିହା ଯୁଦ୍ଧରଉର ଘଡିସନ୍ଧି ମୁହୂର୍ତ୍ତରେ ତତ୍କାଳୀନ ଦେଶଭକ୍ତ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୂର ଶାସ୍ତ୍ରୀ ' ଜୟ ଜୱାନ, ଜୟ କିଶାନ୍'ର ଧ୍ୱନିଦେଇ ଦେଶବାସୀଙ୍କ ହୃଦୟ ଜିତିଥିଲେ । ଏହି ଧ୍ୱନିର ଅନ୍ତର୍ନିହିତ ଅର୍ଥ ଓ ଉଦ୍ଦେଶ୍ୟକୁ ଆଲୋଚନା କଲେ ଜଣାଯାଏ ଯେ ସେ ସମୟରେ ଯୁଦ୍ଧ ଜନିତ ଧନ-ଜୀବନ କ୍ଷତି ଓ ଖାଦ୍ୟାଭାବର ପ୍ରଭାବକୁ ହୃଦୟଙ୍ଗମ କରି ଆମ ଦେଶର ସୈନିକ ଓ କୃଷକଙ୍କର ମନୋବଳକୁ ଦୃଢ଼କରି କର୍ତ୍ତବ୍ୟ ପଥରେ ଆଗେଇଯିବାକୁ ସେ ଉତ୍ସାହିତ କରିଥିଲେ । ଉଭୟ ସୈନିକ ଓ କୃଷକ ଦେଶର ସମ୍ପତ୍ତି । ସୈନିକ ସର୍ବଦା ଦେଶର ନିରାପତ୍ତା ତଥା ଶତ୍ରୁଦେଶ ପ୍ରତି ସତର୍କ ଦୃଷ୍ଟି ରଖିଥାଏ । ସେମାନଙ୍କର ସେବା, ବଳିଦାନ ଓ ତ୍ୟାଗ ସର୍ବଦା ସ୍ୱୀକାର୍ଯ୍ୟ ଅଟେ । କାରଗିଲ୍ ବିଜୟ ଦିବସ ଆମ ଦେଶ ସୈନିକମାନଙ୍କର ବଳିଦାନ ଓ ଉତ୍ସର୍ଗୀକୃତ ଜୀବନର ନିଦର୍ଶନ ଅଟେ । ଏହି ଦିନ ପାକିସ୍ତାନକୁ ହରାଇ ଆମ ସୈନିକମାନେ କାରଗିଲ ଠାରେ ବିଜୟବାନା ଉଡାଇଥିଲେ ।

ଆଲୋଚନା ଗୋଟିଏ ଗପରୁ ଆରମ୍ଭ କରିବା । ପ୍ରାୟ ୨୫୦୦ବର୍ଷରୁ ଉର୍ଦ୍ଧ୍ୱ ସମୟର କଥା । ରୋମ୍ ସାମ୍ରାଜ୍ୟ ଥିଲା ଏକ ସାଧାରଣତନ୍ତ୍ର । ସ୍ୱାଭାବିକ ଭାବରେ ରୋମ୍‌ବାସୀମାନେ ଦୈନନ୍ଦିନ କୃଷି କର୍ମରେ ନିଜକୁ ନିୟୋଜନ କରୁଥିଲେ । ମାତ୍ର ଦୈବାତ୍ ଯଦି ନିଜ ଦେଶ ଉପରେ କିଏ ଆକ୍ରମଣ କଲା, ସେମାନେ ବନିଯାଉଥିଲେ ସୈନିକ । ଦେଶର ପ୍ରତିରକ୍ଷା ପାଇଁ ସେମାନେ ସର୍ବଦା ସୀମା ଉପରେ ନଜର ରଖିଥାନ୍ତି । ଦିନକର କଥା, ଗୋଟିଏ ଉପତ୍ୟକାରେ ଦେଶର ସୈନ୍ୟବାହିନୀ ବିଶ୍ରାମ କରୁଥିବାବେଳେ ଏକ ଶତ୍ରୁ ଦେଶର ଆକ୍ରମଣକାରୀ ସୈନଦଳ ଆସି ତାଙ୍କୁ ଘେରିଗଲେ । ସେତବେଳେ ସନ୍ଧ୍ୟା ସମୟ । ଜଣେ କୃଷକ ସିନ୍‌ସିନାଟସ ଦୂର ବିଲରେ ହଳ କରୁଥିଲେ । ସେ ଥିଲେ ସାହସୀ ଓ ବୁଦ୍ଧିମାନ୍ । ଆକ୍ରମଣର ଖବର ପାଇ ନଗର ଭିତରକୁ ଚାଲିଆସିଲେ । ସମର୍ଥ ନାଗରିକମାନଙ୍କୁ ଖଣ୍ଡିଏ ଲେଖାଁ କାଠପଟ୍ଟା ଧରି ଗୋଟିଏ ସ୍ଥାନରେ ଏକତ୍ର ହେବାକୁ ଅନୁରୋଧ କଲେ । ସେମାନଙ୍କୁ ନେଇ ଶତ୍ରୁବଳୟ ଚତୁର୍ଦ୍ଦିଗରେ ଆଉ ଏକ ବଳୟ ସୃଷ୍ଟି କଲେ । ପ୍ରତ୍ୟେକ ନାଗରିକ ନିଜ ଆଗରେ କାଠପଟ୍ଟାକୁ ପୋତି ପଛରେ ଛିଡା ହୋଇରହିଲେ । ସକାଳ ବେଳକୁ ଶତ୍ରୁବାହିନୀ ରୋମ୍‌ର ଜନତାଙ୍କୁ ଘେରିବାର ଦେଖି ଆତ୍ମସମର୍ପଣ କଲେ । ସମସ୍ତେ ବନ୍ଦୀ ହେଲେ ଓ ରୋମ୍ ବିଜୟୀ ହେଲା । ରୋମ୍‌ବାସୀ ସିନ୍‌ସିନାଟାସ୍‌କୁ ସର୍ବୋଚ୍ଚ ଶାସକ ହେବା ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ସେ ପୁଣି ବିଲକୁ ହଳଧରିବା ପାଇଁ ପ୍ରତ୍ୟାବର୍ତ୍ତନ କଲେ । ନିଜ ଜନ୍ମଭୂମିକୁ ଶତ୍ରୁକବଳରୁ ରକ୍ଷା କରିବା ତାଙ୍କର କର୍ତ୍ତବ୍ୟ ବୋଲି କହିଲେ । ଏହାହିଁ ଦେଶ ପ୍ରେମ ଅଟେ । ଦେଶର ପ୍ରତ୍ୟେକ ସୈନ୍ୟ ଦେଶମାତୃକାର ସେବା ପାଇଁ ସର୍ବଦା ପ୍ରସ୍ତୁତ ଥାନ୍ତି ଏବଂ ଶତ୍ରୁପକ୍ଷର ଆକ୍ରମଣକୁ ପ୍ରତିହତ କରିବା ପାଇଁ ଆଗେଇ ଆସିଥାନ୍ତି । କାରଗିଲ୍ ଯୁଦ୍ଧରେ ବିଜୟପ୍ରାପ୍ତ କରିବା ଏହାର ଏକ ନମୂନା ଅଟେ । ପାକିସ୍ତାନ ଦେଶର ଚକ୍ରାନ୍ତକୁ ପଣ୍ଡକରି ଭାରତର ସୈନିକମାନେ ସେମାନଙ୍କୁ ଯୁଦ୍ଧରେ ପରାସ୍ତ କରି ସେମାନଙ୍କର ପାରାକାଷ୍ଠାକୁ ପ୍ରମାଣିତ କରିଥିଲେ ।

ସ୍ୱାଧୀନତା ଆନ୍ଦୋଳନ ଦ୍ୱାରା ଦେଶ ସିନା ସ୍ୱାଧୀନ ହେଲା, ମାତ୍ର ଭାରତ ଓ ପାକିସ୍ତାନ ହୋଇ ଦୁଇଭାଗରେ ବିଭକ୍ତ ହୋଇଗଲା । ପଡୋଶୀ ଦେଶ ହେଲେ ମଧ୍ୟ ବିଚାରଧାରା, ସୀମା ବିବାଦ ଓ ଆତଙ୍କବାଦ ଦୃଷ୍ଟିରୁ ପାକିସ୍ତାନ ଭାରତର ଶତ୍ରୁ ଭାବରେ ପରିଗଣିତ । ଲଦାଖ୍‌ର କାର୍‌ଗିଲ୍ ଅଞ୍ଚଳ ସମୁଦ୍ର ପତନ ଠାରୁ ୨୬୭୬ ମିଟର ବା ୮୭୮୦ ଫୁଟ ଉଚ୍ଚରେ ଏକ ପାହାଡିଆ ଓ ଦୁର୍ଗମ ଅଞ୍ଚଳ ଭାବରେ ପରିଚିତ । ମଇ ମାସ ୮ ତାରିଖ ୧୯୯୯ ମସିହା ଦିନ କିଛି ଭାରତ ବିରୋଧୀ ଆତଙ୍କବାଦୀ ପାକିସ୍ତାନ ସୈନିକଙ୍କ ସହ ହାତମିଳାଇ ଦେଶ ବିରୁଦ୍ଧରେ ଷଡଯନ୍ତ୍ର କରୁଥିବାର ଜଣାପଡିଲା । ଏହି କାରଗିଲ୍ ଏକ ସୁ-ଉଚ୍ଚ, ଦୁର୍ଗମ ତଥା ବିପଦପୂର୍ଣ୍ଣ ପାହାଡ ଅଟେ । ପାକ୍-ସୈନିକମାନେ ଲୁଚିଛପି ନିୟନ୍ତ୍ରଣ ରେଖାକୁ ଅକ୍ତିଆର କରିସାରିଥିଲେ । ଯେତେବେଳେ ଏହି ଘଟଣା ଜଣାପଡିଲା, ଜବାବ୍ ସ୍ୱରୂପ ଭାରତୀୟ ସେନା ତ୍ୱରିତ ସେମାନଙ୍କୁ ଘଉଡେଇବା ପାଇଁ ଆଗଭର ହେଲେ । ଖରାପ ପାଗ, ସୁ-ଉଚ୍ଚ ଶୃଙ୍ଗ ଏବଂ ସୀମିତ ସମ୍ବଳ ମଧ୍ୟରେ ଯୁଦ୍ଧ ପରିସ୍ଥିତିର ସାମ୍ନା କରିବାକୁ ହେଉଥିଲା । ଶତ୍ରୁପକ୍ଷର ଘନ-ଘନ ଗୁଳିବର୍ଷଣ ଓ ପ୍ରତି ମୁହୂର୍ତ୍ତରେ ଜୀବନ ଯିବାର ଭୟ ଥିଲେବି ଖାତିର୍ ନକରି ଆମ ସେନାମାନେ ସତର୍କତା ସହ ଆଗକୁ ବଢ଼ି ଚାଲିଥିଲେ । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ ଭାରତୀୟ ଆକାଶ ବାହିନୀ । ଚାଲିଲା ଶତ୍ରୁ ନିପାତର କାର୍ଯ୍ୟକ୍ରମ । ଏହି ଯୁଦ୍ଧରେ ଆମ ଦେଶର ୫୨୭ଜଣ ଶହୀଦ ହେଲେ ଏବଂ ୧୩୬୩ ଜଣ କ୍ଷତାକ୍ତ ହୋଇଥିଲେ । ପାକିସ୍ତାନର ୪୫୩ଜଣଙ୍କୁ ନିପାତ କରି ବିଜୟବାନା ଉଡାଇଲେ । ପାକିସ୍ତାନର ତତ୍କାଳୀନ ସେନାଧ୍ୟକ୍ଷ ପରଭେଜ୍ ମୁଶାରଫ ଏହି ଯୁଦ୍ଧର ନେତୃତ୍ୱ ନେଇଥିଲେ । ସେ ପାକିସ୍ତାନରେ ଚାଲିଥିବା ଗଣତାନ୍ତ୍ରିକ ସରକାରଙ୍କୁ ହଟାଇ କୌଶଳକ୍ରମେ ରାଷ୍ଟ୍ରମୁଖ୍ୟ ହୋଇ ୯ବର୍ଷ ଶାସନ ଭାର ସମ୍ଭାଳିଥିଲେ ।

ପାକିସ୍ତାନର ଲାହୋର ଠାରେ ଫେବୃୟାରୀ ମାସ ୧୯୯୯ବର୍ଷରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ଓ ସୀମା ବିବାଦରେ ସମାଧାନ କରିବା । ମାତ୍ର କାରଗିଲରେ ଅନଧିକାର ପ୍ରବେଶ ଏହାକୁ ଫଳଶୂନ୍ୟ କରିଦେଲା । ନିୟନ୍ତ୍ରଣ ରେଖାକୁ ଅକ୍ତିଆର କରି କାରଗିଲ୍ ଶୃଙ୍ଗକୁ ଦଖଲ କରିବାର ମୂଳ ଉଦ୍ଦେଶ୍ୟ ଥିଲା କାରଗିଲ ଓ କାଶ୍ମୀର ମଧ୍ୟରେ ଶ୍ରୀନଗର ଓ ଲେହର ଗମନାଗମନ ପଥକୁ ବିଚ୍ଛିନ୍ନ କରି ଅଶାନ୍ତିର ବାତାବରଣ ଖେଳାଇବା । ଛଦ୍ମବେଶରେ କାଶ୍ମୀର ସ୍ଥାନୀୟ ବିଦ୍ରୋହୀ ଭାବରେ ପରିଚୟ ସୃଷ୍ଟିକରି ନିୟନ୍ତ୍ରଣ ରେଖାରେ ପାକିସ୍ତାନ ସୈନିକମାନେ ଉପସ୍ଥିତି ଜାହିର କରିବାକୁ ଚେଷ୍ଟା କରିଥିଲେ । ଯେତେବେଳେ ଦୁଇ ପରମାଣୁ ଶକ୍ତି ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଦେଖାଦେଲା, ଅନ୍ତର୍ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ ହେଲା ଏବଂ ପାକିସ୍ତାନ ନିଜକୁ ଦୂରେଇ ରଖି ଦାବି କଲା ଯେ ଏହା କାଶ୍ମୀର ବିଦ୍ରୋହୀ ଓ ଭାରତୀୟ ସୈନ୍ୟଙ୍କ ମଧ୍ୟରେ ବିବାଦ ଅଟେ । କିନ୍ତୁ ସାକ୍ଷ୍ୟ-ପ୍ରମାଣ, ମୃତ ସୈନିକମାନଙ୍କର ପ୍ରାମାଣିକ ଦଲିଲ୍‌ପତ୍ର ଓ ପରବର୍ତ୍ତୀ ସମୟରେ ପାକିସ୍ତାନ ପଦାଧିକାରୀଙ୍କର ସ୍ୱୀକାରୋକ୍ତିରୁ ପ୍ରମାଣିତ ହେଲା ଯେ ଏହା ପାକିସ୍ତାନ ସାମରିକ ବାହିନୀର କାର୍ଯ୍ୟ ଥିଲା । ସେମାନେ ଚାହୁଁଥିଲେ ଯେ ଏଭଳି ଆତଙ୍କ ଏବଂ ଅଶାନ୍ତିର ପରିସ୍ଥିତି ସୃଷ୍ଟି ହେବ, ଯେପରି ଅନ୍ତର୍ଜାତୀୟ ସ୍ତରରେ ଭାରତ ବାଧହେବ ବୁଝାମଣା କରିବା ପାଇଁ । ଫଳ ଓଲଟା ହେଲା । ପାକିସ୍ତାନ ବିଶ୍ୱ ଦରବାରରେ ନିନ୍ଦିତ ହେଲା ଓ କୁଟନୈତିକ ସ୍ତରରେ ଏକୁଟିଆ ହୋଇଗଲା ।

ଭାରତରେ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳବିହାରୀ ବାଜପେୟୀଙ୍କ ସମୟରେ କାରଗିଲ୍ ଯୁଦ୍ଧ ହୋଇଥିଲା । ସେବା ପାଇଁ ଆମ ଦେଶର ସେନା କିଭଳି ଉତ୍ସର୍ଗୀକୃତ ମନଦେଇ କାର୍ଯ୍ୟ କରିଥିଲେ, ତାର ପ୍ରମାଣ ମିଳେ । ଭାରତୀୟ ସେନା ଜୁଲାଇ ମାସ ୨୬ ତାରିଖ ୧୯୯୯ ମସିହା ଦିନ କାରଗିଲ ଯୁଦ୍ଧର ବିଜୟପ୍ରାପ୍ତ କରିଥିବାରୁ ପ୍ରତ୍ୟେକ ବର୍ଷ ଏହି ଦିନଟିକୁ ଉଜ୍ଜୀବୀତ ରଖିବା ପାଇଁ ' କାରଗିଲ୍ ବିଜୟ ଦିବସ' ଭାବରେ ମଧ୍ୟ ପାଳନ କରାଯାଇଥାଏ । ଏହି ଯୁଦ୍ଧରେ ଟୋଲିଲିଙ୍ଗ ଓ ଟାଇଗର ହିଲ୍ ଓ ପଏଣ୍ଟ ୫୧୪୦କୁ ନିୟନ୍ତ୍ରଣକୁ ଅଣାଯାଇଥିଲା । ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରତ୍ୟେକ ବର୍ଷ ଇଣ୍ଡିଆ ଗେଟ୍ ଠାରେ ଅମର ଜୱାନ୍ ଜ୍ୟୋତି ଠାରେ ସମସ୍ତ ଶହୀଦ ଯୋଦ୍ଧାଙ୍କୁ ଶ୍ରଦ୍ଧା-ସୁମନ ଅର୍ପଣ କରିଥାନ୍ତି । କାରଗିଲ୍ ଯୁଦ୍ଧ ଭାରତର ସାର୍ବଭୌମତ୍ୱକୁ ବଜାୟ ରଖିବା ଏବଂ ସୀମା ବିବାଦ ସହ କାଶ୍ମୀର ସମସ୍ୟାର ସମାଧାନ ପନ୍ଥାକୁ ଗୁରୁତ୍ୱ ଦେଇ ସତର୍କ ରହିବାର ଶିକ୍ଷାଲାଭ କରିପାରିଲା ।

**ଅମଲାପଡା ୨ୟ ଲେନ୍, ଅନୁଗୁଳ**
**ମୋ-୯୪୩୭୩୩୪୦୦୮**

# ଅନନ୍ୟ ଶିକ୍ଷାନୁଷ୍ଠାନ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ



ପ୍ରଫେସର ରମାକାନ୍ତ ମହାଲିକ

**ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ପ୍ରତିଷ୍ଠା ଦିବସ ଉପଲକ୍ଷେ**

ଆଜିକୁ ପ୍ରାୟ ଛ' ଦଶନ୍ଧି ତଳେ ୧୯୬୩ ମସିହାରେ ଭୁବନେଶ୍ୱରର ଏକ ପ୍ରମୁଖ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିଲା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ । ଶିକ୍ଷା, ଶିକ୍ଷକ, ଶିକ୍ଷାୟତନର ସର୍ବୋଚ୍ଚ କେନ୍ଦ୍ର ଜାତୀୟ ଶିକ୍ଷା ଗବେଷଣା ପରିଷଦ ଓ ତାଲିମ (ଏନସିଇଆରଟିର)ର ଏହା ଏକ ଅଂଶ ବିଶେଷ । ଭୋପାଳ, ଆଜମେର, ମୈସୁର ଓ ଶିଲଂ ସହ ଭୁବନେଶ୍ୱରର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଏନସିଇଆରଟି ବିଶାଳ ମହାଦ୍ରୁମର ପାଞ୍ଚଟି ଶାଖା ଭଳି ଏହା ଶିକ୍ଷା କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟକରି ଆସିଛି ।

ଅଧୁନା ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅଭିନନ୍ଦନୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ଯୋଗୁଁ ନେଲୋରଠାରେ ଆଉ ଏକ ଶାଖା ପ୍ରତିଷ୍ଠା ହେଉଛି । ଜାତୀୟ ଶିକ୍ଷା ନୀତି ୨୦୨୦ ଯେଉଁଭଳି ଭାରତବର୍ଷର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ସହ ଏକ ସମୃଦ୍ଧ ବିକଶିତ ଦେଶ ଗଠନ ଦିଗରେ ଏହାକୁ ଅଗ୍ରସର କରାଇ ନେଉଛି, ସେଭଳି ଏହି ଶିକ୍ଷାନୀତିର କାର୍ଯ୍ୟକାରିତା ଦିଗକୁ ଯଥେଷ୍ଟ ଗୁରୁତ୍ୱ ଦେଉଛି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ।

ପୂର୍ବରୁ Regional College of Education ସଂକ୍ଷେପରେ RCE ଥିବା ଏହି ପ୍ରତିଷ୍ଠାନ ବର୍ତ୍ତମାନ Regional Institute of Education ବା ସଂକ୍ଷେପରେ RIE ଭାବେ ପରିଚିତ । ସଚିବାଳୟ ମାର୍ଗ ବା ଜବାହରଲାଲ ମାର୍ଗରେ ଅବସ୍ଥିତ ଏହି ଶିକ୍ଷାନୁଷ୍ଠାନ ପୂର୍ବ ଭାରତରେ ଏକ ପ୍ରମୁଖ ଅନୁଷ୍ଠାନ ଯେଉଁଠାରେ ଶିକ୍ଷକ ଶିକ୍ଷା, ପାଠ୍ୟକ୍ରମ ପରୀକ୍ଷଣ, ଶିକ୍ଷା ସଂସ୍କାରକୁ ଉନ୍ନତ କରିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନା ସହ ଅନୁଭବ ଆଧାରିତ ଶିକ୍ଷା ବିଷୟ ଅନୁଶୀଳନ, ବହୁଭାଷିକତା, ବିବିଧତା ଆଦି ବ୍ୟାପକ କାର୍ଯ୍ୟ ହାତକୁ ନେଇ ସଫଳ ହୋଇପାରିଛି । ଶିକ୍ଷାଶାସ୍ତ୍ରର ବୈଶିଷ୍ଟ୍ୟ ବିଚାର ସହ, ଆଲୋଚନା, କର୍ମଶାଳା, ପାଠ୍ୟକ୍ରମ ବିଚାରବିମର୍ଶ ଆଦି ବ୍ୟାପକ ବିଷୟ ଅନ୍ତର୍ଭୁକ୍ତ ହୋଇ ମୌଳିକ ସ୍ତର ନିମିତ୍ତ ଜାତୀୟ ପାଠ୍ୟକ୍ରମ ରୂପରେଖ ଭଳି ଜାତୀୟ ଶିକ୍ଷାନୀତିର ବହୁ ଆଭିମୁଖ୍ୟକୁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ କାର୍ଯ୍ୟକାରୀ କରି ନିଜ ଭୂମିକା ନିର୍ବାହ କରୁଛି ।

ଏନ୍.ସି ଇ. ଆର. ଟି ର ନିର୍ଦ୍ଦେଶକ ପ୍ରଫେସର ଦୀନେଶ ପ୍ରସାଦ ସକଲାନୀଙ୍କ ଦିଗ୍‌ଦର୍ଶନରେ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ତଥା ଅଧୁନା ଏନ୍.ସି.ଇ.ଆର.ଟିର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ କାର୍ଯ୍ୟକାଳ ସମୟରେ ପ୍ରତିଷ୍ଠାନର କଳେବର ଅନେକାଂଶରେ ସୌନ୍ଦର୍ଯ୍ୟ ମଣ୍ଡିତ ହୋଇଥିବାବେଳେ ବର୍ତ୍ତମାନର ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀଙ୍କ ନେତୃତ୍ୱରେ ଆହୁରି ଅଧିକ ଛବିଳ ଓ ଚଳଚଞ୍ଚଳ ହୋଇଛି ।

ପ୍ରତିଷ୍ଠାନ ପରିସରରେ ଥିବା ହୋମିଭାବା ଓ ରାମାନୁଜନ ଛାତ୍ରାବାସ, ଆଶୁତୋଷ, ଲକ୍ଷ୍ମୀବାଇ ଓ ଗୋପବନ୍ଧୁ ଛାତ୍ରୀନିବାସ ସରୋଜିନୀ ଓ ନୂଆ ଅତିଥି ନିବାସରେ ନବୀକରଣ ସହ ଏହାର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ ପାଇଁ ପଦକ୍ଷେପ ନିଆଯାଉଛି । ସର୍ବଭାରତୀୟ ସ୍ତରରେ କଳାଉତ୍ସବ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସମୂହ କ୍ରୀଡ଼ା ମହୋତ୍ସବ ଆଦି ବ୍ୟାପକ କାର୍ଯ୍ୟକ୍ରମ ସଫଳତାରେ ସହ ଆୟୋଜନ କରିଥିବାରୁ କେନ୍ଦ୍ରଶିକ୍ଷା ମନ୍ତ୍ରାଳୟ ଦ୍ୱାରା ପ୍ରଶଂସା ପାଇପାରିଛି ଆଞ୍ଚଳିକ ଶିକ୍ଷାପ୍ରତିଷ୍ଠାନ । NCF -FS ଓ NCF - SEକୁ ଓଡ଼ିଆ ଓ ବଙ୍ଗଳା ଭାଷାରେ ଅନୁବାଦ ହେଉ କି ଏନ୍.ସି.ଇ.ଆର.ଟିର ମନୋଦର୍ପଣ କକ୍ଷର ପୁସ୍ତିକା ଯୌନ ନିର୍ଯାତନା ନିରାକରଣ ଆଦିର ଅନୁବାଦ ବି ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଆ ଓ ବଙ୍ଗଳା ଭାଷାରେ ହୋଇଛି ।

ଏହା ସହ କୁଇ ଓ ଦେଶିଆ ଭାଷାର ପ୍ରାଥମିକ ପୁସ୍ତିକା, ପ୍ରତିଷ୍ଠାନ ସହଯୋଗରେ ପ୍ରକାଶିତ । ବି. ଏଡ., ଏମ. ଏଡ., ବିଏ. ବି. ଏଡ., ବିଏସସି ବି. ଏଡ. ଭଳି ବହୁ ଶିକ୍ଷାଭିତ୍ତିକ ପାଠପଢ଼ାର ପୀଠ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ । ତେବେ ଶିକ୍ଷା ଅଧ୍ୟୟନ, ଅଧ୍ୟାପନା ଓ ଅନୁଶୀଳନ ସହ ଏସମ୍ପର୍କିତ ଆଲୋଚନା, ଗବେଷଣା, କର୍ମଶାଳା ବୌଦ୍ଧିକ ଉପସ୍ଥାପନ ଏବଂ ଓଡ଼ିଶା, ବିହାର ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ - ନିକୋବର ଦ୍ୱୀପପୁଞ୍ଜରେ ଶିକ୍ଷା ଶିକ୍ଷକ କାର୍ଯ୍ୟକ୍ରମ ଆୟୋଜନ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସଫଳତାର ଲମ୍ବା ତାଲିକା ।

ଆଜି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ । ଏହା ଏମିତି ସଫଳତାର ସହ ଆଗକୁ ଆହୁରି ସଗର୍ବେ ଗତିଶୀଳ ହେଉ , ଏହା ଆଶା ଓ ବିଶ୍ୱାସ । ବିଶେଷକରି ଏନ୍.ସି ଇ. ଆର. ଟି ର ନିର୍ଦ୍ଦେଶକ ପ୍ରଫେସର ଦୀନେଶ ପ୍ରସାଦ ସକଲାନୀଙ୍କ ଦୃଢ ନେତୃତ୍ୱରେ ପରିଚାଳିତ ପ୍ରତିଷ୍ଠାନ ରାଜ୍ୟରେ 'ଜାତୀୟ ଶିକ୍ଷାନୀତି ୨୦୨୦'କୁ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟରେ ଏସ.ସି.ଇ.ଆର.ଟିକୁ ନିଷ୍ଠାର ସହ ଯେଭଳି ସହଯୋଗ କରି 'ଯାଦୁପେଡ଼ି'ସମେତ ଅନେକ ନୂଆ ଯୋଜନାକୁ ରୂପାୟନ ଦେଉଛି, ସେହିସବୁ କାର୍ଯ୍ୟ ପାଇଁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଅନନ୍ୟ ଓ ଅଭିନନ୍ଦନୀୟ ।

**ପ୍ରଫେସର, ଶିକ୍ଷା ବିଭାଗ,ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ,ସଚିବାଳୟ ମାର୍ଗ, ଭୁବନେଶ୍ୱର**
**ମୋ-୯୯୩୮୧୦୩୫୯୫**

# ଶିଶୁଙ୍କ ପାଇଁ ବର୍ଷାଦିନିଆ ଋତୁକାଳୀନ ଜ୍ୱର

ପ୍ରଫେସର ଡାଃ ଜ୍ୟୋତିରଞ୍ଜନ ଚମ୍ପତିରାୟ

ମୌସୁମୀ ବର୍ଷା, ଲଗାଣ ବର୍ଷା ବେଳେ ବେଳେ ହେଉଛି । ଏହି ସମୟରେ ପିଲାମାନେ ଅନେକ ଶାରୀରିକ ସମସ୍ୟାକୁ ସାମ୍ନା କରିଥାନ୍ତି । ବର୍ଷା ଦିନଟି ବାସ୍ତବରେ ଆନନ୍ଦଦାୟକ ହୋଇଥିଲେ ମଧ୍ୟ କିଛି ସତର୍କତା ଅବଲମ୍ବନ କଲେ ଏହା ପିଲାମାନଙ୍କ ପାଇଁ କୌଣସି ଜଟିଳ ରୋଗର କାରଣ ହେବନାହିଁ ।

ସାଧାରରତଃ ବର୍ଷା ଦିନେ ମଶା ମାଛିଙ୍କ ବଂଶବୃଦ୍ଧି ଘଟିଥାଏ । ଫଳରେ ବିଭିନ୍ନ ଭାଇରସ ଦ୍ୱାରା ପିଲାଙ୍କ ଠାରେ ଋତୁକାଳୀନ ଜ୍ୱର, ଜଣ୍ଡିସ, ନିମୋନିଆ, ଡାଇରିଆ, ଡିସେଣ୍ଟ୍ରି, ଟାଇଁଫଏଡ୍, ଡେଙ୍ଗୁ ଓ ମ୍ୟାଲେରିଆ ଆଦି ରୋଗ ହୋଇଥାଏ । ଜ୍ୱର, ଛିଙ୍କ, ଥଣ୍ଡା, ମୁଣ୍ଡବିନ୍ଧା, ଗୋଡ଼ହାତ ବିନ୍ଧା ଓ ହାଲିଆ ଲାଗିବା ହେଉଛି ଋତୁକାଳୀନ ଜ୍ୱରର ଲକ୍ଷଣ ।

ସାଧାରଣ ଥଣ୍ଡା ସାଧାରଣତଃ ତିନିରୁ ପାଞ୍ଚ ଦିନ ମଧ୍ୟରେ ଭଲ ହୋଇଯାଏ । ଓଆରଏସ ପାଣି, ପାରାସିଟାମଲ ଓ ସାଧାରଣ ଥଣ୍ଡା ଔଷଧରେ ଏହି ରୋଗ ଭଲ ହୋଇଥାଏ । ସିଜିନାଲ ଫ୍ଲୁ କିନ୍ତୁ ପୁଷ୍ଟିହୀନ ଓ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ପିଲାଙ୍କ ପାଇଁ ମାରାତ୍ମକ ହୋଇପାରେ । ଏପରି ସ୍ଥଳେ ତୁରନ୍ତ ଶିଶୁ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରାଯିବା ଉଚିତ ।

ବର୍ଷାଦିନେ ବିଶେଷକରି ନବଜାତ ପିଲାମାନଙ୍କୁ ଜଣ୍ଡିସ ହେବାର ଦେଖା ଦେଇଥାଏ । ଜଣ୍ଡିସକୁ ନେଇ ସଚେତନତାର ଅଭାବରୁ ଅଭିଭାବକମାନେ ଅସ୍ତବ୍ୟସ୍ତ ହୋଇପଡ଼ିଥାନ୍ତି ଓ ଧୈର୍ଯ୍ୟହରା ହୋଇ ସେମାନେ ଚିକିତ୍ସା ବିଳମ୍ବିତ କରିଥାନ୍ତି କିମ୍ବା ଅବହେଳା ମଧ୍ୟ କରିଥାନ୍ତି । ତେବେ ମୂଳ କଥା ହେଉଛି ସାଧାରଣତଃ ହେପାଟାଇଟିସ ଏ, ବା ଇ, ଦ୍ୱାରା ଏହା ହୋଇଥାଏ ।

ମା'ଙ୍କ ବ୍ଲଡ଼ଗ୍ରୁପ ଯଦି 'ଓ' ଓ ପିଲାର 'ଏ' କିମ୍ବା 'ବି' ଅଥବା ମା'ର ନେଗେଟିଭ ଓ ପିଲାର ପଜିଟିଭ ବା ମା'ର ଥାଇରଏଡ୍ କି ଅନ୍ୟ ଜନ୍ମଗତ ରୋଗ ଥିବ କିମ୍ବା ଶିଶୁ ଅପରିପକ୍ୱ ଭାବେ ଜନ୍ମ ହୋଇଥିବ ତେବେ ଜଣ୍ଡିସ ହେବାର ଆଶଙ୍କା ଅଧିକ । ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ । ଏଥିରେ ପିଲାକୁ ହସ୍ପିଟାଲରେ ରଖି ଚିକିତ୍ସା କରିବା ଉଚିତ ।

ସାଧାରଣତଃ ବର୍ଷାଦିନକୁ ନେଇ ବା ଲଗାଣ ବର୍ଷାକୁ ନେଇ ସେପରି କିଛି ଆତଙ୍କିତ ହେବାର କାରଣ ନାହିଁ । ତେବେ ବର୍ଷା ଦିନେ ସର୍ବନିମ୍ନ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କଲେ ପିଲାଟି ପାଇଁ ଏହି ଋତୁ କଷ୍ଟଦାୟକ ନହୋଇ ବରଂ ଆନନ୍ଦଦାୟକ ହୋଇପାରିବ । ବର୍ଷାଦିନରେ ପିଲାଙ୍କ ହାତକୁ ବାରମ୍ବାର ଧୋଇ ସଫା କରିବା ସହ ସେମାନଙ୍କୁ ଫୁଟାପାଣି ପିଆଇବା, ଗରମ ଘରରନ୍ଧା ଖାଦ୍ୟ ଖୁଆଇବା, ଘର ଓ ଘରର ଚାରିପଟକୁ ପରିଚ୍ଛନ୍ନ ରଖିବା, ମଶାରି ଲଗାଇ ଶୁଆଇବା, ଫୁଲ ସାର୍ଟ ବା ଫୁଲ ପ୍ୟାଣ୍ଟ ପିନ୍ଧାଇବା ଦରକାର । ବର୍ଷାଋତୁ ଆରମ୍ଭରେ ଫ୍ଲୁ ଟିକା ଏବଂ ଡାକ୍ତରଙ୍କ ପରାମର୍ଶରେ ହେପାଟାଇଟିସ ଏ ଓ ଟାଇଫଏଡ୍ ଟିକା ନେବା ଉଚିତ ।

ସର୍ବ ପ୍ରଥମେ ପିଲାଟିକୁ କୌଣସି ରୋଗ ଯନ୍ତ୍ରଣା ହେଲେ ନିଶ୍ଚିନ୍ତ ଭାବେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ ସବୁ କ୍ଷେତ୍ରରେ ସରକାରୀ ଡାକ୍ତରଖାନାର ସୁଯୋଗ ହିଁ ନିଅନ୍ତୁ । ପିଲାଟିର ରୋଗ ପ୍ରତିରୋଧକ ଶକ୍ତି କିପରି ବୃଦ୍ଧି ପାଇବ ସେ ଦିଗକୁ ଅନେକ ଅଭିଭାବକ ଅଣଦେଖା କରିଥାନ୍ତି, ଯାହାଦ୍ୱାରା ପିଲାବେଳୁ ସେମାନେ ଅନେକ ରୋଗର ପରିପାର୍ଶ୍ୱିକ ପ୍ରତିକ୍ରିୟା ଓ ଯନ୍ତ୍ରଣାକୁ ସାମ୍ନା କରିଥାନ୍ତି । ପିଲାଙ୍କୁ ନିୟମିତ ସବୁଜ ପନିପରିବା ଓ ଫଳ ଦେବା ଉଚିତ । ଏଥିସହ ଜଙ୍କ ଫୁଡରୁ ଦୂରେଇ ରଖିବା ବିଧେୟ । ସେମାନଙ୍କୁ ଖେଳକୁଦ କରାଇବା ଦ୍ୱାରା ଖାଦ୍ୟ ହଜମ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ ।

ପିଲାମାନଙ୍କୁ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଘରୋଇ ଉପଚାର କରାଯିବା ଯେ ଅନୁପଯୁକ୍ତ ଆମେ କହୁନାହୁଁ । ଘରୋଇ ଉପଚାର ସବୁଠାରୁ ଭଲ । ବର୍ଷା ଦିନରେ ଚର୍ମରୋଗ ଅଧିକ ଦେଖାଯାଏ । ସେଥିପାଇଁ ଘରେ ନଡ଼ିଆ ତେଲ ଲଗାଇ ପାରିବେ । ହଳଦୀ ଲଗାଇବା ସହିତ ସକାଳେ କଞ୍ଚା ହଳଦୀ ଖାଇବା ଦ୍ୱାରା ଶରୀରରୁ କୃମି ନାଶ ହୋଇଥାଏ । କିନ୍ତୁ ସବୁବେଳେ ଘରୋଇ ଉପଚାରକୁ ପ୍ରାଧାନ୍ୟ ନ ଦେଇ ଦେହ ଅଧିକ ଖରାପ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ସବୁବେଳେ କୌଣସି ପ୍ରକାର ଦେଶୀୟ ଚିକିତ୍ସା ବା ଗୁଣୀ ଗାରେଡ଼ି ଚିକିତ୍ସା ଗ୍ରହଣ ନକରି ବରଂ ନିକଟସ୍ଥ ସରକାରୀ ଡାକ୍ତରଖାନା ବା ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଆଯିବା ଉଚିତ ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ,**
**ବାଲେଶ୍ୱର**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସିସିଟିଭି...

ଜଣାପଡ଼ିଥିଲା । ଜ୍ୟୋତିପ୍ରକାଶ ତାଙ୍କୁ ଉଦ୍ଧାର କରିବାକୁ ଯାଇ ନିଜେ କେତେକାଂଶରେ ପୋଡ଼ିଯାଇଥିଲେ । ଇତିମଧ୍ୟରେ ଜ୍ୟୋତିପ୍ରକାଶ କଟକ ବଡ଼ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ନିଜ ଘରକୁ ଫେରିଯାଇଥିଲେ । ସୂଚନଯୋଗ୍ୟ, ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ସମୀର କୁମାର ସାହୁଙ୍କ ନିର୍ଯାତନାର ଶିକାର ହୋଇ ସୌମ୍ୟଶ୍ରୀ କଲେଜ ଅଧ୍ୟକ୍ଷ, ଜିଲ୍ଲା ପୁଲିସ ଉଚ୍ଚ କର୍ତ୍ତୃପକ୍ଷ, ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମେତ ବିଭିନ୍ନ ଫୋରମରେ ଅଭିଯୋଗ କରି ନିରାଶ ହେବାପରେ ଗତ ଜୁଲାଇ ୧୨ ତାରିଖରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ । ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା ତେବେ ୯୦ ଭାଗରୁ ଅଧିକ ପୋଡ଼ିଯାଇଥିବା ସୌମ୍ୟାଶ୍ରୀ ଶେଷରେ ଜୁଲାଇ ୧୪ ତାରିଖରେ ପ୍ରାଣ ହରାଇଥିଲେ । ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ କଲେଜ ଅଧକ୍ଷ ଦିଲ୍ଲୀପ କୁମାର ଘୋଷ ଓ ଏଚ୍‌ଓଡି ସମୀର କୁମାର ସାହୁଙ୍କୁ ପ୍ରଥମେ ନିଲମ୍ବନ କରାଯାଇଥିଲା । ପରେ ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନେ ଏବେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି । ସିସିଟିଭି ଫୁଟେଜ୍ ଅଧାରେର କ୍ରାଇମ୍‌ବ୍ରାଞ୍ଚ ଦୁଇଜଣ ଛାତ୍ର ଶୁଭ୍ର ସମ୍ବିତ ନାୟକ, ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କୁ ଗିରଫ କରି ରବିବାର ରାତିରେ ଏସ୍‌ଡିଜେଏମ୍‌ଙ୍କ ବାସଭବନରେ ହାଜର କରିଥିବା ବେଳେ ଏସ୍‌ଡିଜେଏମ୍ ଗିରଫ ଦୁଇ ଛାତ୍ରଙ୍କ ଜାମିନ୍ ଆବେଦନକୁ ନାମଞ୍ଜୁର କରି ୧୪ ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ମୃତା ସୌମ୍ୟାଶ୍ରୀ ବିଶି ଯେଉଁ ସଂଗଠନ ପାଇଁ କାର୍ଯ୍ୟକରୁଥିଲେ ଗିରଫ ହୋଇଥିବା ଛାତ୍ରଦ୍ୱୟ ସେହି ସଂଗଠନର ନେତା ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ଶିବୁ...

ହୋଇଗଲି । ସମ୍ପ୍ରତି ରାଜନୀତିରୁ ଶିବୁ ସୋରେନ୍ ଦୂରେଇ ରହୁଥିଲେ । ଜୁନ୍ ଶେଷ ସପ୍ତାହରେ କିଡନୀ ସମ୍ବନ୍ଧୀୟ ରୋଗରେ ପୀଡିତ ହୋଇ ଦିଲ୍ଲୀର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଗତମାସରେ ଏକ ଷ୍ଟ୍ରୋକ୍ ହେବାପରେ ତାଙ୍କ ଅବସ୍ଥା ଗୁରୁତ୍ୱର ହୋଇଥିଲା । ଶିବୁ ସୋରେନ୍ ଭାରତୀୟ ରାଜନୀତିର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ । ଝାଡଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ୩ ଥର ଓ କେନ୍ଦ୍ରୀୟ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ଜେଏମ୍‌ଏମ୍‌ର ଜଣେ ପ୍ରମୁଖ ଆଦିବାସୀ ନେତା ଭାବେ ପ୍ରାୟ ୪ ଦଶନ୍ଧୀ ଧରି ଦଳର ନେତୃତ୍ୱ ନେଇଥିଲେ । ୧୯୮୭ରେ ସେ ଜେଏମ୍‌ଏମ୍‌ର ନେତୃତ୍ୱ ନେଇଥିଲେ ଓ ୨୦୨୫ ଏପ୍ରିଲ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିଥିଲେ । ଝାଡଖଣ୍ଡ ରାଜ୍ୟ ଗଠନ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମାର୍ଚ୍ଚ ୨୦୦୫ରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ । ୨୦୦୮ ଅଗଷ୍ଟରୁ ୨୦୦୯ ଜାନୁଆରୀ ଓ ୨୦୦୯ ଡିସେମ୍ବରରୁ ୨୦୧୦ ମେ' ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ । ୬ ଥର ଲୋକସଭା ସାଂସଦ ଭାବେ ସଂସଦରେ ପ୍ରତିନିଧିତ୍ୱ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିବୁ ସୋରେନ୍‌ଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସେ ତାଙ୍କ ଶୋକ ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ ସାମାଜିକ ନ୍ୟାୟ କ୍ଷେତ୍ରରେ ଏହା ଏକ ବଡ କ୍ଷତି ହେଲା । ଆଦିବାସୀ ପରିଚୟ ପାଇଁ ସେ ଲଢ଼େଇ କରୁଥିଲେ । ଝାଡଖଣ୍ଡ ରାଜ୍ୟ ଗଠନରେ ତାଙ୍କର ପ୍ରମୁଖ ଭୂମିକା ଥିଲା । ବିଶେଷକରି ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ଉପରେ ସେ ଗୁରୁତ୍ୱ ଦେଇଥିଲେ । ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ପୁଅ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ ପରିବାରବର୍ଗ ସଦସ୍ୟଙ୍କ ପାଇଁ ସମବେଦନା ଜଣାଉଛି । ବିୟୋଗରେ ପ୍ରଧାନମନ୍ତ୍ରୀ ଶୋକବ୍ୟକ୍ତ କରିବା ସହ ଉଲ୍ଲେଖ କରିଛନ୍ତି ଯେ ଲୋକଙ୍କ ପ୍ରତି ସେ ସମର୍ପିତ ଥିଲେ । ତୃଣମୂଳ ସ୍ତରର ନେତା ଥିଲେ ଓ ଲୋକଙ୍କ ପ୍ରତି ଥିବା ତାଙ୍କ ସମର୍ପଣ ସହ ଜୀବନରେ ବିଭିନ୍ନ ପଦବୀରେ ଆଗକୁ ବଢ଼ିଥିଲେ । ଆଦିବାସୀ ସମ୍ପ୍ରଦାୟ, ଗରିବ ଓ ଦଳିତମାନଙ୍କୁ ସଶକ୍ତ କରିବାରେ ବିଶେଷ ଉତ୍ସାହୀ ଥିଲେ । ତାଙ୍କ ଦେହାନ୍ତରେ ମର୍ମାହତ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି ଯେ ଶିବୁ ସୋରେନ୍‌ଙ୍କ ବିୟୋଗରେ ସେ ଗଭୀର ଦୁଃଖିତ । ମହାପ୍ରଭୁ ଜଗନ୍ନାଥ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ଓ ତାଙ୍କ ପରିବାର ବର୍ଗଙ୍କୁ ସାହାସ ଦିଅନ୍ତୁ । ସେହିଭଳି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଆଦିବାସୀ ଅଧିକାର ଓ କଲ୍ୟାଣ ପାଇଁ ସେ ଖୁଣ୍ଟ ଭଳି ଠିଆ ହୋଇ କାର୍ଯ୍ୟ କରୁଥିଲେ । ତାଙ୍କ ପରିବାରକୁ ଭଗବାନ ଶକ୍ତି ଦିଅନ୍ତୁ ବୋଲି ସେ ଉଲ୍ଲେଖ କରିଛନ୍ତି । ସେହିଭଳି ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## ପ୍ରକୃତ...

ନେତା ହିସାବରେ ସଂସଦରେ ଏକଥା କାହିଁକି ଉଠାଇଲ ନାହିଁ । ସସଦରେ ଏହି ପ୍ରଶ୍ନ ପଚାରି ପାରିଥାନ୍ତ । ରାହୁଲ ଗାନ୍ଧିଙ୍କ ଆବେଦନ ଉପରେ ସୁପ୍ରିମ୍‌କୋର୍ଟ ଉତ୍ତରପ୍ରଦେଶ ସରକାର ଓ ଅଭିଯୋଗକାରୀଙ୍କୁ ନୋଟିସ୍ ଜାରି କରିଛନ୍ତି । ରାହୁଲଙ୍କୁ ଆଶ୍ୱସ୍ତି ଦେଇ ସୁପ୍ରିମ୍‌କୋର୍ଟ ନିମ୍ନ ଅଦାଲତରେ ମାନହାନୀ ମାମଲାର ପ୍ରକ୍ରିୟା ଉପରେ ସ୍ଥଗିତାଦେଶ ଲଗାଇଛନ୍ତି । ୩ ସପ୍ତାହ ପରେ ଏହାର ଶୁଣାଣି କରାଯିବ ।

## ପାଉଁଶ...

ମଣ୍ଡଳ ପ୍ରଦୂଷଣ କମିବା ସହ ଲୋକ ମଧ୍ୟ ହଇରାଣ ହେବେ ନାହିଁ । ଏ ନେଇ ତାପଜ ବିଦ୍ୟୁତି ଉତ୍ପାଦନ କରୁଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ସହ ଆଲୋଚନା ଚାଲିଛି ।

କୋଇଲାରୁ ତାପଜ ବିଦ୍ୟୁତ ଉତ୍ପାଦନ ହେଉଥିବା ଯୋଗୁଁ ପାଉଁଶ ଦ୍ୱାରା ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ ଅନୁଗୁଳଜିଲ୍ଲା ପ୍ରଭାବିତ ହେଉଛି । ଓଡ଼ିଶାରେ ୯୪ ପ୍ରତିଶତ ତାପଜ ବିଦ୍ୟୁତ ଏହି ୪ଟି ଜିଲ୍ଲାରୁ ଉତ୍ପାଦନ ହୁଏ । କିନ୍ତୁ କୋଇଲା ପୋଡ଼ି ସେଥିରୁ ବାହାରୁଥିବା ପାଉଁଶ ଏହି ସବୁ ଅଞ୍ଚଳରେ ବହୁତ ସମସ୍ୟା ସୃଷ୍ଟି କରିଛି । ବିଭିନ୍ନ କମ୍ପାନୀର ପାଉଁଶ ପୋଖରୀ ଭାଙ୍ଗି ମଧ୍ୟ ଲୋକଙ୍କର ବହୁତ କ୍ଷୟକ୍ଷତି ହୋଇଛି । ଏନେଇ ଜନସାଧାରଣଙ୍କ ମଧ୍ୟରେ ବହୁ ଦିନରୁ ଅସନ୍ତୋଷ ରହିଛି ।

## ସମୂହ...

ଲିଆକତ ଅଲ୍ଲୀ କବର ଖୋଳୁଥିବାର ଦୃଶ୍ୟ ସମସ୍ତଙ୍କ ଆଖି ଓଦା କରିଥିଲା । ୭ ଫୁଟ ଲମ୍ବା, ୩ ଫୁଟ ଓସାରର କବର ଖୋଳିବା ପାଇଁ ତାଙ୍କୁ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଲାଗି ଯାଇଥିଲା ଅନ୍ତିମ ସଂସ୍କାର ପରେ ଘଟଣା ପଛର କାରଣ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ପ୍ରସ୍ତୁତ ହେଉଛି । କିନ୍ତୁ ତା' ପୂର୍ବରୁ ଏହି ଘଟଣା ଓ ଏହା ପଛରେ ଥିବା ଚରିତ୍ରମାନଙ୍କୁ ନେଇ ଏକାଧିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏତେ କମ ବୟସରେ ପୀଡ଼ିତା କାହିଁକି ମାନସିକ ଦୁଶ୍ଚିନ୍ତା ଥିଲା ? ଯଦି ପୀ ନିଜ ଜୀବନକୁ ହାରିଛନ୍ତି ତେବେ ତିନିଜଣିଆ ବାଇକ ଗ୍ୟାଙ୍ଗ କାହାଣୀ କିଏ ରଚନା କଲା ? ଏଭଳି ଅନେକ ପ୍ରଶ୍ନର ଉତ୍ତର ଖୋଜା ଚାଲିଛି । ଗାଁ ଚଉତରାରୁ ଆରମ୍ଭ କରି ହାଟ ପର୍ଯ୍ୟନ୍ତ ଏଭଳି ଚର୍ଚ୍ଚା ଜାରି ରହିଥିଲେ ମଧ୍ୟ ସମସ୍ତେ ନିରବ ରହିବାକୁ ଶ୍ରେୟ ମଣିଛନ୍ତି ।

## ଜିଲ୍ଲାପାଳଙ୍କୁ...

ଏସଡିପିଓଙ୍କ ତ%୦ାବଧାନରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ସା।ତ୍ତ୍ୱେ ଗୁଣୁପୁର ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବା ଯୋଗୁ ବାଧ ହୋଇ ସେ ଜିଲ୍ଲାପାଳଙ୍କ ଶୁଣାଣି କକ୍ଷରେ ଜିଲ୍ଲାପାଳଙ୍କୁ ତାଙ୍କର ଦୁଃଖ ଜଣାଇଛନ୍ତି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ପୁଲିସ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି । ଖୁବ ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

ସେହିପରି ଯାଜପୁର ଜିଲ୍ଲା ଦଶରଥପୁର ଅଞ୍ଚଳରେ ରବିବାର ୩ ବର୍ଷର ନାବାଳିକାକୁ ଅସଦାଚରଣ ହୋଇଥିବା ଅଭିଯୋଗ ହୋଇଥିଲା । ଉକ୍ତ ଅଭିଯୋଗରେ ଟାଉନ ଥାନାରେ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିଲା । ତେବେ ଅଭିଯୁକ୍ତ ଅଲେଖ ଜେନାକୁ ଗିରଫ କରିଛି ପୁଲିସ । ପୀଡ଼ିତା ଶିଶୁ କନ୍ୟାକୁ ଯାଜପୁର ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିବା ଜଣାପଡିଛି ।

ମାଂସଡାବିନ୍ଧା ଗ୍ରାମର ଶିଶୁକନ୍ୟାର ନିକଟସ୍ଥ ବନ୍ଧୁ ଘରକୁ ଦଶରଥପୁର ଥାନା ଅସନପୁର ଗ୍ରାମର ଯୁବକ ଅଲେଖ ମଲ୍ଲିକ ଆସିଥିଲା । ପରିଚୟ ଥିବାରୁ ଅଲେଖ ସାଇକେଲରେ ଶିଶୁକନ୍ୟାକୁ ବସାଇ ନିକଟସ୍ଥ ରାମବାଗ ବଜାରକୁ ନେଇଥିଲେ । ସେଠାରେ ଶିଶୁକନ୍ୟା ସହିତ ଅସଦାଚାରଣ କରି ଘରେ ଛାଡ଼ି ପଳାଇଥିଲେ । କିଛି ସମୟ ପରେ ଶିଶୁକନ୍ୟାର ପରିସ୍ରାରେ ରକ୍ତସ୍ରାବ ହେବାରୁ ପରିବାର ଲୋକ ବିସ୍ମିତ ହୋଇଥିଲେ । ଏ ସମ୍ପର୍କରେ ପଚାରିବାରୁ ଅଭିଯୁକ୍ତ ଗାଳି ଗୁଲଜ ସହ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ । ଅବଶ୍ୟ ଅଲେଖଙ୍କୁ ପୁଲିସ ଗିରଫ କରିଥିବା ଜଣାଯାଇଛି । ସୂଚନା ଅନୁସାରେ ମାଂସଡାବିନ୍ଧା ଗ୍ରାମର ଶିଶୁକନ୍ୟାର ନିକଟସ୍ଥ ବନ୍ଧୁ ଘରକୁ ଦଶରଥପୁର ଥାନା ଅସନପୁର ଗ୍ରାମର ଯୁବକ ଅଲେଖ ମଲିକ ଆସିଥିଲା । ପରିଚୟ ଥିବାରୁ ଅଲେଖ ସାଇକେଲରେ ଶିଶୁକନ୍ୟାକୁ ବସାଇ ନିକଟସ୍ଥ ରାମବାଗ ବଜାରକୁ ନେଇଥିଲେ । ସେଠାରେ ଶିଶୁକନ୍ୟା ସହିତ ଅସଦାଚାରଣ କରି ଘରେ ଛାଡ଼ି ପଳାଇଥିଲେ । କିଛି ସମୟ ପରେ ଶିଶୁକନ୍ୟାର ପରିସ୍ରାରେ ରକ୍ତସ୍ରାବ ହେବାରୁ ପରିବାର ଲୋକ ବିସ୍ମିତ ହୋଇଥିଲେ । ଏ ସମ୍ପର୍କରେ ପଚାରିବାରୁ ଅଭିଯୁକ୍ତ ଗାଳି ଗୁଲଜ ସହ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ । ଅବଶ୍ୟ ଅଲେଖଙ୍କୁ ପୁଲିସ ଗିରଫ କରିଥିବା ଜଣାଯାଇଛି ।

## ଗଣଶିକ୍ଷା...

ସମେତ ୭ ଜଣ ଗିରଫ ହୋଇଛନ୍ତି । ଏହିଭଳି ସ୍ଥିତିରେ ବୋର୍ଡ ସଭାପତିଙ୍କ ସାକ୍ଷାତ ଅନେକ ଗୁରୁତ୍ୱ ବହନ କରୁଛି । ଓଟିଇଟି ପରବର୍ତ୍ତୀ ପରୀକ୍ଷାର ପ୍ରଶ୍ନପତ୍ର ସୁରକ୍ଷା ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିବା କୁହାଯାଉଛି ।

## ୧୪ରୁ...

ବଙ୍ଗୋପସାଗରରେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ଲଘୁଚାପର ସମ୍ଭାବନା ଦେଖାଯାଉ ନାହିଁ । ଫଳରେ ଆଗାମୀ ୧୦ ଦିନ ଯାଏଁ କେବଳ ପରିଚଳନ ଜନିତ ସ୍ୱଳ୍ପ ବର୍ଷା ହୋଇପାରେ । ବିସ୍ତୃତ ଭାରୀ ବର୍ଷା ଏବେ ସମ୍ଭବତଃ ନାହିଁ ।

ଆକଳନ କରାଯାଉଛି ଯେ, ଆସନ୍ତା ୧୩ ତାରିଖରେ ଓଡ଼ିଶା ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର କିମ୍ବା ଏହାର କିଛି ଦକ୍ଷିଣରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ପରବର୍ତ୍ତୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବ । ଏହା ଦ୍ୱାରା ରାଜ୍ୟରେ ୧୭ ତାରିଖ ପର୍ଯ୍ୟନ୍ତ ବର୍ଷା ହେବ । କେନ୍ଦ୍ରୀୟ ଓଡ଼ିଶା ଓ ଦକ୍ଷିଣ ଉପକୂଳରେ ମଧ୍ୟମ ଧରଣ ଏବଂ ପଶ୍ଚିମରେ ପ୍ରାୟତଃ ଭାରୀ ତଥା ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ ।

ରାଜ୍ୟରେ କେତେକ ସ୍ଥାନରେ ବର୍ଷା ସୁଷମ ବଣ୍ଟନ ହୋଇନଥିବାରୁ ତଳି ହୋଇଯାଇଥିଲେ ମଧ୍ୟ ରୁଆ ହୋଇପାରୁ ନାହିଁ । ମଝି ମଝିରେ ବିଶେଷକରି ୬ ଓ ୭ ତାରିଖରେ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷା ହେତୁ ତଳି ବଞ୍ଚିଯିବ । ଏଣୁ ଜନ୍ମାଷ୍ଟମୀ ପରେ ବାକିଥିବା ରୁଆ ବେଉଷା ପାଇଁ ଠିକ୍ କରନ୍ତୁ । ସମୟ ଅଛି, ବର୍ଷା ଅଛି ଏଥିପାଇଁ ଚିନ୍ତା କରନ୍ତୁ ନାହିଁ ।

## ଦାନା ବାନ୍ଧୁଛି...

ଥର ଚିଠି ଲେଖିଛନ୍ତି। ପଶ୍ଚିମଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ଅନୁରୋଧ କରିଥିଲେ। ଗତ ନିର୍ବାଚନରେ ବିଜେପି ତାର ନିର୍ବାଚନୀ ପ୍ରତିଶ୍ରୁତିରେ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କଥା ଉଲ୍ଲେଖ କରିଥିଲା। ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏନେଇ ପଦକ୍ଷେପ ଗ୍ରହଣ ନକରିବା ପଶ୍ଚିମ ଓଡିଶାବାସୀଙ୍କ ଭାବାବେଗକୁ ଉପେକ୍ଷା ମନେ ହେଉଛି ବୋଲି ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ କହିଛନ୍ତି।

ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଝାରୀ କହିଛନ୍ତି ଯେ, ଅନେକ ରାଜ୍ୟରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ହେଉଛି। ହାଇକୋର୍ଟ ବିଭାଜନ ହେବା ଫଳରେ ଲୋକେ ଦ୍ୱାରଦେଶରେ ନ୍ୟାୟ ପାଇପାରିବେ। ସେଥିପାଇଁ ଆମେ ବେଞ୍ଚ ପ୍ରତିଷ୍ଠା ସପକ୍ଷରେ ଥିଲୁ ଓ ଅଛୁ। ଯଶବନ୍ତ ସିଂହ କମିଶନ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଏକ ମାପଦଣ୍ଡ ସ୍ଥିର କରିଛନ୍ତି। ଓକିଲ ସଂଘ ନିଜ ଭିତରେ ଆଲୋଚନା କରି କେଉଁଠି ହାଇକୋର୍ଟ ବେଞ୍ଚ ସ୍ଥାପନ ହେବ ସ୍ଥିର କରିବା କଥା। ଆଜି ଯାଏଁ କେନ୍ଦ୍ର ସରକାରଙ୍କୁ ଏକ ସମନ୍ୱିତ ପ୍ରସ୍ତାବ ଦିଆଗଲା ନାହିଁ। ଏସମ୍ପର୍କରେ ଓକିଲ ସଂଘ ସହ ଆଲୋଚନା ଚାଲିଛି। ଏକ ସମନ୍ୱିତ ପ୍ରସ୍ତାବ ପଠାଇବାର ଆବଶ୍ୟକତା ରହିଛି। ତେବେ ରାଜ୍ୟ ସରକାର ବେଞ୍ଚ ପ୍ରତିଷ୍ଠା ପାଇଁ ସ୍ଥାନ ଓ ଆନୁସଙ୍ଗିକ ବ୍ୟବସ୍ଥା ନେଇ ପ୍ରସ୍ତୁତ ଅଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ ୧୯୫୯ ମସିହାରୁ ଆରମ୍ଭ ହୋଇଛି। ୧୯୭୧ରୁ ଆନ୍ଦୋଳନ ଆକାର ପରିବର୍ଦ୍ଧିତ ହୋଇଥିଲା। ୧୨ଡିସେମ୍ବର, ୨୦୨୨ରେ ଆନ୍ଦୋଳନ ଉଗ୍ର ରୂପ ନେଇଥିଲା। ପୋଲିସ ଓ ବିଚାରପତିଙ୍କୁ ଆନ୍ଦୋଳନକାରୀଙ୍କ ଆକ୍ରମଣ, କୋର୍ଟ ଭିତରେ ପଶି ଭଙ୍ଗାରୁଜା ଆଦି ଘଟଣା ଘଟିଥିଲା। ଏହି ଘଟଣାରେ ୩୮ ଜଣ ଆନ୍ଦୋଳନକାରୀ ଗିରଫ ହୋଇଥିଲେ। ଜିଲ୍ଲା ଓକିଲ ସଂଘର ୨୯ ଜଣ ଆଇନଜୀବୀଙ୍କ ଓକିଲାତି ଲାଇସେନ୍ସକୁ ଭାରତୀୟ ବାର କାଉନସିଲ ନିଲମ୍ବିତ କରିଥିଲା। ଏହାପରେ ଗତ ୩ବର୍ଷ ହେବ ଆନ୍ଦୋଳନରେ ବିରାମ ଲାଗିଛି। ତେବେ ମହାରାଷ୍ଟ୍ରର କୋହ୍ଲାପୁରକୁ ବେଞ୍ଚ ମିଳିବା ପରେ ବିଜେଡି ସକ୍ରିୟ ହୋଇପଡିଛି। ଯଦି ଆଗାମୀ ଦିନରେ ପଶ୍ଚିମଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନକରାଯାଏ, ତେବେ ଜନସାଧାରଣଙ୍କ ସହ ମିଶି ଆମେ ସମସ୍ତ ପ୍ରକାର ଲଢେଇ କରିବାକୁ ପ୍ରସ୍ତୁତ ବୋଲି ରୋହିତ ପୂଜାରୀ କହିଛନ୍ତି। ଯାହାକି ବେଞ୍ଚ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଦାନା ବାନ୍ଧୁଥିବା କୁହାଯାଉଛି।

# ପ୍ରତିଷ୍ଠା ହେବ ୧୧ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ

ଭୁବନେଶ୍ୱର, ୪।୮ (ସବ୍ୟୁ) : ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ୧୧ଗୋଟି ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି ।

ଏହି କ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ, ନୟାଗଡ଼ ଓ କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ ( ଭିଜିଲାନ୍ସ ) କୋର୍ଟ ପ୍ରତିଷ୍ଠା ପାଇଁ ଆଜି ତା ୦୪. ୦୮. ୨୦୨୫ ରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଏତଦବ୍ୟତୀତ ପୁରୀ ଜିଲ୍ଲାର ପିପିଲି, ନୟାଗଡ଼ ଜିଲ୍ଲାର ରଣପୁର, ଖୋର୍ଦ୍ଧା ଜିଲ୍ଲାର ବାଣପୁର, ଭଦ୍ରକ ଜିଲ୍ଲାର ବାସୁଦେବପୁର, ଅନୁଗୁଳ ଜିଲ୍ଲାର ତାଳଚେର, ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର, କଟକ ଜିଲ୍ଲାର ବାଙ୍କି ଓ କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ଗୋଟିଏ ଲେଖାଏଁ ଅତିରିକ୍ତ ଜିଲ୍ଲା ଜଜ କୋର୍ଟ ପ୍ରତିଷ୍ଠା ପାଇଁ ମଧ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ମଞ୍ଚସ୍ଥ ହେଲା ନାଟକ ମିଛ ରାଗ

ବାଲେଶ୍ୱର, (ସବ୍ୟୁ): ମାକଲପୁର ସ୍ଥିତ ସ୍ରଷ୍ଟା ନାଟ୍ୟ ଆଳୟରେ ସ୍ରଷ୍ଟା କଳାକାରଙ୍କ ଦ୍ୱାରା ପୀତାମ୍ବର ଦାସଙ୍କ ଲିଖିତ ନାଟକ ମିଛରାଗ ମଞ୍ଚସ୍ଥ ହୋଇ ଯାଇଛି । ନାଟକ ପ୍ରାରମ୍ଭରେ ନାଟ୍ୟକାର ଓ ସ୍ରଷ୍ଟା ର ସମ୍ପାଦକ ହେମେନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ନାଟ୍ୟକାର ଡ. ପ୍ରଦୀପ ଭୌମିକ ଉତ୍ସବ ଉଦ୍‌ଘାଟନ କରିଥିଲାବେଳେ ଅନ୍ୟ ଅତିଥି ଭାବେ ସ୍ରଷ୍ଟା ର ସଭାପତି ଆଲୋକ କୁମାର ସାହୁ, ନାଟ୍ୟକାର ପୀତାମ୍ବର ଦାସ, ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ ନିଜ ନିଜ ବକ୍ତବ୍ୟପ୍ରଦାନ କରିଥିଲେ । ତାପରେ ସ୍ରଷ୍ଟାର କଳାକାର ଗୋବିନ୍ଦ ଦ୍ୱିବେଦୀ, ଦିବାକର ମହାନ୍ତି, ସମରାଇ କର, ସ୍ୱାଗତିକା ବାରିକ, ସ୍ୱାତୀ ସ୍ମିତା ଦାସ ଓ ସୌରଜିତ ସାହୁଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା । ନାଟକ ଓ ଗୀତ ରଚନା ପୀତାମ୍ବର ଦାସ କରିଥିଲା ବେଳେ ନିର୍ଦ୍ଦେଶନା ଦେଇଥିଲେ ପ୍ରସନ୍ନ କୁମାର ଦାସ ଓ ସଙ୍ଗୀତ ନିର୍ଦ୍ଦେଶନାରେ ଥିଲେ ଗୁରୁ ନନ୍ଦ କିଶୋର ଦାସ । ହାସ୍ୟ ରସାତ୍ମକ ନାଟକ ମିଛ ରାଗ, ମାଧ୍ୟମ ରେ ଏକ ଅନାବିଳ ସ୍ନେହ, ମମତା, ପ୍ରୀତିଭରା ପବିତ୍ର ସମ୍ପର୍କକୁ ଏକ ମିଛିମିଛିକା ରାଗରେ ପରିବାର ମଧ୍ୟରେ କିପରି ସମ୍ପର୍କ କୁ ଆହୁରି ନିବିଡ କରାଯାଇପାରେ ତାହାହିଁ ଥିଲା ନାଟକର ସାରାଂଶ । ଏହି ନାଟକ ଟିକୁ ବହୁ ଦର୍ଶକ ପ୍ରାଣ ଭରି ଉପଭୋଗ କରିଥିଲେ ।

# ୧୧୨କିଗ୍ରା ଗଞ୍ଜେଇ ଜବଦ: ଅଭିଯୁକ୍ତ ଗିରଫ

ବଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଶିହ୍ଲାଞ୍ଚଳ ଥାନା ଅନ୍ତର୍ଗତ ସମଲପୁର ଗ୍ରାମର ବାସିନ୍ଦା ଦୟାନିଧି ମହାପାତ୍ରଙ୍କ ଘରକୁ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବେଗୁନିଆ ଗ୍ରାମର ରବିନ୍ଦ୍ର ଦାସଙ୍କ ପୁଅ ମହେଶ୍ୱର ଦାସ (୩୬) ଗତ ୨/୩ମାସ ତଳେ ଭଡ଼ା ନେଇଥିଲେ । ସେଠାରେ ମହେଶ୍ୱର ଗୋଦାମ କରିବେ ବୋଲି ଘର ମାଲିକକୁ କହିଥିଲେ । ସେହିଘରେ ଚୋରାରେ ମାଦକ ଦ୍ରବ୍ୟ କାରବାର ହେଉଛି ବୋଲି ସ୍ଥାନୀୟ ଲୋକମାନେ ସନ୍ଦେହ କରି ପୁଲିସକୁ ଖବର ଦେଇଥିଲେ । ଗତକାଲି ରବିବାର ଥିବାରୁ ସେହି ସନ୍ଦିଗ୍ଧ ଘର ଉପରେ ପୁଲିସ ପକ୍ଷରୁ ଚଢାଉ କରାଯାଇ ପାରି ନଥିଲା ଓ ରାତି ତମାମ ସେଠାରେ ପୁଲିସ ଜଗି ରହିଥିଲେ । ଆଜି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେଠାରୁ ୫ଟି ପେପର କାର୍ଟୁନରେ ଛୋଟ ଛୋଟ ପ୍ୟାକେଟ ହୋଇଥିବା ୧୧୨ କି. ୧୦୦ ଗ୍ରାମ୍ ଗଞ୍ଜେଇ ଜବଦ କରାଯାଇଛି । ଘରଭଡ଼ା ନେଇଥିବା ମହେଶ୍ୱର ଦାସଙ୍କୁ ଗିରଫ କରାଯିବା ସହ ତାଙ୍କ ବିରୋଧରେ ବାଲେଶ୍ୱର ଶିହ୍ଲାଞ୍ଚଳ ଥାନାରେ କେଶ୍ ନମ୍ବର ୧୭୮/୨୦ ମୂଳେ ୨୦(ବି) (୨)(ସି) ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି । ଏହାଛଡ଼ା ଅଭିଯୁକ୍ତଙ୍କ ଠାରୁ ୨ଟି ମୋବାଇଲ ମଧ୍ୟ ଜବଦ କରାଯାଇଥିବା ପୁଲିସ ସୂଚନା ଦେଇଛି ।

# ସାପକାମୁଡାରେ ମହିଳା ମୃତ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ କଣ୍ଠାପଡା ଦେଉରୀସାହି ଗ୍ରାମର ଦେଉରୀଙ୍କ ସ୍ତ୍ରୀ କୁନି(୪୦) ସୋମବାର ସକାଳେ ବିଲକୁ ଗୋରୁବାନ୍ଧିବାକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସେ କୌଣସି ପୋକ କାମୁଡିଥିବା ସନ୍ଦେହରେ ଏହାକୁ ଗୁରୁତ୍ୱ ଦେଇନଥିଲେ। ହେଲେ କିଛି ଘଣ୍ଟା ପରେ ପ୍ରବଳ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସରପଞ୍ଚ ଆରତୀ ମାହନ୍ତିଙ୍କ ତରଫରୁ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ କରାଯାଇଛି।

**AFFIDAVIT**

By virtue of an affidavit sworn before the Executive Magistrate, Dasarathpur, Jajpur on dtd.28.07.2025, I, **Minarani Behera, At:** Susua, Post: Iswarpur, PS: Mangalpur, Dist.: Jajpur, declare that I have changed my name from Jhunarani Dalai to **Minarani Behera.** Henceforth, I shall be known as **Minarani Behera.**

**Minarani Behera**

**ODISHA GRAMEEN BANK**
INFORMATION TECHNOLOGY DEPARTMENT, HEAD OFFICE, GANDAMUNDA, KHANDAGIRI, BHUBANESWAR-751030 (ODISHA)

**(Retender) Bid Number # GEM/2025/B/6496354 dated 31.07.2025**
**Odisha Grameen Bank** invites application for procurement of 500 units of Flatbed Scanner through GeM tendering process. For details and application format please visit Bank's website: **www.odishabank.in**

**GENERAL MANAGER**

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ.: ଇ-ଟେଣ୍ଡର/୨୦୨୫/୨୪ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ବିଭିନ୍ନ କାର୍ଯ୍ୟ ଲାଗି ସିନିୟର ଡିଭିଜନାଲ ମ୍ୟାନେଜର (ଇଏନ୍‌ଜି.), ଦ.ପୂ. ରେଳପଥ ଖଡଗପୁର ୭୨୧୩୦୧ ନିମ୍ନୋକ୍ତ କାର୍ଯ୍ୟ ପାଇଁ ପ୍ରତିଟି ଆଇଟମ ସକାଶେ ସୂଚିତ ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ନଂ. ଟେଣ୍ଡର ନଂ ଓ କାର୍ଯ୍ୟର ବିବରଣୀ ନିମ୍ନରେ ଦିଆଯାଇଛି । ୧. ଇ-କେଜିପି-ଓ୍ୱେଷ୍ଟ-୨୯-୨୦୨୫, ଏଡିଇଏନ୍/ଝାରଗ୍ରାମ ଅଧୀନରେ ଲୋକଙ୍କ ପରିବହନ ଓ ଏସ୍‌ଏସଇ(ପିଓ୍ୱେ) ସାମଗ୍ରୀ ପରିବହନ ନିମନ୍ତେ ବ୍ୟବହାର ଲାଗି ୧୫ ମାସ ପାଇଁ ୦୪ଟି କ୍ଷମତା ବିଶିଷ୍ଟ ଟ୍ରକ ଏବଂ ୯୦ ଦିନ ପାଇଁ ୧୦ଟି କ୍ଷମତା ବିଶିଷ୍ଟ ଟ୍ରକ ଭଡ଼ାରେ ଯୋଗାଣ । ଟେଣ୍ଡର ମୂଲ୍ୟ : ୧୨,୬୯,୬୬୬.୧୦, ଅମାନତ ଅର୍ଥ : ୨୫,୪୦୦/- ୨. ଇ-କେଜିପି-ଓ୍ୱେଷ୍ଟ-୩୦-୨୦୨୫, ଏଡିଇଏନ୍ / ଓ୍ୱେଷ୍ଟ/ଖଡଗପୁରଙ୍କ ଅଧୀନରେ ଥିବା ନିମପୁରା-ଗୋକୁଳପୁର ସେକ୍ସନରେ ଏଲସି ନଂ କେଓ୍ୱାଇ-୧୨ ଇଣ୍ଟର ଲକିଂ ସକାଶେ ୦୧ଟି ଗେଟ୍ ଲୁମ୍‌ଟି (ସାଇଜ୍ ୪.୨ମି X ୩.୧ମି, ୩.୨ମି X ୩.୧ ମି ଏବଂ ୨.୫ମି X ୩.୧ମିର ଡିକୋଟି ଲୁମ୍ ଥାଇ) ନିର୍ମାଣ । ଟେଣ୍ଡର ମୂଲ୍ୟ : ଟ. ୧୮,୪୨,୩୨୫.୦୮, ଅମାନତ ଅର୍ଥ : ଟ. ୩୬,୯୦୦/- । ୩. ଇ-କେଜିପି-ଓ୍ୱେଷ୍ଟ-୩୧-୨୦୨୫, ଏଡିଇଏନ୍/ଓ୍ୱେଷ୍ଟ/ଖଡଗପୁରଙ୍କ ଅଧୀନରେ ଥିବା ଖଡଗପୁର ଷ୍ଟେସନ ଠାରେ ବିଭିନ୍ନ ସର୍ଭିସ ବିଲ୍‌ଡିଂର ନବୀକରଣ ଓ ମରାମତି କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ୨,୪୨,୩୯,୨୨୫.୦୫, ଅମାନତ ଅର୍ଥ : ଟ. ୨,୬୩,୨୦୦/- । ୪. ଇ-କେଜିପି-ଓ୍ୱେଷ୍ଟ-୩୨-୨୦୨୫, ଏଡିଇଏନ୍/ଓ୍ୱେଷ୍ଟ/ଖଡଗପୁରଙ୍କ କ୍ଷମତା ଅଧୀନରେ ଥିବା ଖଡଗପୁର ଷ୍ଟେସନର ଯାତ୍ରୀ ସୁବିଧା ଥିବା ବିଲ୍ଡିଙ୍ଗ୍‌ର ନବୀକରଣ ଓ ମରାମତି । ଟେଣ୍ଡର ମୂଲ୍ୟ : ୨,୪୫,୮୮,୩୫୯.୫୬, ଅମାନତ ଅର୍ଥ : ଟ. ୨,୭୩,୦୦୦/- । ୫. ଇ-କେଜିପି-ଓ୍ୱେଷ୍ଟ-୩୩-୨୦୨୫, ଏଡିଇଏନ୍/ଓ୍ୱେଷ୍ଟ/ଖଡଗପୁରଙ୍କ ଅଧୀନରେ ଥିବା ଖଡଗପୁର ସୁଦ୍ରସ ସେକ୍ ବିଲ୍ଡିଙ୍ଗ୍‌ର ଅଧୁନିକୀକରଣ / ଅପ୍‌ଗ୍ରେଡେସନ । ଟେଣ୍ଡର ମୂଲ୍ୟ : ୨,୫୩,୫୩,୪୭୦.୧୦, ଅମାନତ ଅର୍ଥ : ଟ. ୨,୭୬,୮୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ପ୍ରତ୍ୟେକଟି ପାଇଁ ଟ. ୦ । ଖୋଲା ତାରିଖ : କ୍ର. ନଂ ୧ ରୁ ୪ ପାଇଁ ୨୧.୦୮.୨୦୨୫ ଓ କ୍ର.ନଂ. ୫ ପାଇଁ ୨୫.୦୮.୨୦୨୫ । କାର୍ଯ୍ୟ ସମାପ୍ତି ସମୟ : କ୍ର ନଂ. ୧ ପାଇଁ ୧୫ ମାସ, କ୍ର.ନଂ. ୨ ପାଇଁ ୦୬ ମାସ ଏବଂ କ୍ର ନଂ. ୩ ରୁ ୫ ପ୍ରତ୍ୟେକଟି ପାଇଁ ୧୮ ମାସ । ବିଡିଂ ଆରମ୍ଭ ତାରିଖ : କ୍ର.ନଂ ୧ ରୁ ୪ ପାଇଁ ୭.୮.୨୦୨୫ ଏବଂ ୨୧.୦୮.୨୦୨୫ ଠିକ ୧୫.୦୦ ଘଟିକା ପର୍ଯ୍ୟନ୍ତ । କ୍ର.ନଂ ୫ ପାଇଁ ୧୧.୦୮.୨୦୨୫ ରୁ ୨୫.୦୮.୨୦୨୫ ଅପରାହ୍ନ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ତଥ୍ୟ/ବିବରଣୀ/ ସ୍ପେସିଫିକେସନ ପାଇଁ ଓ୍ୱେବସାଇଟ୍ www.ireps.gov.in ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ ହେବ । ଏହି ସବୁ କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମାନୁଆଲ ଟେଣ୍ଡର ଗ୍ରହଣ ହେବନାହିଁ । ବି.ଦ୍ର. : ଆଶାୟୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶ ଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in ଦେଖିପାରିବେ । (PR-472)

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No. TPWODL/MK/O/SU/2500001038 Date: 05.08.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**RC for supply of LT AB cable accessories.**

Interested bidders are to submit Tender Participation Fee and Authorization Letter through email on or before **14th August 2025, 18:00 Hrs.** after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head- Contracts & Procurement

**MADHUBAN HIGHER SECONDARY SCHOOL**
AT/PO- MADHUBAN HAT, VIA-RASULPUR, DIST-JAJPUR - 755051
+2 Arts, +2 Science & Commerce
Permanently Recognised by Govt. of Odisha & Permanently Affiliated to CHSE Odisha, BBSR
Ref. No. 163 Date : 1.8.2025

**WALK IN INTERVIEW**

MADHUBAN HIGHER SECONDARY SCHOOL (488)
Category, MADHUBAN HAT, JAJPUR

A walk in interview will be held on 10.08.2025 (Sunday) at 10.30 A.M. in the HSS premises for engagement as Guest faculty in Odiya & Sociology. Minimum qualification M.A. having 55% marks in P.G. level. Candidates should report with bio-data & original certificates with one Xerox set to the undersign.

Sd/- Principal

**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omc.ltd.in
OMC | ODISHA NEW OPPORTUNITIES — Mining Happiness

CAD-1379

**E-PROCUREMENT NOTICE**

| Sl. No. | NIT No. | Job Description | Availability of Tender Document in e-procurement portal | Bid Due date |
|---|---|---|---|---|
| 1 | OMC/E-PROC/C&P/ 010/2025-26 dtd. 02/08/2025 | Supply of Turkish towel | 04.08.2025 | 29.08.2025 |

All other details can be seen from the Tender Document available on the e-procurement portal of the Government of Odisha (**www.tendersodisha.gov.in**) and on the website of OMC (**www.omcltd.in**), OMC reserves the right to reject any or all bids without assigning any reason threof.

OIPR : 30005/11/0235/2526

**Sd/- Head (C&P)**

e-mail ID: rw_rayagada@yahoo.co.in

**GOVERNMENT OF ODISHA : OFFICE OF THE EXECUTIVE ENGINEER RURAL WORKS DIVISION: RAYAGADA**

**E-Procurement Notice**

O-538

**Bid Identification No: EERWRGD - Online - 03/2025-26**
Letter No-2535 Date : 2.8.2025

1 Name of the Work : Construction of Building works
2 Total No. of Works : 1 No. (Percentage rate tender)
3 Estimated Cost : Varies from 95.08 lakhs
4 Class of Contractor : "B" Class
5 Time of Completion : Specified in DTCN.
6 Mode of submission of tender : Tender should be submitted only in online **https://www.tendersodisha.gov.in**
7 Other details : Detailed tender condition specified in DTCN. **The intending tenderer (s) should have the joint venture agreement with the electric contractor for execution of electric works** Opening of the financial Bid will be intimated later

| Procurement Officer | Bid Identification No | No. of works | Availability of Tender online for Bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rayagada | EERWRGD Online- 03/2025-26 | 01 (One) Nos | 08.08.2025 at 11.00 A.M. | 19.08.2025 up to 5.00 P.M. | 18.08.2025 to 5.00 P.M. | 20.08.2025 at 11.00 A.M. |

Further details can be seen from the website : **www.tendersodisha.gov.in**

OIPR : 25072/11/0025/2526

Sd/- Executive Engineer
Rural Works Division, Rayagada

**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL : JAYPORE**
Letter No.3403/JM Date : 02 Aug. 2025

C-805

ଜୟପୁର ପୌରପାଳିକା ଅଧିନସ୍ଥ ବିଭିନ୍ନ ୱାର୍ଡରେ ନିର୍ମାଣ କରାଯାଇଥିବା ପାର୍କଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ/ଯୁବ ଗୋଷ୍ଠୀମାନଙ୍କ ଠାରୁ ଇଚ୍ଛାପତ୍ର ଆହ୍ୱାନ

ଜୟପୁର ପୌରସଂସ୍ଥା ଦ୍ୱାରା ନିର୍ମାଣ କରାଯାଇଥିବା ନିମ୍ନ ଲିଖିତ ପାର୍କ ଗୁଡିକର ରକ୍ଷଣା ବେକ୍ଷଣ ଓ ପରିଚାଳନା ପାଇଁ ଜୟପୁର ପୌର ସଂସ୍ଥାରେ ପଞ୍ଜିକୃତ ସଂପୃକ୍ତ ୱାର୍ଡର ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସଂପୃକ୍ତ ୱାର୍ଡର ଯୁବ ଗୋଷ୍ଠୀ ମାନଙ୍କଠାରୁ ଇଚ୍ଛା ପତ୍ର ଆହ୍ୱାନ କରାଯାଉଛି । ଇଚ୍ଛୁକ ଗୋଷ୍ଠୀ ନିମ୍ନରେ ଦର୍ଶାଯାଇଥିବା ସର୍ତ୍ତାବଳୀ ଆଧାରରେ ସେମାନଙ୍କ ଇଚ୍ଛା ପତ୍ର ୦୪.୦୮.୨୦୨୫ ଠାରୁ ୧୬.୦୮.୨୦୨୫ ତାରିଖ ଅପରାହ୍ନ ୩.୦୦ ଘଣ୍ଟା ମଧ୍ୟରେ କେବଳ କାର୍ଯ୍ୟଦିବସରେ ଦାଖଲ କରିପାରିବେ । କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ପକାଇବେ । ପ୍ରାପ୍ତ ହୋଇଥିବା ସମସ୍ତ ଇଚ୍ଛାପତ୍ର ୧୮.୦୮.୨୦୨୫ ତାରିଖ ଅପରାହ୍ନ ୪.୦୦ ଘଣ୍ଟା ସମୟରେ ସଂପୃକ୍ତ ଗୋଷ୍ଠୀର ସଭାପତି/ସମ୍ପାଦକ କିମ୍ବା ତାଙ୍କ ଦ୍ୱାରା ଅଧିକୃତ କୌଣସି ସଭ୍ୟ/ସଭ୍ୟାଙ୍କ ଉପସ୍ଥିତିରେ ଖୋଲାଯିବ ।

୧) ପାର୍କ ଯେଉଁ ୱାର୍ଡରେ ଅବସ୍ଥିତ କେବଳ ସେହି ୱାର୍ଡର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କିମ୍ବା ଯୁବ ଗୋଷ୍ଠୀଗୁଡିକୁ ହିଁ ପ୍ରାଧାନ୍ୟ ଦିଆଯିବ ।
୨) ସଂପୃକ୍ତ ଗୋଷ୍ଠୀର ନିଜସ୍ୱ ବ୍ୟାଙ୍କ ଖାତା ଥିବ ଏବଂ ଏଥିରେ ଅତିକମ୍‌ରେ ୫୦,୦୦୦/- ଟଙ୍କା ସଞ୍ଚୟ ଥିବ ।
୩) ନିର୍ଦ୍ଦିଷ୍ଟ ପାର୍କ ରକ୍ଷଣା ବେକ୍ଷଣ କରିବା ପାଇଁ ଗୋଷ୍ଠୀ, ସଭାରେ ଅନୁମୋଦନ ପ୍ରାପ୍ତ କରି ସଭା ବିବରଣୀ ଇଚ୍ଛା ପତ୍ର ସହ ସଂଲଗ୍ନ କରିଥିବେ ।
୪) ଏଥି ସହ ୱାର୍ଡ ୱାରି ପାର୍କର ବିବରଣୀ ସଂଲଗ୍ନ କରାଯାଇ ପ୍ରତି ୱାର୍ଡ ପାଇଁ offset price ରଖାଯାଇଛି । ଯେଉଁ ଗୋଷ୍ଠୀ ମାସିକ ରକ୍ଷଣା ବେକ୍ଷଣ ପ୍ରାପ୍ୟ ଉକ୍ତ offset price ରୁ କମ ଦର୍ଶାଇଥିବେ ତାଙ୍କୁ ଅଗ୍ରାଧିକାର ଦିଆଯିବ ।
୫) ଗୋଷ୍ଠୀର ପ୍ୟାନ୍ କାର୍ଡ ସଂଲଗ୍ନ କରିବେ ।
୬) ଇଚ୍ଛାପତ୍ର ବନ୍ଦ ଲଫାପାରେ ............................ ପାର୍କ ରକ୍ଷଣା ବେକ୍ଷଣ ପାଇଁ ଇଚ୍ଛାପତ୍ର ଲେଖି ଆବଶ୍ୟକୀୟ ଦସ୍ତାବିଜ ସହ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦାଖଲ କରିବେ ।
୭) ଅଧିକ ତଥ୍ୟ ପାଇଁ ଜୟପୁର ପୌର କାର୍ଯ୍ୟାଳୟର ସଂପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ ।

| କ୍ର. ସଂଖ୍ୟା | ପାର୍କର ଠିକଣା | offset price | Entry Fee The selected group shall not charge an entry fee exceeding the fixed rate as specified |
|---|---|---|---|
| ୦୧ | ବିଜୁ ରିକ୍ରିଏସନ ପାର୍କ, ଓ ମିଶନ ଶକ୍ତି କେଫେ ଗୋପବନ୍ଧୁ ନଗର ୱାର୍ଡ ୧୦ | ୧୫,୦୦୦/- | ୦୫/- |
| ୦୨ | ବିଜୁ ଶାନ୍ତି ଉଦ୍ୟାନ ଓ କେଣ୍ଟିନ ଜଗୁରି ବନ୍ଧ ୱାର୍ଡ ୨୦ | ୪୫,୦୦୦/- | ୧୦/- |
| ୦୩ | ଗାନ୍ଧୀ ପାର୍କ, ଗୋବର୍ଦ୍ଧନ ମୁଣ୍ଡା ୱାର୍ଡ ୨୬ | ୫,୦୦୦/- | ୦୫/- |
| ୦୪ | ଲକ୍ଷ୍ମୀ ନଗର ପାର୍କ ୱାର୍ଡ ୧୪ | ୫,୦୦୦/- | ୦୫/- |
| ୦୫ | ପେନାଲି ଫୋରେଷ୍ଟ ପାର୍କ (କୋର୍ଟ ସାମନା) | ୫,୦୦୦/- | ୦୫/- |

OIPR : 13079/11/0055/2526

ସ୍ୱା/- କାର୍ଯ୍ୟ ନିର୍ବାହୀ ଅଧିକାରୀ
ଜୟପୁର ପୌରପରିଷଦ

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୯୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୬, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

## ଶ୍ରାବଣ ଶେଷ ସୋମବାର

# ଶୈବପୀଠରେ କାଉଡ଼ିଆ, ଭକ୍ତଙ୍କ ଭିଡ଼

ଭୁବନେଶ୍ୱର (ସବ୍ୟୁ): ଶ୍ରାବଣର ଶେଷ ସୋମବାର । ଶିବ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶୈବପୀଠ । ଭୋଲେ ବାବା ପାର୍ କରେଗା... ଗାଇ ଗାଇ କାନ୍ଧରେ ଜଳ ଧରି ଆସିଥିଲେ କାଉଡ଼ିଆ । ଧବଳେଶ୍ୱରରୁ ଲୋକନାଥ, ଆରଡ଼ିରୁ ଲଡୁବାବା ସବୁଠି କାଉଡିଆଙ୍କ ଲମ୍ବା ଲାଇନ୍ ଥିଲା । ବୋଲ୍ ବମ୍ ହର୍ ହର୍ ବମ୍ ଧ୍ୱନିରେ କମ୍ପିଥିଲା ଶୈବପୀଠ । ରାଜ୍ୟର ବିଭିନ୍ନ ଶୈବପୀଠରେ ଆବଶ୍ୟକ ପ୍ରସ୍ତୁତି ମଧ୍ୟ କରାଯାଇଛି । ହଜାର ହଜାର ମାନସିକଧାରୀ କାଉଡିଆମାନେ ଜଳାଭିଷେକ କରିବା ଲାଗି ମନ୍ଦିରରେ ଭିଡ଼ ଜମାଇବା ସହିତ ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ଯାଇ ଦର୍ଶନ କରିଥିଲେ ।

ଶ୍ରାବଣ ମାସର ଶେଷ ସୋମବାରରେ ଧବଳେଶ୍ୱର ପୀଠରେ ଜଳ ଲାଗି କଲେ



ହଜାର ହଜାର କାଉଡିଆ । ବିଭିନ୍ନ ନଦୀରୁ ମାନସିକ ଜଳ ଭାର ଆଣି ବାବା ଧବଳେଶ୍ୱରଙ୍କ ପାଖରେ ଜଳ ଲାଗି କରୁଛନ୍ତି । ରାତି ଗୋଟାଏରେ ପହଡ ଖୋଲା ଯାଇ ବାବାଙ୍କୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯିବା ସହିତ ମଙ୍ଗଳ ଆଳତୀ ଓ ସମସ୍ତ ନୀତିକାନ୍ତି ସାଢେ ଗୋଟାଏରେ କାଉଡିଆମାନେ ଜଳ ଲାଗି କରିଥିଲେ ।

ଶ୍ରାବଣ ସୋମବାର ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଦେବୋତ୍ତର ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ କଂକ୍ରିଟ ପୋଲ ଠାରୁ ଆରମ୍ଭ କରି ମନ୍ଦିର ପରିସର ପର୍ଯ୍ୟନ୍ତ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଶ୍ରଦ୍ଧାଳୁମାନେ କିଭଳି ଶାନ୍ତିଶୃଙ୍ଖଳାର ସହିତ ଧାଡିରେ ଆସି ବାବାଙ୍କ ମସ୍ତକରେ ଜଳ ଲାଗି କରିପାରିବେ ପ୍ରଶାସନ ପକ୍ଷରୁ ବିଶେଷ ଦୃଷ୍ଟି ଦିଆଯାଇଛି । ଶେଷ ସୋମବାର ପାଇଁ ରାଜ୍ୟର ବିଭିନ୍ନ ଶୈବପୀଠରେ ବିଳମ୍ବିତ ରାତିରୁ ଭକ୍ତଙ୍କ ଭିଡ଼ ଲାଗି ରହିଛି । ପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଲମ୍ବା ଲାଇନରେ ଠିଆ ହୋଇଥିବା ଦେଖିବାକୁ ମିଳିଛି । ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ସହିତ ଦର୍ଶନ ନିମନ୍ତେ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଥିଲା ।

## ଅଶାଳୀନ ବ୍ୟବହାର ଅଭିଯୋଗରେ ଅଭିଯୁକ୍ତ ଗିରଫ

ଜଟଣୀ, (ସବ୍ୟୁ): ଅଭିଯୋଗକାରିଣୀ ଥାନାରେ ଅଭିଯୁକ୍ତ ଆଲୋକ ମହନ୍ତ ଓରଫ ଜାପୁ ନାମରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଆଲୋକ ମହାନ୍ତି ଓରଫ ଜାପୁ ଓ ତାର ସହଯୋଗୀ ଅଖିଳ ମହାନ୍ତି ବେଆଇନ୍ ଭାବେ ଅଭିଯୋଗକାରିଣୀ ଘରେ ପ୍ରବେଶ କରିଥିଲା। ଅଶ୍ଳୀଳ ଗାଳିଗୁଲଜ ଏବଂ ବାଡ଼େଇବା ଓ ଅଶାଳୀନ ବ୍ୟବହାର କରି ବାମ କାନରୁ ସୁନା କାନଫୁଲ ଛିଣ୍ଡାଇ ନେଇଯାଇଥିଲା । ଯିବା ପୂର୍ବରୁ ପୋଲିସକୁ ଜଣାଇଲେ ପରିଣାମ ଭୟଙ୍କରହେବ ବୋଲି ଧମକ ଦେଇଥିଲା। ପୋଲିସ ଆଜି ଅଭିଯୁକ୍ତକୁ ଗିରପ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ନାମରେ ପୂର୍ବରୁ ଅପରାଧି ମାମଲା ରହିଥିବା ଜଣାପଡିଛି। ପୋଲିସ ୩୧୧/୨୦୨୫ରେ ମାମଲା ରୁଜୁ କରିଛି।

# ୧୭ ଗ୍ରାମ୍ ବ୍ରାଉନସୁଗର ଜବତ, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବ୍ରାଉନସୁଗର ବିକ୍ରି କରୁଥିବା ୩ଜଣଙ୍କୁ ଭିନ୍ନ ଭିନ୍ନ ମାମଲାରେ ଜଟଣୀ ଥାନା ଓ ମୈତ୍ରୀବିହାର ଥାନା ପୋଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ୧୭ଗ୍ରାମ୍ ବ୍ରାଉନସୁଗର ଜବତ ହୋଇଥିବା ସୂଚନା ମିଳିଛି । ମୈତ୍ରିବିହାର ଥାନା ପୋଲିସ ପି.ଗୋପିକିଷାନ ରାଓ (୩୫) ଓ କାହ୍ନା ଓରଫ ଗୌରଭ ବିଶ୍ୱାଳ (୨୦)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨ଟି ପ୍ୟାକେଟ୍‌ରେ ଥିବା ୭ଗ୍ରାମ୍ ବ୍ରାଉନସୁଗର, ୧ ହଜାର ଟଙ୍କା, ମୋବାଇଲ ଫୋନ୍ ଓ ସ୍କୁଟର ଜବତ କରାଯାଇଛି ।

ଜଟଣୀ ଥାନା ପୋଲିସ ଗୋପାଳକୃଷ୍ଣ ଗୌଡ ଓରଫ ଟୁକୁନା (୨୦)କୁ ଗିରଫ କରିବା ସହ ତା'ନିକଟରୁ ୧୦ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ହରି ଭାଇନା ଛକ ବସଷ୍ଟାଣ୍ଡ ନିକଟରେ ସେ ବ୍ରାଉନସୁଗର ବିକ୍ରି କରୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା । ୩ଜଣଙ୍କୁ ଜଟଣୀ ଓ ମୈତ୍ରୀବିହାର ଥାନାରୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସମାଧାନ ପାଇଁ

# ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼ ଜିଲ୍ଲାରେ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ

ବୁର୍ଲା, (ସବ୍ୟୁ): ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସଂଶୋଧନ ଲାଗି ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଳିତ ଅଗଷ୍ଟ ମାସ ପାଇଁ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଅଛି । ଏଣୁ ଏହି ତିନି ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ନିମ୍ନଲିଖିତ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ । ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ନିମ୍ନଲିଖିତ ତାରିଖ ଅନୁଯାଇ ସମ୍ବଲପୁର, ଝରସୁଗୁଡ଼ା ଏବଂ ଦେଓଗଡ଼ ଜିଲ୍ଲା ସ୍ଥିତ ଟିପିଡବ୍ଲୁଡିଏଲର ବିଭିନ୍ନ ସେକ୍ସନ ଏବଂ ସବ୍-ଡିଭିଜନ୍ ଅଫିସ୍ ମାନଙ୍କରେ ଅନୁଷ୍ଠିତ ହେବ ।

ସମ୍ବଲପୁର ଜିଲ୍ଲାରେ ଆସନ୍ତା ଅଗଷ୍ଟ ୦୬ ତାରିଖ ଦିନ କୁଚିଣ୍ଡା ସ୍ଥିତ ସବ୍-ଡିଭିଜନ୍ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠ ହେବାକୁ ଯାଉଅଛି । ସେହିପରି ଅଗଷ୍ଟ ୦୭ ତାରିଖ ଦିନ ଲଇକେରା ସ୍ଥିତ ସେକ୍ସନ ଅଫିସ୍, ଅଗଷ୍ଟ ୧୧ ତାରିଖ ଦିନ ସାହସପୁର ସ୍ଥିତ ସେକ୍ସନ ଅଫିସ୍ ଏବଂ ଧନୁପାଲି ସ୍ଥିତ ସବ୍-ଡିଭିଜନ୍ ଅଫିସ୍, ଅଗଷ୍ଟ ୧୩ ତାରିଖ ଦିନ ଭୁତାପଡ଼ା ସ୍ଥିତ ସବ୍-ଡିଭିଜନ ଅଫିସ୍ ଏବଂ ଧାମା ସ୍ଥିତ ସେକ୍ସନ୍ ଅଫିସ୍, ଅଗଷ୍ଟ ୨୦ ତାରିଖ ଦିନ କ୍ଷେତ୍ରରାଜପୁର୍ ଏବଂ ଅଇଁଠାପାଲି ସ୍ଥିତ ସେକ୍ସନ ଅଫିସ୍ ଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଅଛି । ସେହିପରି ଝାରସୁଗୁଡ଼ା ଜିଲ୍ଲା ପାଇଁ ଆସନ୍ତା ଅଗଷ୍ଟ ୦୭ ତାରିଖ ଦିନ ଝାରସୁଗୁଡ଼ା ସହର ସ୍ଥିତ ସବ୍-ଡିଭିଜନ ଅଫିସ୍-୨, ଅଗଷ୍ଟ ୨୧ ତାରିଖ ଦିନ ବେଲପାହଡ଼ ଓ ବ୍ରଜରାଜନଗର ସ୍ଥିତ ସବ୍-ଡିଭିଜନ ଅଫିସ୍ ଏବଂ ଅଗଷ୍ଟ ୨୨ ତାରିଖ ଦିନ ପଞ୍ଚଗାଁ ସ୍ଥିତ ସେକ୍ସନ ଅଫିସ୍ ଠାରେ ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଅଛି । ସେହିପରି ଦେଓଗଡ଼ ଜିଲ୍ଲା ପାଇଁ ଅଗଷ୍ଟ ୧୮ ତାରିଖ ଦିନ ତିଲେଇବଣୀ ସ୍ଥିତ ସେକ୍ସନ ଅଫିସ୍ ଏବଂ ଅଗଷ୍ଟ ୧୯ ତାରିଖ ବୁଢାପାଳ ସ୍ଥିତ ସେକ୍ସନ୍ ଅଫିସ୍ ଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଅଛି । ତେଣୁ ଜିଲ୍ଲାର ଉପଭୋକ୍ତାମାନଙ୍କୁ ଅନୁରୋଧ କରାଯାଉଅଛି ଯେ, ଧାର୍ଯ୍ୟ ତାରିଖରେ ନିଜ ନିଜ ଅଞ୍ଚଳରେ ଉପସ୍ଥିତ ରହି ବାକିଥିବା ନିଜର ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ ।

# ନୀଳ ହୀରାମଣି ଫାଉଣ୍ଡେସନର ନିଃଶୁଳ୍କ ଆୟୁର୍ବେଦ ସ୍ୱାସ୍ଥ୍ୟ ସେବା ଶିବିର

ଭୁବନେଶ୍ୱର (ସବ୍ୟୁ): ରବିବାର ଦିନ ସ୍ଥାନୀୟ " ହୀରା ନୀଳମଣି ଫାଉଣ୍ଡେସନ " ପକ୍ଷରୁ ଡେରିକି ଗ୍ରାମରେ ବିରାଜିତ ଅର୍ଦ୍ଧ କପାଳେଶ୍ୱର ଶିବ ମନ୍ଦିର




ପ୍ରାଙ୍ଗଣରେ ଏକ ନିଃଶୁଳ୍କ ଆୟୁର୍ବେଦ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଥିଲା। ଡାକ୍ତର ବାସୁଦେବ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ନିଃଶୁଳ୍କ ମେଗା ଆୟୁର୍ବେଦିକ୍ ସ୍ୱାସ୍ଥ୍ୟ ସେବା ଶିବିରରେ ତିନିଗୋଟି ଗ୍ରାମ ପଞ୍ଚାୟତର ୧୦ ରୁ ୧୨ ଗୋଟି ଗ୍ରାମର ସ୍ୱାସ୍ଥ୍ୟ ସମସ୍ୟା ଥିବା ୧୧୭ ଜଣ ବ୍ୟକ୍ତି ଆସି ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଏଠାରୁ ଆବଶ୍ୟକୀୟ ଔଷଧ ସଂଗ୍ରହ କରିଥିଲେ।

ଅନୁରୋଧ ରକ୍ଷାକରି ସ୍ଥାନୀୟ ବିଧାୟକ ମାନ୍ୟବର ଆଶ୍ରିତ ପଟ୍ଟନାୟକ ମହୋଦୟ ଏହି ଶିବିରକୁ ଆସି ହୀରା ନୀଳମଣି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ସେବା କାର୍ଯ୍ୟକ୍ରମ ର ପ୍ରଶଂସା କରିବା ସହ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ ଏବଂ ଗାଁ ଗହଳିରେ ଆୟୁର୍ବେଦିକ୍ ଚିକିତ୍ସା କିପରି ବ୍ୟାପକ ଏବଂ ଜନାଦୃତ ହେବ ସେ ଦିଗରେ ଫାଉଣ୍ଡେସନ ସହ ସେ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଗାଁ ମାନଙ୍କରେ ଆୟୁର୍ବେଦ ଉପଯୋଗୀ ବୃକ୍ଷ ଯଥା ଅଁଳା, ନିମ୍ବ, ଜାମୁ, ବେଲ, ଅଶୋକ, ଅର୍ଜୁନ, ପିପ୍ପଳି, ଅଦା , ତୁଳସୀ ପ୍ରଭୃତି ରୋପଣ ଓ ତାର ସୁରକ୍ଷା ସହ ମହୁ ଚାଷ ଦିଗରେ ଉଦ୍ୟମ କରିବାକୁ ଫାଉଣ୍ଡେସନ ସଦସ୍ୟ ସଦସ୍ୟା ମାନଙ୍କୁ ସେ ପରାମର୍ଶ ଦେଇଥିଲେ।

ସ୍ୱାସ୍ଥ୍ୟ ସେବା ଶିବିରର ସଫଳତା ହୃଦୟଙ୍ଗମ କରି ନୀଳ ହୀରାମଣି ଫାଉଣ୍ଡେସନ ପକ୍ଷରୁ ସୀମିତ ସମୟ ବ୍ୟବଧାନରେ ପ୍ରଥମେ ପିପିଲି ବ୍ଲକ୍ ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଏହିଭଳି ନିଃଶୁଳ୍କ ଆୟୁର୍ବେଦିକ୍ ସେବା ଶିବିର ମାନ ଆୟୋଜନ କରାଯିବ ବୋଲି ଫାଉଣ୍ଡେସନର ଟ୍ରଷ୍ଟି ପୂର୍ଣ୍ଣ ଚନ୍ଦ୍ର ସାହୁ ବିଧାୟକଙ୍କୁ ଅବଗତ କରାଇଥିଲେ। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶିବିରରେ ଉପସ୍ଥିତ ସମସ୍ତ ବ୍ୟକ୍ତିମାନଙ୍କୁ ଦହି ସର୍ବତ ପିଇବାକୁ ଦିଆଯାଇଥିଲା। ହୀରା ନୀଳମଣି ଫାଉଣ୍ଡେସନର ସମସ୍ତ ସଦସ୍ୟ ସଦସ୍ୟା ମାନେ ଏହି ଶିବିରକୁ ପରିଚାଳନା କରିବାରେ ସବୁ ପ୍ରକାର ସହଯୋଗ କରିଥିଲେ। ବର୍ତ୍ତମାନ ସମୟରେ ଆୟୁର୍ବେଦିକ୍ ଚିକିତ୍ସାର ପ୍ରସାର ଓ ପ୍ରୋତ୍ସାହନ ନିମନ୍ତେ " ହୀରା ନୀଳମଣି ଫାଉଣ୍ଡେସନ "ର ଏପରି ପ୍ରୟାସ କୁ ଜନ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଉଛି।

# ପୂର୍ବ ବିବାଦରୁ ମହିଳାଙ୍କୁ ହତ୍ୟା : ଜଣେ ଅଟକ

ଖୋର୍ଦ୍ଧା, (ସବ୍ୟୁ): ସଦରଥାନା ଅନ୍ତର୍ଗତ ଅଣ୍ଡା ବନମାଳିପୁର ରେ ସନ୍ଧ୍ୟାରେ ପୂର୍ବ ବିବାଦରୁ ମହିଳାଙ୍କୁ ବିଭତ୍ସଭାବେ ହତ୍ୟା କରାଯାଇଛି। ମୃତା ହେଲେ ସେହି ଗ୍ରାମର ମନୋରମା ପ୍ରଧାନ (୫୪)। ଖବର ପାଇ ଘଟଣାସ୍ଥଳରେ ପହଁଚି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ଘଟଣାରେ ଜଣକୁ ଅଟକ ରଖିଛି। ମନୋରମାଙ୍କର ତାଙ୍କ ଦିଅରଙ୍କ ସହ ଜାଗାବାଡିକୁ ନେଇ ପାରିବାରିକ ବିବାଦ ରହିଥିଲା। ଏହି ବିବାଦ ଆଜି ସନ୍ଧ୍ୟାରେ ଉଗ୍ରରୂପ ନେଇଥିଲା। ଉଭୟଙ୍କ ମଧ୍ୟରେ ବଚସା ଓ ଠେଲାପେଲା ହୋଇଥିବାବେଳେ ଦିଅର ମନୋରମାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ମନୋରମା ଗୁରୁତର ହୋଇଥିବାବେଳେ ତାଙ୍କର ସେଠାରେ ମୃତ୍ୟୁ ହୋଇଛି। ଖବର ପାଇ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ସବ୍ ଇନିସ୍‌ପେକ୍ଟର ଜୟନ୍ତ ଭଞ୍ଜଙ୍କ ସମେତ ଟିମ୍ ଘଟଣାସ୍ଥଳରେ ପହଁଚି ଘଟଣାର ଛାନ୍‌ଭିନ୍ ଚଳାଇଛି। ରିପୋର୍ଟ ଲେଖାହେବା ଯାଏଁ ଥାନା ରେ ଅଭିଯୋଗ ହୋଇନଥିବା ପୁଲିସ କହିଛି।

## ପ୍ରକାଶ ପାଇଲା ଓଷ୍ଟା ଦଶମ ଶ୍ରେଣୀ ଟେଷ୍ଟ ପେପର

# ବୋର୍ଡ ଢାଞ୍ଚାରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର

କଟକ,(ସବ୍ୟୁ): ଆସନ୍ତା ୨୦୨୬ ମସିହା ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ନିର୍ଦ୍ଧାରିତ ପାଠ୍ୟଖସଡ଼ା ଆଧାରରେ ଆଜି ଓଷ୍ଟାର ମୁଖ୍ୟ କାର୍ଯ୍ୟାଳୟ, ନୟାସଡ଼କ, କଟକ ଠାରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତ୍ତରମୂଳକ ଓଷ୍ଟା ଟେଷ୍ଟ ପେପର୍ସ ପ୍ରକାଶିତ ହୋଇଛି । ସୋମବାର ଠାରୁ ବଜାରରେ ଉପଲବ୍ଧ ହେଉଛି । ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଚଳିତବର୍ଷ ଏକ ଅଭିନବ ଉପାୟରେ ଉକ୍ତ ଟେଷ୍ଟ ପେପର୍ସକୁ ପ୍ରସ୍ତୁତ କରିଛି ବୋଲି ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ।

ପ୍ରକାଶଥାଉ କି, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) କେବଳ ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ସଂପର୍କରେ କାର୍ଯ୍ୟ କରି ନ ଥାଏ, ରାଜ୍ୟର ଶିକ୍ଷା ବ୍ୟବସ୍ଥା ଓ ଛାତ୍ରଛାତ୍ରୀମାନଙ୍କର ଉତ୍ତମ ଭବିଷ୍ୟତ କଥା ସଦାସର୍ବଦା ଚିନ୍ତା କରିଥାଏ । ଏଣୁ ପ୍ରତ୍ୟେକ ବର୍ଷ ପରି ନିର୍ଦ୍ଧାରିତ ପାଠ୍ୟଖସଡ଼ା ଆଧାରରେ ଚଳିତ ବର୍ଷ ଅର୍ଥାତ୍ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ଟେଷ୍ଟ ପେପର୍ସ କରି ଟେଷ୍ଟ ପେପର୍ସ ପ୍ରସ୍ତୁତ ହୋଇଛି ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି । ଆସନ୍ତା ଅଗଷ୍ଟ ୪ ତାରିଖ ସୋମବାର ଦିନ ଉକ୍ତ ଟେଷ୍ଟ ପେପର୍ସ ବିକ୍ରୟ କରାଯିବ ଓ ଏହା ବଜାରରେ ଉପଲବ୍ଧ ହେବ । ଓଷ୍ଟା ଦ୍ୱାରା ପ୍ରକାଶିତ




ଓଷ୍ଟା ଦ୍ୱାରା ପ୍ରସ୍ତୁତ କରାଯାଇଛି । ଟେଷ୍ଟପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା ୫୯ ବର୍ଷ ଅତିକ୍ରାନ୍ତ କରିଛି । ପୂର୍ବ ବର୍ଷ ପରି ଏହି ବର୍ଷ ମଧ୍ୟ ଅନେକ ଅଭିଜ୍ଞ ଶିକ୍ଷକମାନଙ୍କର ଦୀର୍ଘ ଅଭିଜ୍ଞତାକୁ ବିନିଯୋଗ କରି ... ଏହି ପୁସ୍ତକକୁ ଚଳିତ ବର୍ଷ ପୂର୍ବ ବର୍ଷମାନଙ୍କ ପରି ଅତି ସୁଲଭ ଦରରେ ଯୋଗାଇଦେବା ପାଇଁ ଓଷ୍ଟା କାର୍ଯ୍ୟକାରୀ କମିଟିରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଚଳିତ ବର୍ଷର ବୋର୍ଡ଼ ପରୀକ୍ଷା ଓ ମୂଲ୍ୟାୟନ ବ୍ୟବସ୍ଥା ସମ୍ପର୍କରେ ବୋର୍ଡ଼ ପକ୍ଷରୁ ଯେଉଁସବୁ ନୂତନ ପଦ୍ଧତି ପ୍ରକାଶିତ ହୋଇଛି, ସେଥି ମଧ୍ୟରୁ ଯେଉଁ ବ୍ୟବସ୍ଥା ଗୁଡ଼ିକ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ପାଇଁ ଆବଶ୍ୟକ ହେବ ନାହିଁ, ସେ ସମସ୍ତ ବିଷୟବସ୍ତୁ ଉପରେ ସଂଶୋଧନ ପାଇଁ ଆଗାମୀ ଦିନରେ ବୋର୍ଡ଼ ଓ ରାଜ୍ୟସରକାରଙ୍କ ପାଖରେ ପ୍ରସ୍ତାବ ରଖିବ ବୋଲି ଓଷ୍ଟା ପକ୍ଷରୁ ସୂଚନା ଦିଆଯାଇଛି । ୨୦୨୫-୨୬ ବାର୍ଷିକ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ନିର୍ଦ୍ଧାରିତ ସମୟରେ କରିବା ପାଇଁ ଓଷ୍ଟା ପକ୍ଷରୁ ଦାବି କରାଯାଉଛି ।

ରାଜ୍ୟର ସର୍ବ ପୁରାତନ, ସର୍ବାଧିକ ଆଦୃତ ଏବଂ ମାଟ୍ରିକ୍ ପରୀକ୍ଷାରେ ଅଧିକ ପ୍ରଶ୍ନ ଆସୁଥିବା ଓଷ୍ଟା ଟେଷ୍ଟ ପେପର୍ସକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଓଷ୍ଟାର ଏହି ଛୋଟିଆ ପ୍ରୟାସକୁ କାର୍ଯ୍ୟକାରୀ କରିବା ପାଇଁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷା ପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧିଙ୍କ ସମେତ ଓଷ୍ଟା ଟେଷ୍ଟ ପେପର୍ସ ପ୍ରସ୍ତୁତି ଦାୟିତ୍ୱରେ ଥିବା ସଂପାଦକ ପ୍ରଣବ କୁମାର ଜେନା, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର ପ୍ରମୁଖ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

# ଶିକ୍ଷକ ପ୍ରଫୁଲ୍ଲ ସାହୁଙ୍କ ସ୍ମୃତିଚାରଣ

ଫୁଲନଖରା,(ସବ୍ୟୁ): : ବାରଙ୍ଗ ବ୍ଲକ ଅନ୍ତର୍ଗତ ନଗରୀ ଗ୍ରାମପଞ୍ଚାୟତ ଅରିଲୋ ଗ୍ରାମର ସୁନାମଧନ୍ୟ ଛାତ୍ରବତ୍ସଳ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ(୭୧)ଙ୍କ ଏକାଦଶାହ ଅବସରରେ ସ୍ୱେଚ୍ଛାସେବୀ ପୂଜ୍ୟପୂଜା ପ୍ରତିଭା ସଂଗଠନ ସହଯୋଗ ଓଡ଼ିଶା ଆନୁକୁଲ୍ୟରେ ଏକ ସ୍ମୃତିଚାରଣ ସଭା ସଂଗଠନର ଉପସଭାପତି ଗାୟକ ଆଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ସଂଗଠନର ସମ୍ପାଦକ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ସହଯୋଗ ଓଡ଼ିଶା ଉପରେ ବକ୍ତବ୍ୟ ରଖିଥିଲେ । ଆଧ୍ୟାତ୍ମିକବାଦୀ ଦକ୍ଷ ପ୍ରବଚକ ଶ୍ରୀ ସନ୍ନ୍ୟାସୀ ଜୀ,ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ପତି, ସାହିତ୍ୟିକ ଲେଖକ ପବିର ମହାନ୍ତି,ଗୋପାଳ ଚନ୍ଦ୍ର ମିଶ୍ର,କିଶୋର ଚନ୍ଦ୍ର ଦାଶ,ଅଶୋକ କୁମାର ରଥ,ସନାତନ ସ୍ୱାଇଁ, ସାମ୍ବାଦିକ ଭବାନୀ ଶଙ୍କର ପାତ୍ର,ବିଶ୍ୱରଂଜନ ଦାସ ପ୍ରମୁଖ ସ୍ୱର୍ଗତଃ ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ବଙ୍ଗାଳୀ ପରିଜା,ଚିନ୍ମୟ ମହାରଣା,ଧୀରେନ୍ଦ୍ର ସାହୁ,ଅଜୟ କୁମାର ବେଉରା,ବରଦା ପ୍ରସାଦ ବେଉରା,ପ୍ରଦୀପ୍ତ ଦାସ,ପ୍ରଶାନ୍ତ କୁମାର ନାୟକ, ପ୍ରଶାନ୍ତ କୁମାର ବେହେରା ଓ ତାଙ୍କର ଦୁଇ ପୁଅ ଉପସ୍ଥିତ ଥିଲେ ।

## ନାରୀ ଓ ଛାତ୍ରୀଙ୍କୁ ନ୍ୟାୟ ଦାବିରେ

# ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ବିକ୍ଷୋଭ

ଭୁବନେଶ୍ୱର, (ସବ୍ୟୁ): ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ନାରୀ ସୁରକ୍ଷା ପାଇଁ ଓ ହତ୍ୟାକାରୀ ସଂଗଠନ ଏବିଭିପି ବିରୋଧରେ ବିକ୍ଷୋଭ କରାଯାଇଥିଲା । ବିଧାୟକ ବ୍ୟୋମକେଶ ରାୟ ଓ ବିଧାୟକ ଦେବୀରଂଜନ ତ୍ରିପାଠୀଙ୍କ ନେତୃତ୍ୱରେ ଶହ ଶହ ବିଜୁ ଯୁବ ଓ ଛାତ୍ର ଜନତା ଦଳର କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଯୋଗ ଦେଇଥିଲେ । ଏ ରାଜ୍ୟରେ ନାରୀମାନେ ଅସୁରକ୍ଷିତ ଥିଲା ବେଳେ ଛାତ୍ରୀମାନେ କଲେଜ କ୍ୟାମ୍ପସରେ ସୁରକ୍ଷିତ ନାହାନ୍ତି । କାରଣ ବିଜେପି ସମର୍ଥିତ ଛାତ୍ର ସଂଗଠନ ଏବିଭିପି ଯେଭଳି ନିଜର ସଂଗଠନକୁ ବଢାଇବା ପାଇଁ ବାଲେଶ୍ୱର ଏଫଏମ୍ କଲେଜର ସୌମ୍ୟାଶ୍ରୀଙ୍କ ପେଟ୍ରୋଲ ଓ ଦିଆସିଲ ଯୋଗାଇ ଦେଇ ତାଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଲେ ତାହା ସମସ୍ତଙ୍କୁ ଚକିତ କରିଛି । ଏହି କଥା ପ୍ରଥମ ଦିନରୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ କୁହାଯାଇଆସୁଥିଲା ଯେ, ଏବିଭିପି ସୌମ୍ୟାଶ୍ରୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇଛି ତାହା ଆଜି ପ୍ରମାଣିତ ହୋଇଯାଇଛି । ଏହି ଘଟଣାରେ ଆହୁରି ୧୦ଜଣ ଏବିଭିପିର କାର୍ଯ୍ୟକର୍ତ୍ତାମାନେ ସଂପୃକ୍ତ ଅଛନ୍ତି ସେମାନେ ଏବେ ବିଜେପି ନେତାଙ୍କ ଛତ୍ରଛାୟା ତଳେ



ଲୁଚି ରହିଛନ୍ତି । ସେମାନଙ୍କୁ ତୁରନ୍ତ ଗିରଫ କରାଯାଉ । ଏହା ସହିତ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ବିଜୁ ଯୁବ ଓ ଛାତ୍ର ନେତାମାନେ ଦାବି କରିଥିଲେ ।

ସେହିଭଳି ବଲଙ୍ଗା ଘଟଣାରେ ପୀଡିତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିବା ଦୁଃଖିଶ୍ୟାମ ସେନାପତିଙ୍କୁ ପୀଡିତା ପ୍ରଥମେ କହିଥିଲେ ଯେ, ପୀଡିତାଙ୍କୁ ତିନି ଜଣ ଦୁର୍ବୃର୍ତ୍ତ ବେହୋସ କରି ଟେକି ନେଇଥିଲେ । ତାଙ୍କ ହୋସ ଆସିଲା ବେଳକୁ ତାଙ୍କ ଦେହ ପୋଡିଯାଇଛି । ତେଣୁ ସେହି ତିନି ଜଣ ଦୁର୍ବୃର୍ତ୍ତଙ୍କୁ ଖସାଇ ଦେବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଦିଲ୍ଲୀ ଯାଇ ପୀଡିତାଙ୍କ ଉପରେ ଚାପ ପକାଇ ତାଙ୍କ ବୟାନ ବଦଳାଇବାରେ ସଫଳ ହୋଇଛନ୍ତି । ଉପମୁଖ୍ୟମନ୍ତ୍ରୀ ଜଣେ ନାରୀ ହୋଇ ଜଣେ ନାବାଳିକା ପ୍ରତି ଅତ୍ୟାଚାର କରିଥିବା ଦୁର୍ବୃର୍ତ୍ତମାନଙ୍କୁ କେଉଁ ଉଦ୍ଦେଶ୍ୟରେ ବଞ୍ଚାଉଛନ୍ତି ତାହା ସ୍ପଷ୍ଟ କରନ୍ତୁ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ତୁରନ୍ତ ଇସ୍ତଫା ଦେବା ପାଇଁ ବିଜୁ ଯୁବ ଛାତ୍ର ନେତାମାନେ ଦାବି କରିଛନ୍ତି ।

ଅନ୍ୟପକ୍ଷରେ ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଯେଭଳି ଅମାନୁଷିକ ଭାବେ ଗଣଦୁଷ୍କର୍ମ କରାଗଲା ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ରାଜ୍ୟରେ ଛାତ୍ରୀ ଓ ନାରୀ ମାନେ ଅସୁରକ୍ଷିତ ହୋଇପଡିଛନ୍ତି । ଏହି ବିକ୍ଷୋଭରେ ବିଜୁ ଯୁବ ଛାତ୍ର ନେତା ଧୃତିରଂଜନ ମାର୍ଥା, ଶୁଭାଂଶୁ ନାରାୟଣ ମିଶ୍ର, ତାରିଣୀ ପ୍ରସାଦ ନାୟକ, ଦିଲ୍ଲୀପ ସେନାପତି, ଶୁଭ୍ରଜିତ ପାଢ଼ୀ, ରଶ୍ମୀରଂଜନ ଦାସ, ରାଜେଶରାଜ ସ୍ୱାଇଁ, ଇପ୍ସିତା ସାହୁ, ସୁଜିତ ପାଲଟାସିଂ, ଅରୂପ ଶ୍ରୀଚନ୍ଦନ, ସୌମ୍ୟ ମହାପାତ୍ର, ଲଗ୍ନାଦୀପା ମିଶ୍ର, ଅବିନାଶ ପ୍ରଧାନ, ବାସୁଦେବ ଶାହ, ଅବତାବ ଆଲାମ ଖାନ, ଦୀପକ ଜେନା ପ୍ରମୁଖ ଶତାଧିକ ସାମିଲ ଥିଲେ ।

# ହାଇଟେକ୍‌ରେ ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଭାରତରେ ପ୍ରଥମ ଥର ପାଇଁ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ବଲାଙ୍ଗୀର ର ୩୮ ବର୍ଷିୟଭିକାରୀ ଚରଣ ନାୟକ ଦୀର୍ଘଦିନ ଧରି ଓଡିଶାର ବିଭିନ୍ନ ଚିକିତ୍ସାଳୟରେ ତାଙ୍କର ପଚି ଯାଇଥିବା ଡାହାଣପଟ ଗୋଡ ବୁଢା ଆଙ୍ଗୁଠିକୁ ଦେଖାଇ ବହୁ ଦିନରୁ ଅତ୍ୟନ୍ତ କଷ୍ଟ ଭୋଗି ଆସୁଥିବାବେଳେ ସମସ୍ତଙ୍କ ପାଖରେ ସେଇ ଗୋଟିଏ କଥା ଯେ, ସେ ଆଙ୍ଗୁଠିଟି କଟାଯିବ। ଯେହେତୁସେ ଆଙ୍ଗୁଠିକୁ ରକ୍ତପ୍ରବାହ ହେବାରେ ବାଧକ ସୃଷ୍ଟି ହୋଇଛି। କିନ୍ତୁ ହାଇଟେକ୍ ମେଡିକାଲ କଲେଜର "ସିଟିଭିଏସ୍" ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ସ୍ମୃତି ପ୍ରକାଶ ସାହୁଙ୍କର ଅଦମ୍ୟ ଚେଷ୍ଟା ଓ ସଫଳ ଅସ୍ତ୍ରୋପଚାର ଫଳରେ ରୋଗୀଟି ଶତକଡାଶହେ ଭାଗକଷ୍ଟ ବାଧିତ ହୋଇତାଙ୍କର ପୂର୍ବ ଆଙ୍ଗୁଠିକୁ ଫେରିପାଇବା ସହିତ ହସିହସିହାଇଟେକ୍ ହସ୍ପିଟାଲରୁ ବିଦାୟ ନେଇଛନ୍ତି। ଏଠାରେ କୁହାଯାଇପାରେ ଯେ, ଶରୀରର କୌଣସି ଅଙ୍ଗକୁ ଯଦି ରକ୍ତ ପ୍ରବାହ ନ ହୋଇପାରେ ତାହା ଅକାମି ହୋଇଯାଏ। କିନ୍ତୁ ସଠିକ୍ ସମୟରେ ସତର୍କତା ଓ ସୁଦକ୍ଷ ଚିକିତ୍ସାବିତ୍‌ମାନଙ୍କ ଦ୍ୱାରା ଆଧୁନିକ ଜ୍ଞାନକୌଶଳରେ ପୁନର୍ବାରରକ୍ତ ପ୍ରବାହ




କରାଯାଇ ପାରିବ ବୋଲି ବିଶିଷ୍ଟ ଚିକିତ୍ସକ ଡ. ସ୍ମୃତି ପ୍ରକାଶ ସାହୁ ଜଣାଇଛନ୍ତି। ଏହି ଅବସରରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ଏବଂ ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀଡ. ସ୍ମୃତି ପ୍ରକାଶ ସାହୁଙ୍କର ଅଦମ୍ୟ ଉତ୍ସାହ, ସାହାସ ଏବଂ କୃତବିଦ୍ୟ ଚିକିତ୍ସକ ଭାବରେ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ସମସ୍ତ ଜନସାଧାରଣ ଏଥିପ୍ରତି ସଚେତନ ହୋଇ ସଠିକ୍ ସମୟରେ ଦକ୍ଷ ଚିକିତ୍ସକମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଦୀର୍ଘ ନିରାମୟଜୀବନ ଅତିବାହିତ କରିପାରିବେ ବୋଲି ଦର୍ଶାଇଛନ୍ତି।

# ବିଶ୍ୱ ରେକର୍ଡ କଲା ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'

## ଗୋଟିଏ ମାସରେ ସର୍ବାଧିକ ପଞ୍ଜିକରଣ ପାଇଁ ପାଇଲା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ ପରୀକ୍ଷା ପେ ଚର୍ଚ୍ଚା (ପିପିସି)-୨୦୨୫ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ହାସଲ କରିଛି । ୨୦୧୮ ମସିହାରୁ ମାଇଁ ଗଭ୍ ସହଯୋଗରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସଫଳତାର ସହିତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି । କୌଣସି ନାଗରିକ ସଂଗଠନ ପ୍ଲାଟଫର୍ମରେ ଗୋଟିଏ ମାସରେ ସର୍ବାଧିକ ପଞ୍ଜୀକରଣ ପାଇଁ ଚଳିତ ଥର ଏହି କାର୍ଯ୍ୟକ୍ରମକୁ ଗିନିଜ୍ ବିଶ୍ୱ ରେକର୍ଡ ସହିତ ସମ୍ମାନିତ କରାଯାଇଛି । ମାଇଁ ଗଭ୍ ପ୍ଲାଟଫର୍ମରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣ ଲାଗି ଚଳିତଥର ମୋଟ୍ ୩.୫୩ କୋଟି ବୈଧ ପଞ୍ଜିକରଣ କରାଯାଇଛି ଯାହାକି ଏହାର ଅଭୂତପୂର୍ବ ସଫଳତାକୁ ଦର୍ଶାଉଛି ।




ପରୀକ୍ଷା ପେ ଚର୍ଚ୍ଚା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଏବଂ ତାଙ୍କ ନେତୃତ୍ୱରେ ପରିଚାଳିତ ଏକ ଅନନ୍ୟ ବିଶ୍ୱସ୍ତରୀୟ ପ୍ଲାଟଫର୍ମ । ଏଥିରେ ସେ ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହିତ ମତବିନିମୟ କରିଥା'ନ୍ତି । ଏହି ପଦକ୍ଷେପ ପରୀକ୍ଷା ଋତୁକୁ ସକାରାତ୍ମକତା, ପ୍ରସ୍ତୁତି ଏବଂ ଉଦ୍ଦେଶ୍ୟମୂଳକ ଶିକ୍ଷାର ଏକ ମହୋତ୍ସବରେ ପରିଣତ କରିଥାଏ । ଏହା ପରୀକ୍ଷା ସମୟକୁ ଚାପ ବଦଳରେ ଉତ୍ସାହରେ ଭରି ଦିଏ ।

ନୂଆଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ ଆନୁଷ୍ଠାନିକ ଭାବରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ରାଷ୍ଟ୍ରମନ୍ତ୍ରୀ ଜିତିନ୍ ପ୍ରସାଦ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗର ସଚିବ ସଞ୍ଜୟ କୁମାର ମାଇଁ ଗଭର ସିଇଓ ନନ୍ଦ କୁମାରମ୍ ଏବଂ ଶିକ୍ଷା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ପ୍ରମୁଖ ଅଂଶୀଦାରମାନେ ଉପସ୍ଥିତ ଥିଲେ । ଗିନିଜ୍ ୱାର୍ଲ୍ଡ ରେକର୍ଡର କ୍ଷମତାପ୍ରାପ୍ତ ବିଚାରକ ଶ୍ରୀ ରିଷି ନାଥଙ୍କ ଦ୍ୱାରା ରେକର୍ଡର ପ୍ରମାଣୀକରଣ ଏବଂ ଘୋଷଣା କରାଯାଇଥିଲା । ଏହି ଅବସରରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ପରୀକ୍ଷା ପେ ଚର୍ଚ୍ଚାକୁ ଶିକ୍ଷାର ଏକ ଉତ୍ସବରେ ପରିଣତ କକରାଯାଇଛି । ଏହାକୁ ପରୀକ୍ଷା ପ୍ରତି ଏକ ଜାତୀୟ ଆଭିମୁଖ୍ୟ ଭାବରେ ପୁନଃପରିଭାଷିତ କରାଯାଇଛି । ଶ୍ରୀ ପ୍ରଧାନ ସୂଚନା ଦେଇ କହିଥିଲେ, ୨୦୨୫ରେ ପିପିସିର ଅଷ୍ଟମ ସଂସ୍କରଣକୁ ସମସ୍ତ ଗଣମାଧ୍ୟମ ପ୍ଲାଟଫର୍ମରେ ମୋଟ ୨୧ କୋଟିରୁ ଅଧିକ ଦର୍ଶକ ଦେଖିଥିଲେଛ ପିପିସି ୨୦୨୫ରେ ବିପୁଳ ଅଂଶଗ୍ରହଣକୁ ସାମଗ୍ରିକ ଏବଂ ସମାବେଶୀ ଶିକ୍ଷା ପ୍ରତି ଦେଶର ସାମୂହିକ ପ୍ରତିବଦ୍ଧତା ଏବଂ ଏକ ବିକଶିତ ଭାରତ ଦୃଷ୍ଟିକୋଣ ସହିତ ସମନ୍ୱୟ ପ୍ରତିଫଳନ ଭାବରେ ଦେଖାଯାଉଛି । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପରୀକ୍ଷା ପେ ଚର୍ଚ୍ଚାକୁ ପ୍ରଧାନମନ୍ତ୍ରୀଙ୍କ ଏକ ଅନନ୍ୟ ପଦକ୍ଷେପ ବୋଲି କହିଥିଲେ । ସୂଚନାଯୋଗ୍ୟ, ଜାତୀୟ ଶିକ୍ଷା ନୀତି ୨୦୨୦ ଚାପମୁକ୍ତ ଏବଂ ଆନନ୍ଦଦାୟକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରେ । ଆରମ୍ଭ ହେବା ପରଠାରୁ, ପରୀକ୍ଷା ପେ ଚର୍ଚ୍ଚା ଏକ ଦେଶବ୍ୟାପୀ ଜନଆନ୍ଦୋଳନରେ ପରିଣତ ହୋଇଛି । ଏହା ପରୀକ୍ଷାକୁ ଆତ୍ମ-ପ୍ରକାଶ ଏବଂ ଅଭିବୃଦ୍ଧିର ସୁଯୋଗରେ ପରିଣତ କରିଥାଏଛ ବ୍ୟକ୍ତିଗତ ଆଲୋଚନା ମାଧ୍ୟମରେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସମୟ ପରିଚାଳନା, ଡିଜିଟାଲ୍ ଏକାଗ୍ରତା ଭଙ୍ଗ, ସଚେତନତା ଏବଂ ଭାବଗତ ସ୍ଥିରତା ଭଳି ପ୍ରମୁଖ ଆହ୍ୱାନଗୁଡ଼ିକର ମୁକାବିଲା ନିମନ୍ତେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ବ୍ୟବହାରିକ ମାର୍ଗଦର୍ଶନ ଏବଂ ପ୍ରେରଣା ପ୍ରଦାନ କରିଥାନ୍ତି ।

## ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ କ୍ଲିନଚିଟ୍

**ନୂଆଦିଲ୍ଲୀ:** ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଆପ ନେତା ଏବଂ ପୂର୍ବତନ ପୂର୍ତ୍ତ (ପିଡବ୍ଲୁଡି) ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି । ଦିଲ୍ଲୀ ପୂର୍ତ୍ତବିଭାଗରେ ଅନିୟମିତ ନିଯୁକ୍ତି ଏବଂ ଅସମ୍ପର୍କିତ ପ୍ରକଳ୍ପରୁ ଦେୟ ସହିତ ଜଡିତ ମାମଲାରେ କୋର୍ଟ ସିବିଆଇର କ୍ଲୋଜର ରିପୋର୍ଟକୁ ମଞ୍ଜୁରୀ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଦୀର୍ଘ ତଦନ୍ତ ସତ୍ତ୍ୱେ, ଦୁର୍ନୀତି କିମ୍ବା ଅପରାଧିକ ଷଡ଼ଯନ୍ତ୍ରର କୌଣସି ପ୍ରମାଣ



ମିଳିନାହିଁ । ରାଉଜ୍ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି ଡିଗ୍ ବିନୟ ସିଂହ କହିଛନ୍ତି ଯେ ଦୁର୍ନୀତି ନିବାରଣ ଆଇନ ଆଇନ ଲାଗୁ କରିବା ପାଇଁ ଠୋସ୍ ସାମଗ୍ରୀ ଆବଶ୍ୟକ । କେବଳ କର୍ତ୍ତବ୍ୟରେ ଅବହେଳା ଯଥେଷ୍ଟ ନୁହେଁ । ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଅଭିଯୋଗ ଆଧାରରେ କୌଣସି ଅଭିଯୁକ୍ତଙ୍କ ବିରୁଦ୍ଧରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଯଥାର୍ଥ ହେବ ନାହିଁ । ଏହି ମାମଲା ୨୦୧୮ରେ ଦାଏର ଏକ ଏଫଆଇଆର ସହିତ ଜଡିତ । ଦିଲ୍ଲୀ ସରକାରଙ୍କ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଅଭିଯୋଗ କ୍ରମେ, ତତ୍କାଳୀନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଏବଂ ପିଡବ୍ଲୁଡି ଅଧିକାରୀମାନଙ୍କ ବିରୁଦ୍ଧରେ ବିଭାଗରେ କ୍ରିଏଟିଭ୍ ଟିମ୍ ନାମକ ପରାମର୍ଶଦାତାଙ୍କ ନିଯୁକ୍ତିରେ ଅନିୟମିତତା ଅଭିଯୋଗ ଆସିଥିଲା ।

# ୟେମେନରେ ଜାହାଜ ବୁଡ଼ି ୬୮ ଜଣଙ୍କ ମୃତ୍ୟୁ



**ନୂଆଦିଲ୍ଲୀ:** ୟେମେନରେ ବଡ଼ ଅଘଟଣ । ଦକ୍ଷିଣ ଅବିଆନ ପ୍ରଦେଶ ନିକଟରେ ନୌକା ଓଲଟି ପଡ଼ିବାରୁ ୬୮ ଜଣ ଶରଣାର୍ଥୀଙ୍କ ମୃତ୍ୟୁ ଘଟିଛି । ୟେମେନ ଗଣମାଧ୍ୟମ ଅନୁଯାୟୀ, ପ୍ରାୟ ୧୫୪ ଜଣ ଶରଣାର୍ଥୀଙ୍କୁ ନେଇ ଏହି ନୌକା ଗଲ୍ଫ ଅଫ ଏଡେନରେ ଖରାପ ପାଗ ଯୋଗୁ ଓଲଟି ପଡ଼ିଥିଲା । ମାତ୍ର ୧୨ ଜଣ ଉଦ୍ଧାର ହୋଇଛନ୍ତି, ଆଉ ୭୪ ଜଣ ନିଖୋଜ ଅଛନ୍ତି । ଖାନଫର ଜିଲ୍ଲାରେ ୫୪ ଜଣଙ୍କ ମୃତଦେହ ସମୁଦ୍ର କୂଳରେ ମିଳିଛି ଏବଂ ୧୪ ଜଣଙ୍କ ମୃତଦେହ ଜିଞ୍ଜିବାର ହସ୍ପିଟାଲରେ ରଖାଯାଇଛି । ଅନ୍ତଃରାଷ୍ଟ୍ରୀୟ ବିସ୍ଥାପନ ସଂଘର ମୁଖ୍ୟ ଘଟଣାକୁ 'ହୃଦୟ ବିଦାରକ' କହିଛନ୍ତି । ୟେମେନ ହେଉଛି ହର୍ନ ଅଫ ଆଫ୍ରିକାରୁ ଗଲ୍ଫ ଦେଶମାନଙ୍କୁ ଯିବା ପାଇଁ ଏକ ପ୍ରମୁଖ ରାସ୍ତା । ୨୦୨୪ରେ ୬୦,୦୦୦ରୁ ଅଧିକ ଶରଣାର୍ଥୀ ୟେମେନରେ ପହଞ୍ଚିଛନ୍ତି । ୟୁଏନ୍ ଅନୁଯାୟୀ, ଗତ ଦଶନ୍ଧୀରେ ଏହି ରାସ୍ତାରେ ୩,୪୦୦ରୁ ଅଧିକ ମୃତ୍ୟୁ ଏବଂ ନିଖୋଜ ଘଟଣା ରେକର୍ଡ ହୋଇଛି । ସଂଖ୍ୟାଠାରୁ ଅଧିକ ଲୋକ ଜାହାଜରେ ଥିବାରୁ ଜାହାଜ ଭାରସାମ୍ୟ ହରାଇଥିବା ସୂଚନା ରହିଛି । ଅଘଟଣରେ ୬୮ ଜଣଙ୍କ ମୃତ୍ୟୁ ଓ ୭୪ ନିଖୋଜ ଥାବ ସୂଚନା ।

## ଇଗ୍ନୋର ନାମଲେଖା ଅବଧି ୧୫ ତାରିଖକୁ ବୃଦ୍ଧି

**ନୂଆଦିଲ୍ଲୀ:** ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜୁଲାଇ-୨୦୨୫ ଶିକ୍ଷା ସେସନ ପାଇଁ ନାମ ଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଘୋଷଣା କରାଯାଇଛି । ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେଛ ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଂଚିତ ହୋଇଥିବା କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର), ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମ ଲେଖା ଏବଂ ପୁନଃ ପଞ୍ଜୀକରଣର ଶେଷ ତାରିଖ ଚଳିତ ଅଗଷ୍ଟ ମାସ ୧୫ ତାରିଖକୁ ବୃଦ୍ଧି କରାଯାଇଛି । ଅଣ୍ଡରଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ ଯଥା କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ), ବିଭାଗରେ ନାମ ଲେଖାଇବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତିଆ ଆବେଦକଙ୍କ ପାଇଁ ନାମ ଲେଖା ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି । ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋର ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେନାହିଁ ।

# ପ୍ରଧାନମନ୍ତ୍ରୀଙ୍କୁ ଦେଖି କାନ୍ଦି ପକାଇଲେ ହେମନ୍ତ ସୋରେନ୍

**ନୂଆଦିଲ୍ଲୀ:** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରତିଷ୍ଠାତା ଶିବୁ ସୋରେନଙ୍କର ଆଜି ସକାଳେ ଦେହାନ୍ତ ହୋଇଥିଲା । ସେ ଦିଲ୍ଲୀର ସାର୍ ଗଙ୍ଗା ରାମ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଶିବୁ ସୋରେନଙ୍କ ଦେହାନ୍ତ ପରେ ଶେଷ ଦର୍ଶନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହସ୍ପିଟାଲରେ ପହଞ୍ଚିଥିଲେ ବୋଲି ଜଣାପଡ଼ିଛି । ସେ ସେଠାରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଭେଟିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପରେ ହେମନ୍ତ ସୋରେନ ଭାବପ୍ରବଣ ହୋଇଯାଇ ନିଜ ଲୁହକୁ ରୋକିପାରି ନଥିବା ଦେଖାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀ ନିଜ ଏକ୍ସ ପୋଷ୍ଟରେ ସେୟାର କରିଥିବା କିଛି ଫଟୋରେ ଏହା ଦେଖିବାକୁ ମିଳିଛି । ଫଟୋ ସେୟାର କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ମୁଁ ସାର୍ ଗଙ୍ଗା ରାମ ହସ୍ପିଟାଲରେ ପହଞ୍ଚି ଶିବୁ ସୋରେନଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି । ତାଙ୍କ ପରିବାରକୁ ମଧ ଭେଟିଛି । ମୋର ସମବେଦନା ହେମନ୍ତଜୀ, କଳ୍ପନାଜୀ ଏବଂ ଶିବୁ ସୋରେନଜୀଙ୍କ ସମର୍ଥକଙ୍କ ସହିତ ଅଛି । ଏହି କ୍ୟାପସନ ସହିତ ପ୍ରଧାନମନ୍ତ୍ରୀଙ୍କ ଏକ୍ସ ହ୍ୟାଣ୍ଡେଲରୁ କିଛି ଫଟୋ ମଧ ସେୟାର କରାଯାଇଛି, ଯେଉଁଥିରେ ହେମନ୍ତ ସୋରେନଙ୍କ ଆଖିରେ ଲୁହ ଦେଖାଯାଇଛି । ପ୍ରଧାନମନ୍ତ୍ରୀ ତାଙ୍କୁ ଧରି ସମବେଦନା ଦେଉଥିବା ବେଳେ ସେ ଭାଙ୍ଗିପଡ଼ିଥିବା ଦେଖିବାକୁ ମିଳିଛି ।



# ଜମ୍ମୁ-କଶ୍ମୀରକୁ ମିଳିବ ରାଜ୍ୟ ମାନ୍ୟତା !

**ନୂଆଦିଲ୍ଲୀ:** ୨୦୧୯ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ ଦୁଇ ଭାଗରେ ବିଭକ୍ତ କରି ଲଦାଖକୁ ଅଲଗା କରି ଦେଇଥିଲେ । ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହୋଇଥିଲେ । କିନ୍ତୁ ଏବେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ମିଳିବାର ଚର୍ଚ୍ଚା ଆରମ୍ଭ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଭେଟିବା ପରେ ଏପରି ଚର୍ଚ୍ଚା ଆରମ୍ଭ ହୋଇଛି ।

ଏହାବାଦ ଜମ୍ମୁ-କଶ୍ମୀରର ବିଜେପି ମୁଖ୍ୟଙ୍କ ସମେତ ବିଭିନ୍ନ ନେତାଙ୍କ ସହ ଅମିତ ଶାହ ବୈଠକ କରିଛନ୍ତି । ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦି ବିଜେପି ନେତୃତ୍ୱାଧୀନ ଏନଡିଏ ସାଂସଦମାନଙ୍କ ବୈଠକ ଡାକିଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ କିଛି ବୈଠକ କରିବାର ଖବର ମିଳିଛି ।

ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଅଗଷ୍ଟ ୫ ତାରିଖ ୨୦୧୯ରେ ହୋଇଥିଲାଛ ଏହାକୁ ଆସନ୍ତାକାଲି ୬ ବର୍ଷ ପୂରିବାକୁ ଯାଉଛି । ତା' ପୂର୍ବରୁ ଏପରି ଘନଘନ ବୈଠକ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ମିଳିବା ଚର୍ଚ୍ଚାକୁ ଆହୁରି ବାଇ ଦେଇଛି । ମୌସୁମୀ ଅଧିବେଶନ ଏବେ ଚାଲିଛି । ଏହା ୨୧ ତାରିଖରେ ଶେଷ ହେବ । ଏହାପୂର୍ବରୁ ସମ୍ଭବତଃ ଆସନ୍ତାକାଲି କିଛି ଗୋଟିଏ ବଡ଼ ଘୋଷଣା ହୋଇପାରେ । ଅଗଷ୍ଟ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଭବନକୁ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ । ସର୍ବଦା ଏପରି ବୈଠକ ସମ୍ପର୍କରେ ପିଆଇବି ପକ୍ଷରୁ ବିବୃତି ଜାରି କରାଯାଏ । ହେଲେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମିଟିଂକୁ ନେଇ କୌଣସି ବିବୃତି ଜାରି କରାଯାଇ ନାହିଁ । ଏହି ବୈଠକର କିଛି ଘଣ୍ଟା ପରେ ରାଷ୍ଟ୍ରପତି ଭବନରେ ପହଞ୍ଚିଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ । ସେ ମଧ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁଙ୍କ ସହ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ । ଚଳିତ ମାସର ପ୍ରଥମ ଦୁଇ ଦିନରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଜମ୍ମୁ-କଶ୍ମୀର ବିଜେପି ମୁଖ୍ୟ ସତ ଶର୍ମା ଓ ଲଦାଖର ଉପ ରାଜ୍ୟପାଳ କବିନ୍ଦର ଗୁପ୍ତାଙ୍କ ସହ ମିଟିଂ କରିଥିଲେ । ସୋମବାର ଜମ୍ମୁ-କଶ୍ମୀର ଶିହା ଆସୋସିଏସନର ସଭାପତି ଇମରାନ ରାଜା ଅନସାରୀ ମଧ ଅମିତ ଶାହଙ୍କୁ ଭେଟି ଉପତ୍ୟକାର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ ।




## ୬ରେ କର୍ତ୍ତବ୍ୟ ଭବନ ଉଦ୍‌ଘାଟନ କରିବେ ମୋଦି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୬ ତାରିଖ ୧୨.୧୫ ସମୟରେ ଦିଲ୍ଲୀର କର୍ତ୍ତବ୍ୟ ପଥସ୍ଥିତ କର୍ତ୍ତବ୍ୟ ଭବନ ପରିଦର୍ଶନ କରି ଏହାର ଉଦଘାଟନ କରିବେ । ଏହା ପରେ ସନ୍ଧ୍ୟା ପ୍ରାୟ ୬.୩୦ ସମୟରେ ସେ କର୍ତ୍ତବ୍ୟ ପଥଠାରେ ଏକ ସାଧାରଣ କାର୍ଯ୍ୟକ୍ରମରେ ସମ୍ବୋଧିତ କରିବେ । ପ୍ରଧାନମନ୍ତ୍ରୀଙ୍କ ଆଧୁନିକ, ଦକ୍ଷ ଏବଂ ନାଗରିକ-କୈନ୍ଦ୍ରିକ ଶାସନ ଦୃଷ୍ଟିକୋଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ । ଉଦଘାଟନ ହେବାକୁ ଯାଉଥିବା କର୍ତ୍ତବ୍ୟ ଭବନ-୩ ସେଣ୍ଟ୍ରାଲ ଭିଷ୍ଟାର ବ୍ୟାପକ ରୂପାନ୍ତରଣର ଏକ ଅଂଶ । ଏହା ଅନେକ ଆଗାମୀ ସାଧାରଣ କେନ୍ଦ୍ରୀୟ ସଚିବାଳୟ କୋଠା ମଧ୍ୟରୁ ପ୍ରଥମ ଯାହା ପ୍ରଶାସନିକ ପ୍ରକ୍ରିୟାକୁ ସୁଗମ କରିବା ଏବଂ ସୁଦକ୍ଷ ଶାସନକୁ ସମ୍ଭବ କରିବା ପାଇଁ ଲକ୍ଷ୍ୟ ରଖିଛି । ଏହି ପ୍ରକଳ୍ପ ସରକାରଙ୍କ ବ୍ୟାପକ ପ୍ରଶାସନିକ ସଂସ୍କାର ଏଜେଣ୍ଡାର ପ୍ରତୀକ । ମନ୍ତ୍ରଣାଳୟଗୁଡ଼ିକୁ ଏକାଠି କରି ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ଗ୍ରହଣ କରି, ସାଧାରଣ କେନ୍ଦ୍ରୀୟ ସଚିବାଳୟ ଆନ୍ତଃ-ମନ୍ତ୍ରାଳୟ ସମନ୍ୱୟକୁ ଉନ୍ନତ କରି, ନୀତି କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରି ଏବଂ ଏକ ପ୍ରତିକ୍ରିୟାଶୀଳ ପ୍ରଶାସନିକ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବ । ବର୍ତ୍ତମାନ, ଅନେକ ପ୍ରମୁଖ ମନ୍ତ୍ରଣାଳୟ ୧୯୫୦ ଏବଂ ୧୯୭୦ ଦଶକ ମଧ୍ୟରେ ନିର୍ମିତ ଶାସ୍ତ୍ରୀ ଭବନ, କୃଷି ଭବନ, ଉଦ୍ୟୋଗ ଭବନ ଏବଂ ନିର୍ମାଣ ଭବନ ଭଳି ପୁରୁଣା କୋଠାରୁ କାର୍ଯ୍ୟ କରୁଛି, ଯାହା ବର୍ତ୍ତମାନ ଢାଞ୍ଚାଗତ ଭାବରେ ପୁରୁଣା ଏବଂ ଅଦକ୍ଷ । ଏହି ନୂତନ କୋଠାଗୁଡ଼ିକ ମରାମତି ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ହ୍ରାସ କରିବ, ଉତ୍ପାଦକତା ବୃଦ୍ଧି କରିବ, କର୍ମଚାରୀଙ୍କ କଲ୍ୟାଣରେ ଉନ୍ନତି ଆଣିବ ଏବଂ ସାମଗ୍ରିକ ସେବା ପ୍ରଦାନରେ ଉନ୍ନତି ଆଣିବ । କର୍ତ୍ତବ୍ୟ ଭବନ-୦୩ ଦିଲ୍ଲୀରେ ବିସ୍ତାରିତ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକୁ ଏକତ୍ର କରି ଦକ୍ଷତା, ନବସୃଜନ ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହା ପ୍ରାୟ ୧.୫ ଲକ୍ଷ ବର୍ଗ ମିଟର ଅଞ୍ଚଳରେ ବିସ୍ତାରିତ ଏକ ଅତ୍ୟାଧୁନିକ କାର୍ଯ୍ୟାଳୟ କମ୍ପ୍ଲେକ୍ସ ହେବ ଏବଂ ଏଥିରେ ଦୁଇଟି ବେସମେଣ୍ଟ ଏବଂ ସାତ ମହଲା (ଭୂମି ୬ ମହଲା) ରହିବ ।

## ପତ୍ନୀ ଆତ୍ମହତ୍ୟା ମାମଲା

# ଦୋଷୀ ବୈଜ୍ଞାନିକଙ୍କୁ ହାଇକୋର୍ଟରୁ ମିଳିଲା ଆଶ୍ୱସ୍ତି

**ନୈନିତାଲ:** ଉତ୍ତରାଖଣ୍ଡ ହାଇକୋର୍ଟ ଜଣେ ଟୀକା ବୈଜ୍ଞାନିକ ଆକାଶ ଯାଦବଙ୍କୁ ବଡ଼ ଆଶ୍ୱସ୍ତି ଦେଇଛନ୍ତି, ଯିଏ ତାଙ୍କ ପତ୍ନୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । କୋର୍ଟ ତାଙ୍କ ଦୋଷୀ ସାବ୍ୟସ୍ତ ଏବଂ ପାଞ୍ଚ ବର୍ଷର ଜେଲ ଦଣ୍ଡ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି । ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଆଇଟି) ଖଡ଼ଗପୁରରୁ ପିଏଚଡି କରିଥିବା ଆକାଶ ଯାଦବଙ୍କୁ ଆଶ୍ୱସ୍ତି ଦେଇ ବିଚାରପତି ରବିନ୍ଦ୍ର ମୈଥାନିଙ୍କ ଏକକ ଖଣ୍ଡପୀଠ କହିଛନ୍ତି ଯେ ବୃହତ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ବୈଜ୍ଞାନିକଙ୍କ ଦୋଷୀ ସାବ୍ୟସ୍ତକୁ ସ୍ଥଗିତ ରଖାଯାଇଛି । କୋର୍ଟ ଜାଣିପାରିଲେ ଯେ ବୈଜ୍ଞାନିକ ଆକାଶ ଯାଦବ ଟୀକାର ଗବେଷଣା ଏବଂ ବିକାଶରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି ଏବଂ ଦୋଷୀ ସାବ୍ୟସ୍ତ ହେବା ଯୋଗୁଁ ତାଙ୍କର କାମ ବନ୍ଦ ହୋଇଯାଇଛି । କୋର୍ଟ ତାଙ୍କ ଆଦେଶରେ ଏହା ମଧ କହିଛନ୍ତି ଯେ ତାଙ୍କ ଗବେଷଣା ସମାଜ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ।



ତାଙ୍କ ପତ୍ନୀଙ୍କ ମୃତ୍ୟୁ ପରେ ଆକାଶ ଯାଦବଙ୍କୁ ଯୌତୁକ ନିରୋଧ ଆଇନ ଅନୁଯାୟୀ ଅଭିଯୁକ୍ତ କରାଯାଇଥିଲା । ଉଧମ ସିଂହ ନଗର ଜିଲ୍ଲାର ରୁଦ୍ରପୁରର ଏକ କୋର୍ଟ ତାଙ୍କୁ ଯୌତୁକ ଅଭିଯୋଗରୁ ମୁକ୍ତ କରିଥିଲେ, କିନ୍ତୁ ଆତ୍ମହତ୍ୟା ପାଇଁ ପ୍ରୋତ୍ସାହିତ କରିବା ଅଭିଯୋଗରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ପାଞ୍ଚ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଆକାଶ ଯାଦବ ଏହି ନିଷ୍ପତ୍ତି ବିରୁଦ୍ଧରେ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ । ପୂର୍ବରୁ, କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ ଏବଂ ତାଙ୍କ ଆବେଦନ ପର୍ଯ୍ୟନ୍ତ ତାଙ୍କ ଦଣ୍ଡାଦେଶ କାର୍ଯ୍ୟକାରୀତାକୁ ସ୍ଥଗିତ ରଖିଥିଲେ । ପରେ, ଯାଦବ ମଧ ତାଙ୍କ ଦୋଷୀ ସାବ୍ୟସ୍ତ ହେବା ଉପରେ ସ୍ଥଗିତ ରଖିବାକୁ ଆବେଦନ କରିଥିଲେ ଏବଂ ଯୁକ୍ତି ଦେଇଥିଲେ ଯେ ତାଙ୍କ ପାଇଁ ଟୀକା ବିକାଶର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଜାରି ରଖିବା ଆବଶ୍ୟକ ।

କୋର୍ଟ ଦୋଷୀ ସାବ୍ୟସ୍ତ ହେବା ଏବଂ ଦଣ୍ଡାଦେଶ କାର୍ଯ୍ୟକାରୀ ହେବା ସହିତ ଜଡିତ ବିଭିନ୍ନ ଆଇନଗତ ଉଦାହରଣକୁ ଉଲ୍ଲେଖ କରି ଏହି ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଆବେଦନର ଚୂଡ଼ାନ୍ତ ଶୁଣାଣି ନହେବା ପର୍ଯ୍ୟନ୍ତ ଦଣ୍ଡାଦେଶ କାର୍ଯ୍ୟକାରୀ ସ୍ଥଗିତ ରହିବ । ଆକାଶ ଯାଦବ ବାୟୋଟେକ୍ନୋଲୋଜିରେ ପିଏଚଡି ଏବଂ ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ । ଗତ ତିନି ବର୍ଷ ଧରି, ସେ ପ୍ରମୁଖ ଟୀକା ନିର୍ମାତା ଇଣ୍ଡିଆନ୍ ଇମ୍ୟୁନୋଲୋଜିକାଲ୍ସ ଲିମିଟେଡରେ ଜଣେ ବରିଷ୍ଠ ବୈଜ୍ଞାନିକ ଭାବରେ କାର୍ଯ୍ୟ କରୁଛନ୍ତି ଜନସ୍ୱାସ୍ଥ୍ୟ ଏବଂ ଜାତୀୟ ସ୍ୱାର୍ଥ ପାଇଁ ଗୁରୁତ୍ୱପୂର୍ଣ୍ଣ ଟୀକା ଗବେଷଣା ଏବଂ ବିକାଶରେ ସିଧାସଳଖ ଜଡିତ ଅଛନ୍ତି ।

# ଓଭାଲ ଟେଷ୍ଟ: ଇଂଲଣ୍ଡ ୬ ରନ୍‌ରେ ପରାସ୍ତ

## ସିରିଜ୍ ୨-୨ରେ ବରାବର




ଓଭାଲ,୪।୮ (ଏଜେନ୍ସି): ଲଣ୍ଡନର ଦ ଓଭାଲରେ ଖେଳା ଯାଇଥିବା ଭାରତ ଓ ଇଂଲଣ୍ଡ ଟେଷ୍ଟର ଅନ୍ତିମ ଦିନରେ ଦେଖିବାକୁ ମିଳିଛି ଭରପୂର ରୋମାଞ୍ଚ । ଇଂଲଣ୍ଡ ମାଟିରେ ସିଂହ ଭଳି ରଣହୁଙ୍କାର ଦେଇ ଭାରତୀୟ ବୋଲର ଘରୋଇ ଟିମ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଛନ୍ତି । ଶେଷ ଦିନରେ ବିଜୟ ପାଇଁ ଇଂଲଣ୍ଡକୁ ୩୫ ରନ ଦରକାର ଥିବା ବେଳେ ଇଂଲଣ୍ଡ ୩୬୭ ରନରେ ଅଲ୍‌ଆଉଟ ହୋଇଯାଇଛି । ଭାରତ ଶେଷ ଦିନରେ ୪ ୱିକେଟ ଦଖଲ କରି ମାତ୍ର ୬ ରନରେ ମ୍ୟାଚ୍ ଜିତି ଆଣ୍ଡରସନ-ତେନ୍ଦୁଲକର ଟେଷ୍ଟ ସିରିଜକୁ ୨-୨ର ଶେଷ କରିଛି । ଶୁଭମନ ଗିଲଙ୍କ ନେତୃତ୍ୱରେ ପ୍ରଥମଥର ଟେଷ୍ଟ ସିରିଜ ଖେଳୁଥିବା ଇଂଲଣ୍ଡକୁ ତା'ରି ମାଟିରେ ପାଣି ପିଆଇ ଦେଇଛି ।

୫ମ ଟେଷ୍ଟ ପୂର୍ବରୁ ଭାରତୀୟ ଟିମ ୧-୨ରେ ପଛରେ ରହିଥିଲା । ଶେଷ ଟେଷ୍ଟରେ ରୋମାଞ୍ଚ ଭରି ରହିଥିଲେ ହେଁ ଶେଷରେ ଭାରତ ବାଜି ମାରିନେଇଛି । ଦିବସର ପ୍ରଥମ ଓଭରରେ ଜାମି ଓଭରଟନ ଦମଦାର ଢଙ୍ଗରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଦୁଇଟି ଚୌକା ମାରିଥିଲେ । କିନ୍ତୁ ପରବର୍ତ୍ତୀ ଓଭରରେ ଦେଖିବାକୁ ମିଳିଥିବା ମିଆଁ ମ୍ୟାଜି ବା ମହମ୍ମଦଙ୍କ ଧମାଲ । ସିରାଜ ୨ ରନ କରିଥିବା ଜାମି ସ୍ମିଥଙ୍କୁ ଆଉଟ କରି ଇଂଲଣ୍ଡକୁ ୭ମ ଝଟକା ଦେଇଥିଲେ । ପରବର୍ତ୍ତୀ ବଲରେ ଗସ ଅଟକିନସନ ଦ୍ୱିତୀୟ ସ୍ଲିପ ଅଞ୍ଚଳରେ ସୁଯୋଗ ଦେଇଥିଲେ ହେଁ କେଏଲ ରାହୁଲଙ୍କ ହାତକୁ ବଲ ପହଞ୍ଚି ନଥିଲା । ଏହି ଓଭରରେ ସିରାଜ ମାତ୍ର ୨ ରନ ଦେଇଥିଲେ । ପରବର୍ତ୍ତୀ ଓଭରରେ ସିରାଙ୍କ ଶିକାର ବନିଥିଲେ ଜାମି ଓଭରଟନ । ଇଂଲଣ୍ଡକୁ ଜିତିବା ପାଇଁ ୧୭ ରନ ଦରକାର ଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣା ଚମତ୍କାର ଢଙ୍ଗରେ ଜୋଶ ଟଙ୍ଗଙ୍କୁ ବୋଲ କରି ଦେଇଥିଲେ । ଶେଷ ବ୍ୟାଟର ଭାବେ ପ୍ରଥମ ଇନଂସରେ କାନ୍ଧ ଖସି ଯିବା ଯୋଗୁ ଡ୍ରେସିଂ ରୁମରେ ରହିଥିବା କ୍ରିସ ୱୋକ୍ସ ଗୋଟିଏ ହାତରେ ବ୍ୟାଟ ଧରି ପଡ଼ିଆକୁ ପ୍ରବେଶ କରିଥିଲେ । ତାଙ୍କୁ କେବଳ ଗସ ଅଟକିନସଙ୍କୁ ସାଥ ଦେବାର ଥିଲା । କାରଣ ସେ ଗୋଟିଏ ହାତରେ ବ୍ୟାଟିଂ କରିବା ସମ୍ଭବ ନୁହେଁଛ କେବଳ ଶେଷ ୱିକେଟ ଭାବେ ସେ କ୍ରିଜକୁ ଆସିଥିଲେ । ଏତିକି ବେଳେ ସିରାଜଙ୍କୁ ଅଟକିନସନ ଗୋଟିଏ ଛକା ମାରିଥିଲେ । ବିଜୟ ଟାର୍ଗେଟ ୧୧କୁ ଖସି ଆସିଥିଲା । ପରବର୍ତ୍ତୀ ଦୁଇଟି ବଲରେ କୌଣସି ରନ ହୋଇ ନଥିଲା । ଓଭରର ଶେଷ ବଲ ଅଟକିନସନଙ୍କ ବ୍ୟାଟରେ ବାଜି ନଥିଲେ ହେଁ ବାଇରେ ୧ ରନ ୱୋକ୍ସ ଚୋରାଇ ନେଇଥିଲେ । ଧ୍ରୁବ ଜୁରେଲଙ୍କ ସିଧା ଥ୍ରୋ ୱିକେଟରେ ବାଜି ନଥିଲା । ଇଂଲଣ୍ଡକୁ ବିଜୟ ପାଇଁ ୧୦ ରନ ଦରକାର ଥିବା ବେଳେ ଅଟକିନସନ ୨ ରନ ନେଇ ଯାଇଥିଲେ । ସେହିପରି ଓଭରର ଶେଷ ବଲରେ ସେ ପ୍ରସିଦ୍ଧଙ୍କ ବଲରେ ୧ରନ ନେଇ ପୁଣି ଷ୍ଟ୍ରାଇକ ନିଜ ପାଖରେ ରଖିଥିଲେ । ବିଜୟ ପାଇଁ ୭ ରନ ଦରକାର ଥିବା ବେଳେ ଆସିଥିଲେ ସିରାଜ । ପ୍ରଥମ ବଲରେ ସେ ଅଟକିସନଙ୍କୁ ବୋଲ କରି ଭାରତକୁ ୬ ରନରେ ବିଜୟ ଭେଟି ଦେଇଛି । ଗିଲ ପ୍ରଥମ ଥର କୌଣସି ଟେଷ୍ଟ ସିରିଜରେ ନିଜର କ୍ୟାପେଟନ ଇନିଂସ ଆରମ୍ଭ କରିଥିବା ବେଳେ ଏହା ୨-୨ରେ ଶେଷ ହୋଇଛି ।

### ତୃତୀୟ ସ୍ଥାନରେ ଭାରତ

ଏହି ବିଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ବା ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ଭାରତ ଗୋଟିଏ ସ୍ଥାନ ଉପରକୁ ଉଠିଛି । ତଥାପି ଦଳ ତୃତୀୟ ସ୍ଥାନରେ ରହିଛି । ପୂର୍ବରୁ ଇଂଲଣ୍ଡ ତୃତୀୟ ସ୍ଥାନରେ ଥିବା ବେଳେ ଭାରତ ଠାରୁ ହାରି ୪ର୍ଥକୁ ଖସି ଯାଇଛି । ପୂର୍ବ ଭଳି ଅଷ୍ଟ୍ରେଲିଆ ୩ଟି ଟେଷ୍ଟରୁ ୩ଟି ଜିତି ୧୦୦% ବିଜୟ ପ୍ରତିଶତ ସହ ୧ନଂରେ ରହିଛି । ଶ୍ରୀଲଙ୍କା ୨ଟି ଟେଷ୍ଟ ଖେଳି ୧ ବିଜୟ ଓ ୧ ଡ୍ର ସହ ଦ୍ୱିତୀୟରେ ଅଛି । ଦଳର ବିଜୟ ପ୍ରତିଶତ ପଏଣ୍ଟ ୫୬.୬୭ । ଭାରତ ୪୬.୬୭ ବିଜୟ ପ୍ରତିଶତ ପଏଣ୍ଟ ସହ ତୃତୀୟ ଓ ଇଂଲଣ୍ଡ ୪୩.୩୩ ବିଜୟ ପ୍ରତିଶତ ସହ ୪ର୍ଥରେ ରହିଛି । ଭାରତ ଓ ଇଂଲଣ୍ଡ ୨୦୨୫-୨୭ ଟେଷ୍ଟ ଚକ୍ରରେ ୫ଟି ଲେଖାଏଁ ମ୍ୟାଚ ଖେଳିଛନ୍ତି ।

## କାନାଡିଆନ୍ ଓପନ୍

### ଆନାସ୍ତାସିଜା ସେବାସ୍ତୋଭାଙ୍କ ବଡ଼ ବିଜୟ

କାନାଡିଆନ୍ ଓପନ,୪।୮ (ଏଜେନ୍ସି): ଆନାସ୍ତାସିଜା ସେବାସ୍ତୋଭା ଡିଫେଣ୍ଡିଂ ଚାମ୍ପିଅନ୍ ଜେସିକା ପେଗୁଲାଙ୍କୁ ୩-୬, ୬-୪, ୬-୧ରେ ପରାସ୍ତ କଲେ ଏବଂ ଚାରିଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ନାଓମି ଓସାକାଙ୍କ ସହ ମୁକାବିଲା ସ୍ଥାପନ କଲେ । ଆନାସ୍ତାସିଜା ସେବାସ୍ତୋଭା ଅଗଷ୍ଟ ୧, ୨୦୨୫ରେ ମଣ୍ଟ୍ରିଆଲରେ କାନାଡିଆନ୍ ଓପନରେ ଫେଣ୍ଡିଂ ଚାମ୍ପିଅନ ଜେସିକା ପେଗୁଲାଙ୍କୁ ପରାସ୍ତ କରି ଟେନିସ୍ ଜଗତକୁ ଚକିତ କରିଥିଲେ । ଆଘାତ ଏବଂ ମାତୃତ୍ୱ ଛୁଟିରୁ ଫେରିଥିବା ୩୮୬ ନମ୍ବର ସ୍ଥାନରେ ଥିବା ସେବାସ୍ତୋଭା ଏକ ସେଟ୍ ପଛରେ ପଡ଼ିବା ପରେ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ବିପର୍ଯ୍ୟୟ ମଧ୍ୟରୁ ଗୋଟିଏରେ ୩-୬, ୬-୪, ୬-୧ ଜିତିଥିଲେ ।



ପଞ୍ଚମ ନମ୍ବର ସ୍ଥାନରେ ଥିବା ଏବଂ ଦୁଇ ଥର ଡିଫେଣ୍ଡିଂ ଚାମ୍ପିଅନ ପେଗୁଲା ଦୃଢ଼ ଆରମ୍ଭ କରିଥିଲେ । ସେ ପ୍ରଥମ ସେଟ୍ ସହଜରେ ନେଇଥିଲେ ଏବଂ ଦ୍ୱିତୀୟରେ ୨-୦ ରେ ଆଗୁଆ ଥିଲେ । କିନ୍ତୁ ସେବାସ୍ତୋଭା ଶାନ୍ତ ରହି ଧୀରେ ଧୀରେ ମ୍ୟାଚକୁ ବଦଳାଇ ଦେଇଥିଲେ । ସେ ଅଧିକ ୱିନର୍ସ ମାରିବା ଆରମ୍ଭ କଲେ ଏବଂ କମ୍ ଭୁଲ କଲେ, ଯେତେବେଳେ ପେଗୁଲା ଚାପରେ ସଂଘର୍ଷ କରିବାକୁ ଲାଗିଲେ । ମୁଁ ଜାଣିନାହିଁ । କୌଣସି ପ୍ରକାରେ, ମୁଁ ଦ୍ୱିତୀୟ ସେଟରେ ୨-୦ ପଛରେ ଥିଲି ଏବଂ ଭଲରୁ ଭଲ ଖେଳିବା ଆରମ୍ଭ କଲି । ତୃତୀୟ ସେଟ୍, ମୁଁ ପ୍ରକୃତରେ ଭଲ ଖେଳିଲି । କେବଳ ଯଥାସମ୍ଭବ କୋର୍ଟରେ ରହିବାକୁ ଚେଷ୍ଟା କରୁଛି, ମ୍ୟାଚ୍ ପରେ ସେବାସ୍ତୋଭା କହିଥିଲେ ।

## ଜୟହିନ୍ଦ୍ କ୍ଲବ ଆୟୋଜିତ ଫୁଟବଲ

### ଜୟ ଯବାନ କ୍ଲବ ବିଜୟୀ



ଝାରସୁଗୁଡା,୪।୮ (ସବ୍ୟୁ): ସ୍ଥାନିୟ ମନମୋହନ ସ୍କୁଲ ପଡିଆରେ ଜୟହିନ୍ଦ କ୍ଲବ ପକ୍ଷରୁ ୧୨ ତମ ଲିଗ କମ୍ ନକ ଆଉଟ ଫୁଟବଲ ପ୍ରତିଯୋଗିତା ସୋମବାର ୨ୟ କ୍ୱାଟର ଫାଇନାଲ ମ୍ୟାଚ ଝାଡେଶ୍ୱରୀ କ୍ଲବ ଚିତ୍ତୁଆପଡା ଓ ଜୟଯବାନ କ୍ଲବ ସରବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳରେ ୧-୦ ଗୋଲରେ ଜୟଯବାନ କ୍ଲବ ସରବାହାଲ ବିଜୟୀ ହୋଇ ୨ୟ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚରେ ଝାରସୁଗୁଡା ପୁରାତନ ବୟଜେଷ୍ଠ ଫୁଟବଲ ଖେଳାଳି ମାତାଦିନ ମୁନ୍ଦା ଓ ପୁରାତନ ଫୁଟବଲ ଖେଳାଳି କେ. ମୁଖୀ ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ । ଜୟଯବାନ କ୍ଲବ ର ଫିରୋଜ ଖାନ୍ ମ୍ୟାନ ଅଫ୍ ଦି ମ୍ୟାଚ ହୋଇ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଖେଳକୁ କାର୍ତିକ ଦାସ , ରତ୍ନାକର ଶାହା,ସୁରେଶ ଖଡିଆ , ଶରତ କିଶାନ ପ୍ରମୁଖ ପରିଚାଳନା କରିଥିଲେ ।

## ଆଉ ୫ ବର୍ଷ ଖେଳିବାକୁ ଇଚ୍ଛା: ଧୋନୀ

ଚେନ୍ନାଇ,୪।୮ (ଏଜେନ୍ସି): ଚଳିତ ବର୍ଷର ଇଣ୍ଡିଆନ୍ ପ୍ରିମିୟର ଲିଗରେ ଚେନ୍ନାଇ ସୁପର କିଙ୍ଗ୍ସର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଥିଲା । ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ଅଧିନାୟକତ୍ୱ ଥିବା ସତ୍ତ୍ୱେ ଏହି ଦଳ ବହୁତ ଖରାପ ପ୍ରଦର୍ଶନ କରିଥିଲା ଏବଂ ପଏଣ୍ଟ ଟେବୁଲର ସବୁଠାରୁ ତଳେ ଥିଲା । ଏପରିକି ଧୋନୀଙ୍କ ପ୍ରଦର୍ଶନ ବି ଖରାପ ଥିଲା । ଏହା ପରେ, ଆଇପିଏଲରୁ ଧୋନିଙ୍କ ଅବସରକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା, କିନ୍ତୁ ଏକ ସାକ୍ଷାତକାର ସମୟରେ ସେ ଏପରି ଏକ ଖୁଲାସା କରିଛନ୍ତି, ଯାହା କ୍ରିକେଟ୍ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି । ଧୋନୀ ଆହୁରି ପାଞ୍ଚ ବର୍ଷ ଖେଳିବା ଲାଗି ନିଜର ଇଛା ଥିବା କହିଥିଲେ, କିନ୍ତୁ ଏହା ସହିତ ସେ କହିଥିଲେ ଯେ ଏଥିପାଇଁ ଫିଟନେସ ରହିବା ବଡ଼ ପ୍ରଶ୍ନ । ମୋତେ ଆଗାମୀ ୫ ବର୍ଷ ପାଇଁ କ୍ରିକେଟ୍ ଖେଳିବାକୁ ଅନୁମତି ମିଳିଛି, କିନ୍ତୁ ଡାକ୍ତର କେବଳ ଦୃଷ୍ଟିଶକ୍ତି ପାଇଁ ଅନୁମତି ଦେଇଛନ୍ତି, ମୋ ଶରୀର ପାଇଁ ନୁହେଁ । ଏପରି ପରିସ୍ଥିତିରେ, ମୁଁ କେବଳ ମୋ ଆଖିକୁ ନେଇ କ୍ରିକେଟ୍ ଖେଳିପାରିବି ନାହିଁ । ଚେନ୍ନାଇରେ ଏକ କାର୍ଯ୍ୟକ୍ରମ ସମୟରେ, ମହେନ୍ଦ୍ର ସିଂହ ଧୋନିଙ୍କୁ ଆଇପିଏଲ ୨୦୨୬ରେ ଖେଳିବା ବିଷୟରେ ପ୍ରଶ୍ନ ପଚରାଯାଇଥିଲା । ଏଥିରେ ସେ କହିଥିଲେ, ମୋତେ ଆଗାମୀ ୫ ବର୍ଷ ପାଇଁ କ୍ରିକେଟ୍ ଖେଳିବାକୁ ଅନୁମତି ମିଳିଛି, କିନ୍ତୁ ଡାକ୍ତର କେବଳ ଦୃଷ୍ଟିଶକ୍ତି ପାଇଁ ଅନୁମତି ଦେଇଛନ୍ତି, ମୋ ଶରୀର ପାଇଁ ନୁହେଁ । ଏପରି ପରିସ୍ଥିତିରେ, ମୁଁ କେବଳ ମୋ ଆଖିକୁ ନେଇ କ୍ରିକେଟ୍ ଖେଳିପାରିବି ନାହିଁଛ ଅର୍ଥାତ ଧୋନୀ ପରୋକ୍ଷରେ ସୂଚାଇ ଦେଇଛନ୍ତି ଯେ ସେ ଆଇପିଏଲ ଖେଳିବାକୁ ଇଚ୍ଛୁକ ଥିଲେ ବି ଏହି ବୟସରେ ଫିଟନେସ ରକ୍ଷା କରିବା ସହଜ ନୁହେଁ ।

## ନିର୍ମଳା କନଭେଣ୍ଟ ସ୍କୁଲରେ ସିଆଇଏସସି ଗେମ୍ସ



କେନ୍ଦୁଝର,୪।୮ (ସବ୍ୟୁ): କେନ୍ଦୁଝର ସହର ମାଇନିଂ ରୋଡସ୍ଥିତ ନିର୍ମଳା କନଭେଣ୍ଟ ସ୍କୁଲରେ ରିଜିଓନାଲ ସ୍ତରରେ ଖୋ-ଖୋ ଓ ତାଇକୋଣ୍ଡ ଖେଳ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଖେଳରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଡିଏଫଓ ଧନରାଜ ଏଚଡ଼ି ଯୋଗଦାନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏଥିରେ ବାଲେଶ୍ୱର,ବ୍ରହ୍ମପୁର,ଝାରସୁଗୁଡା,ବଲାଙ୍ଗିର,କଟକ ଓ ରାଉରକେଲା ଆଦି ୬ଟି ଜୋନରୁ ପ୍ରାୟ ୨୨୮ ଜଣ ଖେଳାଳୀ ଯୋଗଦାନ କରିଥିଲେ । ୧୪ ବର୍ଷରୁ କମ,୧୭ ବର୍ଷରୁ କମ,୧୯ ବର୍ଷରୁ କମ ଏହିପରି ୩ଟି ବର୍ଗରେ ଖେଳାଳୀମାନେ ସେମାନଙ୍କର ଖେଳ ପ୍ରଦର୍ଶନ କରିଥିଲେ । ରିଜିଓନାଲ ହେଡ ସିଷ୍ଟର ଯସମେରିଆ ଙ୍କ ତତ୍ତ୍ୱାବଧାନରେ ଏବଂ ନିର୍ମଳା କନଭେଣ୍ଟ ସ୍କୁଲର ପ୍ରିନ୍ସପାଲ ସିଷ୍ଟର ମେରିଏଟ ଓ ଭାଇସ ପ୍ରିନ୍ସପାଲ ସିଷ୍ଟର ଟେସନ ଙ୍କ ସହଯୋଗରେ ଖୁବ ଶୃଙ୍ଖଳାର ସହିତ ଖେଳଗୁଡିକ ସଂପନ୍ନ ହୋଇଥିଲା । ଖେଳ ଆରମ୍ଭରେ ନିର୍ମଳା କନଭେଣ୍ଟ ସ୍କୁଲର କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ ପୌରପାଳିକାର ଅଧକ୍ଷା ନିକୁ ସାହୁ ଯୋଗ ଦେଇଥିଲେ ଏବଂ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ସ୍କୁଲର ପ୍ରିନ୍ସପାଲ ସିଷ୍ଟର ମେରିଏଟ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ । ନିର୍ମଳା କନଭେଣ୍ଟ ସ୍କୁଲ ଉକ୍ତ କାର୍ଯ୍ୟକ୍ରମଟିକୁ ଖୁବ ସୁନ୍ଦର ଭାବରେ ଆୟୋଜିତ କରିଥିଲା । ଏଥିରେ ୧୪ ଜଣ ରେଫରୀ,କୋଚ,ନିର୍ମଳା କନଭେଣ୍ଟ ସ୍କୁଲର ଖେଳ ଶିକ୍ଷକ ତଥା ଅନ୍ୟାନ୍ୟ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଖୁବ ଶୃଙ୍ଖଳିତ ଭାବରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା । ୧୯ ବର୍ଷରୁ କମ ବର୍ଗରେ ବାଲେଶ୍ୱର ଜୋନ ଚମ୍ପିଆନ ହୋଇଥିବାବେଳେ ରାଉରକେଲା ଜୋନ ପ୍ରଥମ ରନର୍ସଅପ ହୋଇଥିଲା । ସେହିପରି ୧୭ ବର୍ଷରୁ କମ ବର୍ଗରେ ବାଲେଶ୍ୱର ଜୋନ ଚମ୍ପିଆନ,ବ୍ରହ୍ମପୁର ଜୋନ ପ୍ରଥମ ରନର୍ସଅପ ଓ କଟକ ଜୋନ ଦ୍ୱିତୀୟ ରନର୍ସଅପ ହୋଇଥିଲା । ୧୪ ବର୍ଷରୁ କମ ବର୍ଗରେ ବାଲେଶ୍ୱର ଜୋନ ଚମ୍ପିଆନ,ବ୍ରହ୍ମପୁର ଜୋନ ପ୍ରଥମ ରନର୍ସଅପ ଓ ବଲାଙ୍ଗିର ଜୋନ ଦ୍ୱିତୀୟ ରନର୍ସଅପ ହୋଇଥିଲା । ତାଇକୋଣ୍ଡ ପ୍ରତିଯୋଗିତାରେ ବାଲେଶ୍ୱର ଜୋନ ୮ଟି ପଦକ ହାସଲ କରିଥିବା ଜଣାପଡିଛି ।

## ଡିସେମ୍ବରରେ ଆସିବେ ମେସି



ନୂଆଦିଲ୍ଲୀ,୪।୮ (ଏଜେନ୍ସି): ଆର୍ଜେଣ୍ଟିନାର କିମ୍ବଦନ୍ତୀ ଫୁଟବଲର୍ ଲିଓନେଲ ମେସି ଚଳିତ ବର୍ଷ ଡିସେମ୍ବରରେ ଭାରତ ଗସ୍ତରେ ଆସିବେ । ଏହି ଗସ୍ତ ବେଳେ ସେ କୋଲକାତା, ଅହମଦାବାଦ, ମୁମ୍ବାଇ ଓ ନୂଆଦିଲ୍ଲୀରେ ରହିବେ । ଏହି ଅବସରରେ ସେ କୋଲକାତାରେ ୭୦ଫୁଟ୍ ଉଚ୍ଚ ନିଜର ଏକ ପ୍ରତିମୂର୍ତ୍ତି ଅନାବରଣ କରିବା ସହ ଗୋଟ୍ କପ୍ ଇଭେଣ୍ଟରେ ଯୋଗଦେବେ । ଏହା ସହିତ ଛୋଟପିଲାଙ୍କ ସହ କିଛି ସମୟ ଅତିବାହିତ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଡିସେମ୍ବର ୧୨ ତାରିଖରେ ସେ କୋଲକାତାରେ ରାତି ୧୦ଟାରେ ପହଞ୍ଚିବେ । ଏହା ପରଦିନ ଲେକ୍ ଟାଉନ୍ ଶ୍ରୀଭୂମିସ୍ଥିତ ଭିଆଇପି ରୋଡ୍ରେ ଏହି ବିଶ୍ୱକପ୍ ବିଜେତା ଅଧିନାୟକ ନିଜର ପ୍ରଥମ ଓ ଉଚ୍ଚତମ ପ୍ରତିମୂର୍ତ୍ତି ଅନାବରଣ କରିବେ । ସେହିଦିନ ଇଡେନ୍ ଗାର୍ଡେନ୍ସରେ ୭ ସାଇଡ୍ ସଫବବଲ୍ ପ୍ରତିଯୋଗିତା ଗୋଟ୍ କପ୍ରେ ଭାଗନେବେ । ଏହି ପ୍ରତିଯୋଗିତାରେ ସେରଭ ଗାଙ୍ଗୁଲି, ଲିଆଣ୍ଡର ପେସ୍, ଜନ୍ ଆବ୍ରାହମ୍, ବାଇଚୁଙ୍ଗ ଭୁଟିଆଙ୍କ ଭଳି ତାରକାମାନେ ଅଂଶଗ୍ରହଣ କରୁଛନ୍ତି । ଏହି ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଡେନ୍ ଗାର୍ଡେନ୍ସରେ ତାଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ୧୩ ତାରିଖ ସନ୍ଧ୍ୟାରେ ମେସି ଅହମଦାବାଦ ଗସ୍ତ କରି ଆଦାନୀ ଫାଉଣ୍ଡେସନରେ ଶାନ୍ତିଗ୍ରାମ ମୁଖ୍ୟାଳୟରେ ଏକ ଘରୋଇ କାର୍ଯ୍ୟରେ ଯୋଗଦେବେ । ୧୪ରେ ମୁମ୍ବାଇ ଗସ୍ତ କରି ଭାରତୀୟ ସେଲିବ୍ରିଟିଙ୍କ ସହ କ୍ରିକେଟ୍ ଖେଳିବେ ଏବଂ ଭାରତୀୟ ଫୁଟବଲ୍ ଦଳକୁ ଭେଟିବାର ଯୋଜନା ରହିଛି । ୧୫ତାରିଖରେ ଦିଲ୍ଲୀ ଗସ୍ତରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ଏବଂ ଅରୁଣ ଜେଟ୍ଲି ଷ୍ଟାଡିୟମରେ ଫୁଟବଲର୍ ଏବଂ କୁନି ପିଲାଙ୍କ ସହ ମିଶିବାର କାର୍ଯ୍ୟକ୍ରମ ରହିଛି ।

## ସିନିୟର ହକି : ଜେଏସଡ଼ବ୍ଲୁ, ଏମଏସପି କ୍ଲବ ଯୌଥ ଚାମ୍ପିଅନ




ଝାରସୁଗୁଡ଼ା,୪।୮ (ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନ ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଆନ୍ତଃ କ୍ଲବ ହକି ସିନିୟର ପ୍ରତିଯୋଗିତା ହକି ଷ୍ଟାଡିୟମ ଏଚ.କଟାପାଲିରେ ଉଦଯାପିତ ହୋଇଯାଇଛି । ୨ୟ ଦିନରେ ୯ଟି ମ୍ୟାଚ ସକାଳ ୮ଟାରୁ ଆରମ୍ଭ ହୋଇଥିଲା । ଏହି ମ୍ୟାଚ ଗୁଡିକରେ ଝାରସୁଗୁଡା ହକି ଆସୋସିଏସନର ସମ୍ପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଜିଲ୍ଲା କ୍ରୀଡା ସଂଘର ସଂପାଦକ ତାପସରାୟ ଚଉଧୁରୀ, ବ୍ରିଜେଶ ଶର୍ମା, ସନ୍ଦିପ ଅଗସ୍ତି, ରଣଜି ସୋନା, ମୁନା ମହାନ୍ତି, ବିଷ୍ଣୁ ନାୟକ ,ସଂଜୟ ଦାସ , ସୁଶାନ୍ତ ମାଳି ଓ ଅଧ୍ୟାପକ ଟହଲୁ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ। ଅପରାହ୍ନ ୪ଟାରେ ଫାଇନାଲ ମ୍ୟାଚ ଝାରସୁଗୁଡା ଅତିରିକ୍ତ ଏସ୍.ପି ଜେମସ୍ ସାମଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବରେ ପୂର୍ବତନ ଓଡିଶା କ୍ରୀକେଟ ଆସୋସିଏସନର ସହ-ସଂପାଦକ ମେହେତାବ ଖାଁନ,ବିଜୟ ବେହେରା ଯୋଗଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ । ପ୍ରତିଯୋଗିତାରେ ସୁନ୍ଦରଗଡ ଓ ଝାରସୁଗୁଡା ଜିଲ୍ଲାର ୧୬ ଟି ପୁରୁଷ ଦଳ ଅଂଶ ଗ୍ରହଣ କରିଥିଲେ ବୋଲି ହକି ଓଡିଶାର ଉପ-ସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି ।

ସୋମବାର ଖେଳରେ ୮ଟି ମ୍ୟାଚ ଅନୁଷ୍ଠିତ ହୋଇ ଶେଷରେ ଫାଇନାଲ ମ୍ୟାଚ ସୁନ୍ଦରଗଡ ୟୁଥ କ୍ଲବ ଓ ମିଳିତ ଜେଏସଡ଼ବ୍ଲୁ ଓ ଏମଏସପି କ୍ଲବ ଝାରସୁଗୁଡା ମଧ୍ୟରେ ହୋଇଥିଲା । ଏହି ମ୍ୟାଚରେ ଉଭୟ ଦଳ ୨-୨ ଗୋଲରେ ସମାନ ସ୍ତରରେ ରହିବାରୁ ଶେଷରେ ପେନାଲଟି ସୁଟଆଉଟରେ ମିଳିତ ଜେଏସଡ଼ବ୍ଲୁ ଓ ଏମଏସପି କ୍ଲବ ଝାରସୁଗୁଡା ୧୦-୯ ରେ ବିଜୟୀ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ଏହି ଟ୍ରଫିକୁ ନାୟବ ଖାନ୍‌ଙ୍କ ସୃତି ଉଦ୍ଦେଶ୍ୟରେ ତାଙ୍କ ପୁତ୍ର ମେହେତାବ ଖାଁନ ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚରେ କ୍ଲେମେଣ୍ଟ ରୋନାଲଡ ମଞ୍ଚ ପରିଚାଳନା କରିଥିଲେ। ଫାଇନାଲ ଖେଳକୁ ଆଲିୟସ ଏକ୍କା , ଶକୁନ ନାୟକ ,ଗାୟତ୍ରୀ କିଶାନ ପମୁଖ ପରିଚାଳନା କରି ଥିଲେ ।

### ରାଜ୍ୟ କବାଡି ରେଫରୀ ପରୀକ୍ଷା

କେନ୍ଦୁଝର,୪।୮ (ସବ୍ୟୁ): କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୁଲ୍ୟରେ ରାଜ୍ୟ ସ୍ତରୀୟ କବାଡି ରେଫରୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି।ଏଥିରେ କେନ୍ଦୁଝର ସମେତ ବାଲେଶର, ଭଦ୍ରକ, ମୟୂରଭଞ୍ଜ, କଟକ, ସମ୍ବଲପୁର, ସୁନ୍ଦରଗଡ଼, ଗଞ୍ଜାମ, କୋରାପୁଟ, ଦେବଗଡ଼, ବୌଦ୍ଧ, ସୋନପୁର, ଅନୁଗୁଳ, ଝାରସୁଗୁଡ଼ା, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ଢେଙ୍କାନାଳ, ଖୋର୍ଦ୍ଧା ଆଦି ବିଭିନ୍ନ ଜିଲ୍ଲାରୁ ୧୩୦ ଜଣ ପରୀକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରାଙ୍କ ସଂଯୋଜନା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସହକାରୀ ନିର୍ଦ୍ଦେଶକ, ଶାରୀରିକ ଶିକ୍ଷା ନିର୍ଦ୍ଦେଶାଳୟ ଜ୍ୟୋତି ପ୍ରସାଦ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ କବାଡି ସଂଘ ସଂପାଦକ ଅଜୟ କୁମାର ବେହେରା, ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି,କୋଷାଧକ୍ଷ ବିକ୍ରମ କୁମାର ପ୍ରଧାନ,ଡି.ଏନ. ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟପ୍ରକାଶ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ଉଦଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି,ରାଜ୍ୟ କବାଡି ସଂଘ ଉପାଧକ୍ଷ ପୃଥ୍ୱୀରାଜ ପଟ୍ଟନାୟକ ଓ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଡା.ଜନାର୍ଦ୍ଦନ ଦାଶ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ ।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି